ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫି

୮-୦ରେ ଦକ୍ଷିଣ କୋରିଆକୁ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୨୭୪ ● ୪ ନଭେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-274 ● 4th November 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

୧୮ଟି ଏମ୍‌ଓୟୁ ସ୍ୱାକ୍ଷରିତ

ସ୍ୱଚ୍ଛ ଶକ୍ତିରେ ଓଡ଼ିଶାକୁ ଆସିବ ୧.୧୭ ଲକ୍ଷ କୋଟିର ପୁଞ୍ଜିନିବେଶ

ନୂଆଦିଲ୍ଲୀ, ୩।୧୧

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'ରେ ଓଡ଼ିଶା ୧୮ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବା ସହ ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ।

ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏତେ ବଡ ପୁଞ୍ଜିନିବେଶକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ କରିବା ଦିଗରେ ଓଡିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରୀଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍‌ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ। ଏହାପରେ "ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ" ଶୀର୍ଷକ ରାଜ୍ୟସ୍ତରୀୟ *(ପୃଷ୍ଠା ୭ରେ)*

ଗଜପତି ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ଟିମ୍‌ର ଅନୁଧ୍ୟାନ

ଗଜପତି, ୩।୧୧

ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ'ରେ କ୍ଷତିଗ୍ରସ୍ତ ଗଜପତି ଜିଲ୍ଲାରେ ୮ ଜଣିଆ କେନ୍ଦ୍ରୀୟ ଟିମ୍ ପହଞ୍ଚିବା ପରେ ବିଭିନ୍ନ ଅଞ୍ଚଳ ବୁଲି କ୍ଷୟକ୍ଷତିର ବାସ୍ତବ ସ୍ଥିତି ପରଖିଛନ୍ତି । କେଉଁଠି ଚାଷ ନଷ୍ଟ ହୋଇଛି ତ ଆଉ କେଉଁଠି ଧୋଇଯାଇଛି ପୋଲ, ଭାଙ୍ଗିଛି କଲଭର୍ଟ । ଆସନ୍ତା ଏକ ସପ୍ତାହ ମଧ୍ୟରେ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲର ମରାମତି କରି ଯୋଗାଯୋଗ ସ୍ୱାଭାବିକ କରିବା ଉପରେ କେନ୍ଦ୍ରୀୟ ଟିମ୍ ଆଲୋଚନା କରିଛନ୍ତି।

ସେମାନେ ପ୍ରଥମେ ରାୟଗଡ଼ା ବ୍ଲକର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ଆର. ଉଦୟଗିରି ବ୍ଲକର ମକାପଦାରେ ପହଞ୍ଚିଥିଲେ । ସେଠାରେ ମକା ଓ ଧାନ ଚାଷର କ୍ଷୟକ୍ଷତି ଆକଳନ କରିଥିଲେ ।

ସେହିପରି ମୋହନା ବ୍ଲକର ଗୁଣ୍ଡିଗୁଡ଼ାରେ ଧୋଇଯାଇଥିବା ପୋଲ, ଖାରିଗୁଡ଼ାରେ କ୍ଷତିଗ୍ରସ୍ତ କଲଭର୍ଟ ଏବଂ ଲେଡ଼ବନ୍ଧ ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥର କ୍ଷତିଗ୍ରସ୍ତ ଅଂଶ ବୁଲି ଦେଖିଥିଲେ କେନ୍ଦ୍ରୀୟ ଟିମ୍। ଗ୍ରାଉଣ୍ଡରେ କ୍ଷୟକ୍ଷତିର ବାସ୍ତବ ଚିତ୍ର ଦେଖିବା ସହ ପୁନରୁଦ୍ଧାର କାର୍ଯ୍ୟ ନେଇ ସ୍ଥାନୀୟ ଅଧିକାରୀଙ୍କ ସହ ସେମାନେ ଆଲୋଚନା କରିଥିଲେ।



ଆସନ୍ତା ଏକ ସପ୍ତାହ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲର ମରାମତି କରି ଯୋଗାଯୋଗ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ ସେମାନେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସମସ୍ତ କ୍ଷୟକ୍ଷତିର ବିସ୍ତୃତ ତଥ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କେନ୍ଦ୍ରୀୟ ଟିମର ଅଧିକାରୀ କହିଛନ୍ତି।

ଆଜି ବନକଲାଗି ନୀତି

୪ଘଣ୍ଟା ବନ୍ଦ ରହିବ ଶ୍ରୀଜୀଉଙ୍କ ଦର୍ଶନ

ପୁରୀ, ୩।୧୧ : ନ୍ୟୁଜ୍ ବ୍ୟୁରୋ

ବୁଧବାର କାର୍ତ୍ତିକ କୃଷ୍ଣପକ୍ଷ ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଆଜିର ମୁଖ୍ୟ ଖବର

- ଉତ୍ତରାଖଣ୍ଡର କେଦାରତାଳ ହିମସ୍ଖଳନରେ ନିଖୋଜ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର, ଏବେ ବି ୬ ଜଣଙ୍କୁ ଖୋଜା ଜାରି।
- ସାଇବର ଠକେଇ ଅଭିଯୁକ୍ତ ଶେଖ ସାବିର କୋଲକାତା ବିମାନବନ୍ଦରରୁ ଗିରଫ।
- ଦଳରୁ ଇସ୍ତଫା ଦେଲେ ଶ୍ରୀନଗରର ନ୍ୟାସନାଲ କନଫରେନ୍ସ ସାଂସଦ ରୁହୁଲ୍ଲା।
- ଛତିଶଗଡ଼ ଗସ୍ତରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୬୪ (+୨୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୮୦୦ (+୨୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୪୫୩ (+୨୦)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୦ (+୦)

ଏକାଳ ପଖାଳ



ଆନ୍ଧ୍ର ପୋଲିସ୍ ବହୁତ ଉଛୁଳେ
କରୁଅଛି ଧସ୍ତାଧସ୍ତି
ଓଡ଼ିଶା ପୋଲିସି ଧକ୍କା ମାରିକି
ଆନ୍ଧ୍ରକୁ ଦେଇଛି ଶାସ୍ତି
କରନାହିଁ ଜମା ମସ୍ତି
ଇଞ୍ଚେବି ଜାଗା ଓଡ଼ିଶା ଦେବନି
ଦମ୍ ଅଛି କର କୁସ୍ତି।

ୟୁକ୍ରେନ ଉପରେ ଋଷର ବୋମା ମାଡ : ୨୬ ମୃତ

କିଭ୍, ୩।୧୧

ଋଷ ଦକ୍ଷିଣ ୟୁକ୍ରେନରେ ଏକ ସହାୟତା ବଣ୍ଟନ କେନ୍ଦ୍ର ଏବଂ ନିକଟବର୍ତ୍ତୀ ଆଶ୍ରୟସ୍ଥଳ ଉପରେ ବୋମା ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ଘଟିଛି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଟ୍ୱିଟରରେ ଏକ ପୋଷ୍ଟରେ ଏହା ଘୋଷଣା କରିଛନ୍ତି। ଜେଲେନ୍ସ୍କି କହିଛନ୍ତି ଯେ ଆକ୍ରମଣଗୁଡ଼ିକ ପ୍ରଥମେ ମାନବିକ ସହାୟତା ବଣ୍ଟନ ପାଇଁ ବ୍ୟବହୃତ ଏକ ସ୍କୁଲ କୋଠାକୁ ଟାର୍ଗେଟ କରିଥିଲା ଏବଂ ତା'ପରେ ନିକଟସ୍ଥ ଏକ ଆଶ୍ରୟସ୍ଥଳକୁ ଟାର୍ଗେଟ କରିଥିଲା। ଜେଲେନ୍ସ୍କି କହିଛନ୍ତି, "ଏହା ଆହୁରି ପ୍ରମାଣ ଯେ ଋଷ ଉତ୍ତେଜନା ହ୍ରାସ କରିବାକୁ ଚାହୁଁନାହିଁ।"

ଦକ୍ଷିଣ ଜାପୋରିଝିଆ ଅଞ୍ଚଳର କୋମିଶୁଭାଖାରେ ଆକ୍ରମଣ ଦେଶର ଦକ୍ଷିଣରେ ଥିବା ଖେରସନ ଅଞ୍ଚଳରେ ଏକ ସୀମିତ ଯୁଦ୍ଧବିରତି ସମାପ୍ତ ହେବାର କିଛି ଦିନ ପରେ ହୋଇଥିଲା। ଏହି ସୀମିତ ଯୁଦ୍ଧବିରତି ଚୁକ୍ତିନାମା ମାନବିକ ସହାୟତା ବିତରଣ ଏବଂ ଋଷ ଦଖଲ ଅଧୀନସ୍ଥ *(ପୃଷ୍ଠା ୭ରେ)*



କୋଟିଆ ଜଗିବେ ସବୁ ଦଳର ନେତା

ନିର୍ବାଚନକୁ ବିରୋଧ ପାଇଁ ଏକାଠି

ଭୁବନେଶ୍ୱର, ୩।୧୧

ନ୍ୟୁଜ୍ ବ୍ୟୁରୋ

ଆନ୍ଧ୍ର ପ୍ରଦେଶ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କୋଟିଆରେ ଦୁଇ ରାଜ୍ୟର ପୋଲିସ୍ ମୁହାଁମୁହିଁ ହେବା ଘଟଣାରେ ପ୍ରତିକ୍ରିୟା ରଖି ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, କେହି ଏହାକୁ ଅଲଗା କରିପାରିବେନି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରି ଆନ୍ଧ୍ର ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି। ଆନ୍ଧ୍ର ବିରୋଧରେ ଆମେ ସୁପ୍ରିମକୋର୍ଟ ଯାଇଛୁ। କୋଟିଆ ପ୍ରସଙ୍ଗରେ ସବୁ ଦଳର ନେତା ବି ଏକଜୁଟ୍ ଅଛନ୍ତି। ୨୦୨୧ ନିର୍ବାଚନରେ ଆନ୍ଧ୍ର କୋଟିଆରେ ପୋଲିଂ ବୁଥ୍ କରିଥିଲା। କିନ୍ତୁ ଓଡ଼ିଶାର ବିରୋଧ ପରେ ଆନ୍ଧ୍ର ଏଥର କୋଟିଆରେ ପୋଲିଂ ବୁଥ୍ କରିନି।



ସେପଟେ ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି ଓଡ଼ିଶା ପୋଲିସ । ଚେକପୋଷ୍ଟ କରାଯିବା ସହ ୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ଆନ୍ଧ୍ରରୁ ଆସିଥିବା ଚାଉଳ ଗାଡ଼ିକୁ ଫେରାଇ ଦିଆଯାଇଥିବା ବେଳେ ଆନ୍ଧ୍ରର ଅଧିକାରୀଙ୍କୁ ମଧ୍ୟ ଫେରାଇ ଦିଆଯାଇଛି ।

କୋଟିଆରେ ଆନ୍ଧ୍ରର ନିର୍ବାଚନୀ ଉଦ୍ୟମକୁ ନେଇ ତତ୍ପର ହୋଇଛି ଓଡ଼ିଶା ପ୍ରଶାସନ । ଏହାକୁ ବିରୋଧ କରିବାକୁ କୋରାପୁଟରେ ଏକାଠି ହୋଇଛନ୍ତି ସବୁ ରାଜନୈତିକ ଦଳ। ନିର୍ବାଚନ ଦିନ କୋଟିଆରେ ରହି ଏହି ନିର୍ବାଚନକୁ ବିରୋଧ କରିବେ ନେତା, ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ସାମାଜିକ ସଂଗଠନ ।

ଅନ୍ୟପଟେ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରିଛି ପୋଲିସ । ଚେକପୋଷ୍ଟ ସ୍ଥାପନ ସହ ୮ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି । ଗତ ନିର୍ବାଚନରେ କୋଟିଆ ଭିତରେ ବୁଥ୍ କରାଯାଇଥିବା ବେଳେ ଚଳିତଥର କୋଟିଆ ବାହାରେ ଆନ୍ଧ୍ର ଅଞ୍ଚଳରେ ପୋଲିଂ ବୁଥ୍ କରାଯାଇଛି । ଏହି ପ୍ରସଙ୍ଗରେ ଓଡ଼ିଶା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କୋଟିଆ ବିବାଦ *(ପୃଷ୍ଠା ୭ରେ)*

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ସହାୟତାର ଆଶ୍ୱାସନା ଦେଲେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ, ୩।୧୧

ଆନ୍ଧ୍ରପ୍ରଦେଶରେ ସାମୁଦ୍ରିକ ଝଡ଼ 'ମୁରାସୁ' ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଓ ଏହାର ପ୍ରଭାବ ସମ୍ପର୍କରେ କେନ୍ଦ୍ରୀୟ ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ରାଜ୍ୟର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଓ ସମର୍ଥନ ଯୋଗାଇ ଦିଆଯିବ ବୋଲି ଶାହ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ଣ୍ଣ ଆଶ୍ୱାସନା ଦେଇଛନ୍ତି।

ଏନେଇ ଅମିତ ଶାହ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି ଯେ, ଜାତୀୟ ବିପର୍ଯ୍ୟୟ *(ପୃଷ୍ଠା ୭ରେ)*

ବାତ୍ୟା କ୍ଷୟକ୍ଷତି ମୁକାବିଲା : ୪ ଆଇଏଏସ୍‌ଙ୍କୁ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୩।୧୧

ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ଯୋଗୁ ଲଗାଣ ବର୍ଷା ଏବଂ ତା' କାରଣରୁ ଆସିଥିବା ବନ୍ୟା ପ୍ରଭାବରେ ବିଶେଷ ଭାବେ ପ୍ରଭାବିତ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ସହିତ ସମ୍ପ୍ରତି ଲ୍ୟାଣ୍ଡଫଲ୍ କରିସାରିଥିବା ବାତ୍ୟା 'ମୁରାସୁ' ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ବିସ୍ତୃତ ସମୀକ୍ଷା କରିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି, ସୋମବାର ବିଳମ୍ବିତ ରାତିରେ ବାତ୍ୟା 'ମୁରାସୁ' ଆନ୍ଧ୍ର ପ୍ରଦେଶରେ ପ୍ରବେଶ କରି ସାରିଛି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ତଳକୁ ଅଛି ଏବଂ ଆଗକୁ ବଢ଼ୁଛି। ଏହା କ୍ରମଶଃ ଆଗକୁ ବଢି ତେଲେଙ୍ଗାନା ପଟକୁ ମୁହାଁଇବ। ଏହାର ପ୍ରଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ବିଶେଷ ଭାବରେ ପ୍ରଭାବିତ ହୋଇନାହିଁ । ସଦ୍ୟ ପ୍ରାପ୍ତ ସୂଚନା ଅନୁଯାୟୀ ଗତ ଚବିଶ ଘଣ୍ଟାରେ ସାରା ରାଜ୍ୟରେ ହାରାହାରି ୨ ମିମି ବର୍ଷା ହୋଇଛି। ପୁରୀରେ ୧୨ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରି, କୋରାପୁଟ, ଗଞ୍ଜାମ ଜିଲ୍ଲାରେ ୧୦ ମିମି କିମ୍ବା ତା'ଠୁଁ କମ୍ ବର୍ଷା ହୋଇଛି ।

ରାଜ୍ୟସରକାର ସମ୍ପୂର୍ଣ୍ଣ ପରିସ୍ଥିତି ନିରୀକ୍ଷଣ କରୁଛନ୍ତି ଏବଂ ସମସ୍ତ ପ୍ରକାର ପରିସ୍ଥିତି ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧,୫୨,୦୧୦ ଜନସାଧାରଣ ସ୍ଥାନାନ୍ତରିତ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୬୨୦, ମାଲକାନଗିରି ଜିଲ୍ଲାରେ ୫୦୭୩, କୋରାପୁଟ ଜିଲ୍ଲାରେ ୧୧୦୧, କନ୍ଧମାଳ ଜିଲ୍ଲାରେ ୬୨୬୯, ରାୟଗଡ଼ା ଜିଲ୍ଲାରେ ୭୩୬ ; ଏହିପରି ଭାବେ ସର୍ବମୋଟ୍ ପ୍ରାୟ ୧,୬୫,୮୦୯ ଜଣ ସ୍ଥାନାନ୍ତରିତ ହୋଇଛନ୍ତି। ସେହିପରି ବର୍ତ୍ତମାନ ଉପରୋକ୍ତ ଜିଲ୍ଲାଗୁଡିକରେ ସର୍ବମୋଟ ପ୍ରାୟ ୫୯୨ ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ରହିଛି । ସେହିପରି ସମ୍ପୃକ୍ତ ଜିଲ୍ଲା ଗୁଡିକରେ ପ୍ରାୟ ୫୪ ଓଡ୍ରାଫ, ୯ ଏନ୍‌ଡିଆରଏଫ ଏବଂ ୧୦୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ ସେବା ବାହିନୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ କ୍ଷେତ୍ର ସ୍ତରରେ ସମ୍ପୂର୍ଣ୍ଣ ଭାବେ *(ପୃଷ୍ଠା ୭ରେ)*

ବାତ୍ୟା ମୁରାସୁ'ର ପ୍ରଭାବ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୩।୧୧

ନ୍ୟୁଜ୍ ବ୍ୟୁରୋ

ବାତ୍ୟା ମୁରାସୁର ପ୍ରଭାବ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ । ଏସଆରସି ଏବଂ ଅଗ୍ନିଶମ ଡିଜିଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ମୁଖ୍ୟ ଶାସନ ସଚିବ। ବୈଠକ ପରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା ହୋଇଛି। ଏଯାଏଁ ପ୍ରଭାବ ନାହିଁ। କିଛି ଜାଗାରେ ଝିପିଝିପି ବର୍ଷା ହେଉଛି । ସେମିତି ଅଧିକ ପ୍ରଭାବ ଦେଖାଯାଉନି । କିନ୍ତୁ ଆଗୁଆ ପ୍ରସ୍ତୁତି ଅନୁଯାୟୀ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। କଣ୍ଟ୍ରୋଲ *(ପୃଷ୍ଠା ୭ରେ)*



ନିର୍ଦ୍ଦିଷ୍ଟ କୃତ୍ରିମ ଲକ୍ଷ୍ୟକୁ ସଠିକ୍ ଭାବେ ଧ୍ୱଂସ କଲା ଅତ୍ୟାଧୁନିକ କ୍ଷେପଣାସ୍ତ୍ର



ଚାନ୍ଦିପୁର, ୩।୧୧

ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନର ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ମଙ୍ଗଳବାର ଏକ ଅତ୍ୟାଧୁନିକ କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷା ହୋଇଛି। ୩ ନଂ ଲଞ୍ଚପ୍ୟାଡରୁ ପୂର୍ବାହ୍ନ ୧୧ଟା ୧୯ ମିନିଟରେ ଏହି ଉତ୍‌କ୍ଷେପଣ କରାଯାଇଛି। ଏହି କ୍ଷେପଣାସ୍ତ୍ରଟି ନିଜର ସମସ୍ତ ଲକ୍ଷ୍ୟ ହାସଲ କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଥିବା ନେଇ ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହା ଦେଶର ପ୍ରତିରକ୍ଷା ଶକ୍ତିକୁ ମଜଭୁତ କରିବାରେ ସହାୟକ ହେବ।

ଆଇଟିଆରର ଲଞ୍ଚପ୍ୟାଡ୍-୩ରୁ ଏହି ପରୀକ୍ଷଣ କରାଯାଇଥିଲା। କ୍ଷେପଣାସ୍ତ୍ରଟି ଆକାଶ ମାର୍ଗରେ ଗତି କରି ବଙ୍ଗୋପସାଗର ମଧ୍ୟରେ ଥିବା ଏକ ନିର୍ଦ୍ଦିଷ୍ଟ କୃତ୍ରିମ ଲକ୍ଷ୍ୟକୁ ସଠିକ୍ ଭାବେ ଧ୍ୱଂସ କରିଥିଲା। ପରୀକ୍ଷଣ ସମୟରେ ଏହାର ଗତିପଥ ତଥା କାର୍ଯ୍ୟଦକ୍ଷତାକୁ ରାଡାର, ଇଲେକ୍ଟ୍ରୋ-ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ ଏବଂ ଟେଲିମେଟ୍ରି ଷ୍ଟେସନ ମାଧ୍ୟମରେ ଅନୁଧ୍ୟାନ କରାଯାଇଥିଲା। ଏହି ପରୀକ୍ଷଣର ସମସ୍ତ ମାନଦଣ୍ଡ ଶତପ୍ରତିଶତ ସଫଳ ହୋଇଥିବା ଡିଆରଡିଓ ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ସମ୍ପୂର୍ଣ୍ଣ ସ୍ୱଦେଶୀ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର ୦୪ ନଭେମ୍ବର ୨୦୨୬ ବୁଧବାର



ନିଜ ଦାୟିତ୍ୱ ପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଜି. ଇ -୧ କକ୍ଷରେ ଦୁର୍ନୀତି ନିବାରଣ ବିଭାଗ, କେନ୍ଦୁଝର ଶାଖା ସହଯୋଗ ରେ'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଯାହାର ମୂଳ ଲକ୍ଷ୍ୟ ହେଉଛି 'ସାଧୁତାରୁ ସମୃଦ୍ଧି'। ଯେଉଁଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ସଭାରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରଭୁ ପ୍ରସାଦ ଦାସ ତାଙ୍କ ଅନୁଭୂତି ମୂଳକ ଅଭିବ୍ୟକ୍ତିରେ ସାଧୁତାର ମୂଲ୍ୟ କେତେ ଗୁରୁତ୍ୱ ପୂର୍ଣ୍ଣ ତତ୍ ସମ୍ପର୍କରେ ଆଲୋଚନା କରିଥିଲେ। କୁଳସଚିବ ପ୍ରଭାତି ପୃଷ୍ଟି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସାଧୁତା ଗୋଟିଏ ରାଷ୍ଟ୍ରକୁ ସୁରକ୍ଷା ଦେବା ସହିତ ପ୍ରଗତି ପଥରେ ଆଗକୁ ନେବାରେ ସାହାଯ୍ୟ କରିଥାଏ। ଛାତ୍ର ମଙ୍ଗଳ ଅଧିକାରୀ ସହକାରୀ ପ୍ରଧାପକ ବିଜୟ କୁମାର ବେହେରା ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ଆମେ ଆମ ବିବେକ ଦ୍ୱାରା ପରିଚାଳିତ ହୋଇ ଦାୟିତ୍ୱ ପ୍ରତି ଯତ୍ନ ବାନ୍ ହୋଇ କାର୍ଯ୍ୟ କଲେ ସଫଳ ନାଗରିକ ହୋଇପାରିବା । ଏହାପରେ ଦୁର୍ନୀତି ନିବାରଣ ଅଫିସର୍ ସୁଧାଂଶୁ ଶେଖର ପୂଜାରୀ ତାଙ୍କ ଅଭିଭାଷଣରେ ଆମ ଦୈନନ୍ଦିନ ଜୀବନରେ କିପରି ଛୋଟ ଛୋଟ କିଣା ବିକାରେ କିପରି ଠକାମିରେ ଶିକାର ନ ହୋଇ ସଚେତନ ସହ ଦୁର୍ନୀତି କୁ ବିରୋଧ କରିପାରିବା ତତ୍ ସଂପର୍କରେ ମତ ରଖିଥିଲେ । ଏହାପରେ ବିଶ୍ୱବିଦ୍ୟାଳୟର କୁଳପତି ତାଙ୍କ ମନ୍ତବ୍ୟରେ କହିଥିଲେ ଯେ ବ୍ୟକ୍ତି ଯେତେବେଳେ ନୈତିକତା ଓ ଆଦର୍ଶବୋଧରୁ ଦୂରେଇ ଯାଏ ସେଠାରେ ଦୁର୍ନୀତି ହୋଇଥାଏ ଫଳରେ ସାଧାରଣ ମଣିଷ ଜୀବନରେ ବିପର୍ଯ୍ୟୟ ଘଟିଥାଏ। ଏଣୁ ଏହି ଦୁର୍ନୀତି ରୂପକ ମାନସିକ ରୋଗକୁ ଦୂରେଇ ପାରିଲେ ଏବଂ ବ୍ୟକ୍ତି ଜୀବନକୁ ଛାଡ଼ି ସାମାଜିକ ଜୀବନ ପ୍ରତି ଯତ୍ନବାନ ହେଲେ ଓ ଚେତନାକୁ ଜାଗ୍ରତ କରାଇପାରିଲେ ନିଶ୍ଚିତ ଉନ୍ନତି କରିପାରିବା। ନୃତତ୍ତ୍ୱ ବିଭାଗର ଅଧ୍ୟାପିକା ଡ଼କ୍ଟର ସରିତା ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅଭିଭାଷଣ ସହକାରୀ ପ୍ରଧ୍ୟାପକ ଶୁକଦେବ ତିରିଆ ରଖିଥିଲେ। ଏହି ସଭାରେ ବିଶ୍ୱବିଦ୍ୟାଳୟରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଅସହାୟ ବୃଦ୍ଧଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଗ୍ରାମରେ ରହୁଥିବା ଅସହାୟ ବୃଦ୍ଧ ବିଶ୍ୱମ୍ବର ଭୋଇଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ତାଙ୍କର ପ୍ରିୟ ପରିଜନ କେହି ନଥିବାରୁ ସେହି ଗ୍ରାମର ପିତାମ୍ବର ପାଣିଗ୍ରାହୀ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ବଟୁପାଲି ବୌଦ୍ଧର ସଂଯୋଜକ ରାମଚନ୍ଦ୍ର ମେହେର ଓ ବିକାଶ ମେହେରଙ୍କୁ ଜଣେଇବା ପରେ ସଂଗଠନର ସଦସ୍ୟ ସନ୍ତୋଷ ମେହେର, ରମେଶ ପ୍ରଧାନ, ଇନ୍ଦ୍ରମଣି ମେହେର, ଜିତେନ୍ଦ୍ର କୁମାର ମେହେରଙ୍କ ସହିତ ସେହି ଗ୍ରାମର ହୃଷିକେଶ ପ୍ରଧାନ ଓ ପିତାମ୍ବର ପାଣିଗ୍ରାହୀଙ୍କ ସହଯୋଗରେ ସରସରା ମଶାଣିରେ ଶବ ସତ୍କାର କରିଥିଲେ।



ବାଲ୍ୟବିବାହ ନିଷେଧ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ସୁଜାତା ପାଣିଗ୍ରାହୀ ଓ ତାଙ୍କ ଟିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। ସମ୍ବଳ ବ୍ୟକ୍ତି ସୁନୀତା ତ୍ରିପାଠୀ ବାଲ୍ୟ ବିବାହ ନିଷେଧ ଆଇନର ବିଭିନ୍ନ ଦିଗ, ଆଇନଗତ ବ୍ୟବସ୍ଥା ଓ ଏହାର ନିରାକରଣ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗଦେଇ ବାଲ୍ୟ ବିବାହ ରୋକିବା, ଜନସଚେତନତା ବୃଦ୍ଧି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଆଲୋଚ୍ନା କରିଥିଲେ। ବାଲ୍ୟ ବିବାହମୁକ୍ତ ଜିଲ୍ଲା ଗଠନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।



ନିୟମିତ ସଞ୍ଚୟ ଦ୍ୱାରା ଭବିଷ୍ୟତ ସୁରକ୍ଷିତ ହୋଇପାରିବ : ଜିଲ୍ଲାପାଳ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଶାଖା ପକ୍ଷରୁ ସୋନପୁର ବ୍ଲକ୍ ସମ୍ମିଳନୀ କକ୍ଷଠାରେ ବିଶ୍ୱ ମିତବ୍ୟୟିତା ଦିବସ ବା ବିଶ୍ୱ ସଞ୍ଚୟ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦେବାଶିଷ ସିଂହ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଏଲ୍‌ଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା, ଡାକଘରର ପୋଷ୍ଟମାଷ୍ଟର ପ୍ରହଲ୍ଲାଦ ପାଢ଼ୀ, ଅତିରିକ୍ତ ବିଡିଓ ପୁରୁଷୋତ୍ତମ ଧରୁଆ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନଙ୍କ ସମେତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ, ଛାତ୍ରଛାତ୍ରୀ, ଅନ୍ୟାନ୍ୟ ଅଧିକାରୀ ଓ ଜନସାଧାରଣ ଯୋଗଦେଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯୁଗଳ କିଶୋର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ଏହି ଅବସରରେ ଜିଲ୍ଲାପାଳ ସିଂହ କହିଥିଲେ ଯେ, ଦୈନନ୍ଦିନ ଜୀବନରେ ଅଳ୍ପ ଅଳ୍ପ ଅର୍ଥ ସଞ୍ଚୟ କରିବାର ଅଭ୍ୟାସ ଗଢ଼ିତୋଳିବା ଆବଶ୍ୟକ। ନିୟମିତ ଭାବେ ସାମାନ୍ୟ ଅର୍ଥ ସଞ୍ଚୟ କଲେ ତାହା ଭବିଷ୍ୟତରେ ଏକ ବଡ଼ ପୁଞ୍ଜିରେ ପରିଣତ ହୋଇପାରିବ। ଏହାଦ୍ୱାରା ଉଚ୍ଚଶିକ୍ଷା ସମେତ ଭବିଷ୍ୟତର ବିଭିନ୍ନ ଆବଶ୍ୟକତା ପୂରଣ କରିବା ସହଜ ହୋଇପାରିବ। ସେହିପରି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଭବିଷ୍ୟତର ଆବଶ୍ୟକତା, ବିଶେଷକରି ଝିଅମାନଙ୍କ ଶିକ୍ଷା ଓ ସୁରକ୍ଷିତ ଭବିଷ୍ୟତ ପାଇଁ ନିୟମିତ ସଞ୍ଚୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ସେ ସୁକନ୍ୟା ସମୃଦ୍ଧି ଯୋଜନାର ବିଭିନ୍ନ ସୁବିଧା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଏଲ୍‌ଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା ଲୋକମାନଙ୍କୁ ଘରେ ଅର୍ଥ ରଖିବା ପରିବର୍ତ୍ତେ ବ୍ୟାଙ୍କ ଓ ଡାକଘରର ବିଭିନ୍ନ ସଞ୍ଚୟ ଯୋଜନାରେ ଜମା କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସଞ୍ଚିତ ଅର୍ଥ ଉପରେ ସୁଧ ମିଳିବା ସହ ଅର୍ଥ ବୃଦ୍ଧିର ସୁଯୋଗ ମିଳିଥାଏ ବୋଲି ସେ କହିଥିଲେ। ଡାକଘରର ପୋଷ୍ଟମାଷ୍ଟର ପ୍ରହଲ୍ଲାଦ ପାଢ଼ୀ ଡାକଘର ମାଧ୍ୟମରେ ଉପଲବ୍ଧ ବିଭିନ୍ନ ସଞ୍ଚୟ ଯୋଜନା ଏବଂ ସେଗୁଡ଼ିକର ସୁବିଧା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ ସଞ୍ଚୟର ଆବଶ୍ୟକତା ସହିତ ସାଇବର ଠକେଇ ପ୍ରତି ସଚେତନ ରହିବା ଏବଂ ନିଜ କଷ୍ଟୋପାର୍ଜିତ ଅର୍ଥକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ମାରାଥନ୍ ରାଲି

ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ ଏକ ମାରାଥନ୍ ରାଲି ଆୟୋଜିତ ହୋଇଥିଲା। ଏହି ରାଲି ପବ୍ଲିକ ସ୍କୁଲ ଠାରେ ଆରମ୍ଭ ହୋଇ ଷ୍ଟେସନ ଛକ, ଏଫ୍‌ଏମ୍ ଗୋଲେଇ, ଫାଣ୍ଡି ଛକ ଦେଇ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ରାଲି ମାଧ୍ୟମରେ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହ ସମାଜରେ ସ୍ୱଚ୍ଛତା, ସଚ୍ଚୋଟତା ଓ ନୈତିକତାର ମୂଲ୍ୟବୋଧକୁ ପ୍ରସାର କରିବାର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ, ଭିଜିଲାନ୍ସ ଡିଏସପି ସିକନ୍ଦର ହେମ୍ବ୍ରମ, ଭିଜିଲାନ୍ସ ଇନ୍ସପେକ୍ଟର ନବ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲିକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । ତାଙ୍କ ସହିତ ବାଲେଶ୍ୱର ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।



ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପାଇଁ ପ୍ରଶିକ୍ଷଣ

ବାଲେଶ୍ୱର, ନ୍ୟୁଜ୍

ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଜନଗଣନା ୨୦୨୭ ର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଡେପୁଟି ଜିଲ୍ଲାପାଳ ପ୍ରବୋଧ କୁମାର ମଲିକ, ସହାୟକ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷ, ଜନଗଣନା ସହାୟକ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ଦାୟିତ୍ୱପ୍ରାପ୍ତ ଅଧିକାରୀ ମହେନ୍ଦ୍ର ମହାଳିକ, ଜନଗଣନା ପରାମର୍ଶଦାତା ଦୟାନିଧି ନାୟକ, ବାଲେଶ୍ୱର ଜିଲ୍ଲାର ସମସ୍ତ ତହସିଲଦାର ଓ ଅତିରିକ୍ତ ତହସିଲଦାର, ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୧୦ ଜାନୁଆରୀ ରୁ ୨୪ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ସ୍ୱୟଂ ଗଣନା ରହିଥିବା ବେଳେ ୨୫ ଜାନୁଆରୀ ରୁ ୨୮ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା କରାଯିବ ପାଇଁ ନିଷ୍ପତ୍ତି ନିଆଯାଇଛି। ଜନଗଣନାକାରୀମାନେ ଘରକୁ ଘର ବୁଲି ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା କାର୍ଯ୍ୟ କରିବେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ପରିବାର ଓ ବ୍ୟକ୍ତିଙ୍କ ସମ୍ପର୍କରେ ନିର୍ଦ୍ଧାରିତ ପ୍ରଶ୍ନାବଳୀ ଅନୁସାରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯିବ। ଏହି ପର୍ଯ୍ୟାୟରେ ମୋଟ ଜନସଂଖ୍ୟା, ପରିବାରର ଗଠନ, ବୟସ, ଲିଙ୍ଗ, ଶିକ୍ଷା, ବୃତ୍ତି ଓ ଅନ୍ୟାନ୍ୟ ନିର୍ଦ୍ଧାରିତ ଜନସଂଖ୍ୟା ବିଷୟ ସମ୍ପର୍କରେ ୪୦ ପ୍ରଶ୍ନ ଉପରେ ତଥ୍ୟ ହାସଲ କରାଯିବ। ଏହି ତଥ୍ୟ ଆଧାରରେ ସରକାର ଦେଶର ବର୍ତ୍ତମାନର ଆବଶ୍ୟକତା ଓ ଭବିଷ୍ୟତର ଆହ୍ୱାନକୁ ଚିହ୍ନଟ କରିପାରିବେ।



'କଂଗ୍ରେସର ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ସୋନପୁର ସର୍କିଟ ହାଉସ ଠାରେ 'ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଶ୍ରୀ ମନୋଜ ରଜିନୀ, ପିସିସି ଉପ-ସଭାପତି ତଥା ବଲାଙ୍ଗୀର ଲୋକସଭା ଦାୟିତ୍ୱରେ ଥିବା ଡ. ଲଲାଟେନ୍ଦୁ ମହାପାତ୍ର, ପିସିସି ସାଧାରଣ ସମ୍ପାଦିକା ତଥା ସୁବର୍ଣ୍ଣପୁର ଜିଲ୍ଲା ଦାୟିତ୍ୱରେ ଥିବା ରୂପାଦୀପ୍ତା ମହାପାତ୍ର, ପିସିସି ମିଡିଆ ସେଲ ଚେୟାରମ୍ୟାନ ଅରବିନ୍ଦ ଦାସ, ପିସିସି ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଏବଂ ଜିଲ୍ଲା କଂଗ୍ରେସ ସଭାପତି ବିନୋଦ ପାତ୍ର ଉପସ୍ଥିତ ଥିଲେ। ସମ୍ମିଳନୀରେ ବକ୍ତାମାନେ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ଆୟୋଗ ଦ୍ୱାରା କରାଯାଉଥିବା ସ୍ୱତନ୍ତ୍ର ଗଭୀର ସଂଶୋଧନ ନାମରେ ଦେଶରେ ପ୍ରାୟ ୧୪ କୋଟି ଭୋଟରଙ୍କ ନାମ ଭୋଟର ତାଲିକାରୁ କଟାଯାଇଛି । ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି । ଜାତୀୟ ସ୍ତରରେ ଏହି ଦାବିକୁ ନେଇ ଆସନ୍ତା ନଭେମ୍ବର ୧ ତାରିଖରେ ରାମଲୀଲା ମୈଦାନରେ 'ଚଲୋ ଦିଲ୍ଲୀ, ଭୋଟ ବଞ୍ଚାଅ, ଦେଶ ବଞ୍ଚାଅ' ବିଶାଳ ମେଗା ରାଲି ଅନୁଷ୍ଠିତ ହେବ ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀମଦ୍ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା



ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ଜ୍ଞାନପରମ୍ପରା, ନୈତିକ ମୂଲ୍ୟବୋଧ ତଥା ଆଧ୍ୟାତ୍ମିକ ଚେତନାର ଜାଗରଣ ଉଦ୍ଦେଶ୍ୟରେ ପ୍ରଜ୍ଞାନ ମିଶନ୍ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଖପ୍ରାଖୋଲ ଠାରେ ଏକ ବ୍ଲକ୍ ସ୍ତରୀୟ ଶ୍ରୀମଦ୍ ଭଗବଦ୍ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ଉତ୍ସାହ ଓ ଉଦ୍ଦୀପନାର ସହ ଯୋଗଦାନ କରି ଗୀତାର ଶ୍ଳୋକ ଆବୃତ୍ତି ମାଧ୍ୟମରେ ନିଜସ୍ୱ ପ୍ରତିଭା ଓ ଶାସ୍ତ୍ରୀୟ ଜ୍ଞାନର ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଲାଙ୍ଗୀର ଜିଲ୍ଲାର ନୋଡାଲ୍ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମଦ୍ ଭଗବଦ୍ ଗୀତାର ସାର୍ବଜନୀନ ଜୀବନ ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଚରିତ୍ର ଗଠନରେ ଏହାର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଖପ୍ରାଖୋଲର ଅଧ୍ୟକ୍ଷା ସରିତା ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଂସ୍କୃତ ଭାରତୀ ର ପ୍ରାନ୍ତ ପ୍ରଚାର ପ୍ରମୁଖ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପାର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ପ୍ରତିଯୋଗିତାର ସଂଯୋଜନା ଓ ସମନ୍ୱୟ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାର ମୂଲ୍ୟାୟନ ନିମନ୍ତେ ଦେବଦତ୍ତ ଭୋଇ, ମଧୁସୂଦନ ସାହୁ, ଅମର ବେହେରା, ଚୂଡ଼ାମଣି ପଟେଲ, ଦୀପକ କୁମାର ନାଏକ, ଛୋଟୁ ବେହେରା, ପ୍ରଦୀପ କୁମାର ପଣ୍ଡା, ସମୀର ଦେବ ଚୌହାନ ଓ ଫକୀର ରଣା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଅମୃତା ମେହେର ପ୍ରଥମ, ଆଦ୍ୟାଶା ପ୍ରିୟଦର୍ଶିନୀ ମେହେର ଦ୍ୱିତୀୟ ଓ ଅଞ୍ଜଳି ବାଗ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଅର୍ଚ୍ଚିତା ସାହୁ ସାନ୍ତ୍ୱନାମୂଳକ ପୁରସ୍କାର ଲାଭ କରିଥିଲେ। ବରିଷ୍ଠ ବିଭାଗରେ ଅଲିଶା କରୁଆଁ ପ୍ରଥମ, ଆଦ୍ୟାଶା ନାଏକ ଦ୍ୱିତୀୟ ଓ ମନୀଷା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତା କେବଳ ଶ୍ଳୋକ ଆବୃତ୍ତିରେ ସୀମିତ ନ ରହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ଭାଷାପ୍ରତି ଅନୁରାଗ, ଭାରତୀୟ ସଂସ୍କୃତିପ୍ରତି ଶ୍ରଦ୍ଧା ତଥା ଗୀତାର ଜୀବନୋପଯୋଗୀ ଆଦର୍ଶକୁ ଆତ୍ମସାତ୍ କରିବାର ପ୍ରେରଣା ସୃଷ୍ଟି କରିଥିଲା। ଉଭୟ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ମନୋନୀତ ଛାତ୍ରଛାତ୍ରୀ ମାନେ ଆସନ୍ତା ନଭେମ୍ବର ୨୨ ତାରିଖରେ ଆୟୋଜିତ ହେବାକୁ ଥିବା ବଲାଙ୍ଗୀର ଜିଲ୍ଲା ସ୍ତରୀୟ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

ସଂଗ୍ରାମପୁର ବିଦ୍ୟାଳୟରେ ସୁରକ୍ଷିତ ବଚ୍‌ପନ କାର୍ଯ୍ୟକ୍ରମ


ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜାତୀୟ ଆଇନ ସେବା ପ୍ରାଧିକରଣ ନାଲସାଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ବଚ୍‌ପନ୍ ଅଭିଯାନ' ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ଅନ୍ତର୍ଗତ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟଠାରେ ସଚ୍ଚିବ ଶ୍ରଦ୍ଧାଳି ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ରାୟ ସୁରକ୍ଷିତ ବଚ୍‌ପନ ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏସ ଡି ଜେ ଏମ ନିରନ ଦାସ, ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷ ପ୍ରମୋଦ ସାହୁ, ଶିଶୁ ସୁରକ୍ଷା ସପୋର୍ଟ ପର୍ସନ ଆକାଂକ୍ଷା ସ୍ୱାଇଁ ,ପେନେଲ ଲୟର ତୁଷାର କାନ୍ତଦୀପ, ବୌଦ୍ଧ ସାଇବର ଇନ୍ସପେକ୍ଟର ତରୁଣ ତପନ ବେହେରା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ମେହେର ଯୋଗ ଦେଇ ପୋକ୍‌ସୋ ଆଇନ୍, ୨୦୧୨ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଜାଗ୍ରତ କରିବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅଂଶୀଦାରମାନଙ୍କୁ ଶିଶୁ ଅଧିକାର, ବ୍ୟକ୍ତିଗତ ସୁରକ୍ଷା, ଅନଲାଇନ୍ ସୁରକ୍ଷା, ଅଭିଯୋଗ ଦାଖଲ ପ୍ରକ୍ରିୟା ଏବଂ ମାଗଣା ଆଇନ ସହାୟତା ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ବାଲ୍ୟବିବାହ ରୋକିବା, ଶିଶୁ ଶିକ୍ଷା ଓ ଶିଶୁ ସୁରକ୍ଷାକୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କନିଷ୍ଠ କିରାଣୀ ସୂର୍ଯ୍ୟ କୁମାର ଜେନା, ପିଏଲଭି ସୁଶୀଲ ଦୀପ, ଅର୍ଜୁନ ପ୍ରଧାନ, ରନ କର୍ଣ୍ଣ, ସୁଧାଂଶୁ ଶେଖର ମିଶ୍ର, ନନ୍ଦୀ କିଶୋର ମହାନନ୍ଦିଆ, ବାମନ ବେହେରା ଓ ବିଦ୍ୟାଳୟର ଶିକ୍ଷକ ମାନେ ସହଯୋଗ କରିଥିଲେ।



ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ




ଜନଗଣନା–୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁ ଓ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବା ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ସମୀକ୍ଷା, ଆଲୋଚନା ଓ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲ୍ଲାପାଳ ଦେବାଶିଷ ସିଂହ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଜନଗଣନା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଦେଶରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା କରାଯାଉଥିବାବେଳେ ଶେଷଥର ପାଇଁ ୨୦୧୧ ମସିହାରେ ଏହା ଅନୁଷ୍ଠିତ ହୋଇଥିଲା। ୨୦୨୧ ମସିହାରେ ହେବାକୁ ଥିବା ଜନଗଣନା କୋଭିଡ୍ ମହାମାରୀ ଯୋଗୁଁ ସ୍ଥଗିତ ରହିଥିଲା। ଏହି ପରିପ୍ରେକ୍ଷୀରେ ଜନଗଣନା–୨୦୨୭ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଏହି ତାଲିମ ଓ ସମୀକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଉପ ଜିଲ୍ଲାପାଳ ସୋନପୁର ଡ ସୋମ୍ୟରୂପା ରଥ, ଉପ ଜିଲ୍ଲାପାଳ ବୀରମହାରାଜପୁର ସୁରେନ୍ଦ୍ର ମେହେର, ସହକାରୀ ଜିଲ୍ଲାପାଳ ଆଜାଦ କୁମାର ସାହୁ, ଜନଗଣନା ଶାଖାର ଅଧିକାରୀ, ସମସ୍ତ ତହସିଲଦାର, ନିର୍ବାହୀ ଅଧିକାରୀ ତଥା ଚାର୍ଜ ଜନଗଣନା ଅଧିକାରୀଙ୍କ ସମେତ ପ୍ରାୟ ୫୦ ଜଣ ଅଧିକାରୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଡ. ଅଭୟ ନାରାୟଣ ନାୟକ, ଯୁଗ୍ମ ନିର୍ଦ୍ଦେଶକ, ଜନଗଣନା, ଓଡ଼ିଶା, ଶ୍ରୀ ଶିଭମ୍ ଜୟସୱାଲ ଓ ଆକାଶ ସାହୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନାର କାର୍ଯ୍ୟପ୍ରଣାଳୀ, ସିଏମ୍‌ଏମ୍‌ଏସ୍ ପୋର୍ଟାଲରେ କାର୍ଯ୍ୟ କରିବାର ପଦ୍ଧତି ଏବଂ ଜନଗଣନା କାର୍ଯ୍ୟକୁ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି। ଜନଗଣନା ଏକ ଗୁରୁତ୍ୱପୂର୍ଣ୍ଣ ତଥା ସରକାରଙ୍କ ଅଗ୍ରାଧିକାରଭିତ୍ତିକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ସଠିକ୍ ଓ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ।

ମନୋଜ ଦାସଙ୍କ ସାହିତ୍ୟ ସାଧନ ଓ ଜୀବନାଦର୍ଶ ଉପରେ ଆଲୋକପାତ

ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କ ଜୀବନ ଓ ସାହିତ୍ୟକୃତିକୁ ନେଇ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସାହିତ୍ୟ ଏକାଡେମି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। 'ମନୋଜ ଦାସ ବ୍ୟକ୍ତି ଓ କୃତି' ଶୀର୍ଷକ ଏହି ଆଲୋଚନାଚକ୍ରରେ ମନୋଜ ଦାସଙ୍କ ସାହିତ୍ୟ ସାଧନା, ଜୀବନଦର୍ଶନ ଓ ସୃଜନଶୀଳ ଅବଦାନର ବିଭିନ୍ନ ଦିଗ ଉପରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକମାନେ ଆଲୋକପାତ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ଅଧିବେଶନରେ ସାହିତ୍ୟ ଏକାଡେମିର କୋଲକାତାସ୍ଥିତ ସହାୟକ ସମ୍ପାଦକ ଶେଷଦେବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ବିଷୟ ସମ୍ବନ୍ଧିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମିର ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ଆବାହକ ଗୌରହରି ଦାସ ଅଧିବେଶନରେ ଅଧ୍ୟକ୍ଷତା କରି ମନୋଜ ଦାସ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ଜୟନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ ଓ ଡ଼କ୍ଟର ପ୍ରହଲ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ପ୍ରଭାସ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଅରବିନ୍ଦ ରାୟ, ଅରୁଣ କୁମାର ସାହୁ ଓ ମନୋଜ କୁମାର ପଣ୍ଡା ମନୋଜ ଦାସଙ୍କ ସାହିତ୍ୟକୃତିର ବିଭିନ୍ନ ଦିଗ ଉପରେ ନିଜସ୍ୱ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ସୁଭାଷ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଓ ସୈରିନ୍ଧ୍ରୀ ସାହୁ ପ୍ରମୁଖ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ର ମାଧ୍ୟମରେ ମନୋଜ ଦାସଙ୍କ ବହୁମୁଖୀ ସାହିତ୍ୟ ପ୍ରତିଭା, ଚିନ୍ତାଧାରା ଓ ସାହିତ୍ୟିକ ଅବଦାନକୁ ପୁନର୍ବାର ଅନୁଧ୍ୟାନ କରିବା ସହ ଓଡ଼ିଆ ସାହିତ୍ୟର ଗୌରବମୟ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବାର ଏକ ସୁଯୋଗ ସୃଷ୍ଟି ହୋଇଥିଲା। ଏଥିରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ସାହିତ୍ୟପ୍ରେମୀମାନେ ଯୋଗଦେଇଥିଲେ।



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ନଭେମ୍ବର ୨୦୨୬ ବୁଧବାର



ଧର୍ମଶାଳାରେ ସଡ଼କ ଦୁର୍ଘଟଣା:୨ମୃତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ମାଣ୍ଡିଆ ଛକ ଠାରେ ଏକ ଟ୍ରଲର ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁର୍ଘଟଣା ଘଟିଛି ଜାରକା କବାଟବନ୍ଧ ନଦୀବନ୍ଧ ରାସ୍ତାରେ। ସୂଚନା ଅନୁଯାୟୀ ଓସରା ଗ୍ରାମର ପ୍ରଫୁଲ ଗୁରୁଙ୍କ ପୁଅ ମୁନୁ (୨୩) ସନ୍ଧ୍ୟାରେ ଆରୁହା ଯାଉଥିବା ବେଳେ ତାଙ୍କ ଉପରେ ଟ୍ରଲର ମାଡ଼ିଯାଇଥିଲା। ଫଳରେ ମୁନୁର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଉତ୍ତେଜନା ପ୍ରକାଶ ପାଇବାରୁ ଖବରପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରଲରକୁ ଜବତ କରିଛି। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ଶନିବାର ରାତିରେ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ-ଜାରକା ନଦୀବନ୍ଧ ରାସ୍ତାରେ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। କବାଟବନ୍ଧ ମେଡିକାଲର ସୁରକ୍ଷାକର୍ମୀ ଛିଆ ପଞ୍ଚାୟତ ଖରିଲୋ ଗ୍ରାମର ଅଶୋକ ସେଠୀ (୩୦) ଡ୍ୟୁଟିସାରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଅଶୋକଙ୍କ ମୃତ୍ୟୁରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

ବେଆଇନ୍ ନିଶାଦ୍ରବ୍ୟ ବେପାର ଉପରେ ରୋକ୍ ଲଗାଇବା ପାଇଁ ଦାବି



ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଅଞ୍ଚଳରେ ଦିନକୁ ଦିନ ବେଆଇନ୍ ନିଶା ଦ୍ରବ୍ୟ ବେପାର ବୃଦ୍ଧି ପାଉଥିବା ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଉଛି। ସୋମବାର ଦିନ ସମାଜସେବୀ ଅମୀୟ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ଧର୍ମଶାଳା ଅବକାରୀ ବିଭାଗ, ସ୍ଥାନୀୟ ପୋଲିସକୁ ଲିଖିତ ଭାବେ ଏହାର ପ୍ରତିକାର ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର କୁପ୍ରଭାବ ବିଶେଷକରି ଯୁବପିଢ଼ିଙ୍କ ଉପରେ ପଡୁଥିବା ବେଳେ ଅନେକ ପରିବାରର ସୁଖ, ଶାନ୍ତି ଓ ସାମାଜିକ ପରିବେଶ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ନିଶାଦ୍ରବ୍ୟର ବେଆଇନ୍ କାରବାର ଯୁବ ସମାଜକୁ ବିପଥଗାମୀ କରିବା ସହିତ ଅଞ୍ଚଳର ଆଇନ୍ ଶୃଙ୍ଖଳା ଓ ସାମାଜିକ ସୁରକ୍ଷା ପ୍ରତି ମଧ୍ୟ ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରୁଛି। ଏହି ସମସ୍ୟାକୁ ସମୟୋଚିତ ଭାବେ ନିୟନ୍ତ୍ରଣ କରାନଗଲେ ଭବିଷ୍ୟତରେ ଏହାର ପରିଣାମ ଆହୁରି ଚିନ୍ତାଜନକ ହୋଇପାରେ। ଏଣୁ ନିଶାମୁକ୍ତ ସମାଜ ଗଠନ ପାଇଁ ଆମ ଅନୁଷ୍ଠାନ ଜିଲ୍ଲା ଜନ ସଚେତନ ସୃଷ୍ଟି କରିବା, ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ନିମ୍ନଲିଖିତ ଦାବିଗୁଡ଼ିକ ଉପସ୍ଥାପନ କରାଯାଇଛି। ବେଆଇନ୍ ନିଶାଦ୍ରବ୍ୟ ବେପାର ହେଉଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ନିୟମିତ ଚଢ଼ଉ କରାଯାଉ। ନିଶାଦ୍ରବ୍ୟର ବେଆଇନ୍ କ୍ରୟ-ବିକ୍ରୟ ଓ ଯୋଗାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମଝିରେ ମଝିରେ ଆମ ଅଞ୍ଚଳର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୋଲିସ ପାଟ୍ରୋଲିଂ ବୃଦ୍ଧି କରାଯାଉ। ବିଦ୍ୟାଳୟ, କଲେଜ ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନତା ଅଭିଯାନ କରାଯାଉ। ନିଶା ବେପାରକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ମଝିରେ ମଝିରେ ବୈଠକ କରିବା ପାଇଁ ଦାବି ହୋଇଛି।

////////////// କଟକରେ ୪୦ ଲକ୍ଷର ବାଣ ଜବତ //////////////

ରାତି ୯ଟା ପରେ ସହରରେ ବାଣ ଫୁଟାଇବା ମନା

କଟକ, ନ୍ୟୁଜ୍ ବ୍ୟୁରୋ

ଆଲୋକର ପର୍ବ ଦୀପାବଳିକୁ ନେଇ ସହରରେ ଉତ୍ସବର ମାହୋଲ ଆରମ୍ଭ ହୋଇଥିବା ବେଳେ ଯେକୌଣସି ଅଘଟଣକୁ ରୋକିବା ପାଇଁ କଟକ ପୋଲିସ ଏଥର ସତର୍କତାମୂଳକ ପଦକ୍ଷେପକୁ ଅଧିକ ଗୁରୁତ୍ୱ ଦେଇଛି। ବିଶେଷକରି ବେଆଇନ୍ ବାଣ କାରବାର ଉପରେ ପୋଲିସର ଚଢ଼ଉ ଜୋରଦାର୍ ହୋଇଥିବାବେଳେ ଅନ୍ୟପଟେ ବାଣ ଫୁଟାଇବା ସମୟ ଓ ବିକ୍ରି ବ୍ୟବସ୍ଥାକୁ ନେଇ ମଧ୍ୟ କଟକଣା ଲାଗୁ କରାଯାଇଛି। କଟକ ଡିସିପି ଋଷିକେଶ ଖିଲାରୀଙ୍କ ସୂଚନା ଅନୁଯାୟୀ, ସନ୍ଧ୍ୟା ୭ଟାରୁ ରାତି ୯ଟା ହେଉଛି ବାଣ ଫୁଟାଇବା ପାଇଁ ନିର୍ଦ୍ଧାରିତ ସମୟ। ଏହା ପରେ ବାଣ ଫୁଟାଇବା ଉପରେ କଟକଣା ରହିବ। ନିୟମ ଅମାନ୍ୟ କରି ରାତିରେ ବାଣ ଫୁଟାଇଲେ ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଯାଇପାରେ। ସହରର ସଂକୀର୍ଣ୍ଣ ରାସ୍ତା ଓ ଘନ ଜନବସତି ଅଞ୍ଚଳରେ ଅଗ୍ନିକାଣ୍ଡର ଆଶଙ୍କା ଥିବାରୁ ରକେଟ୍ ବାଣ ବ୍ୟବହାରରୁ ନିବୃତ୍ତ ରହିବାକୁ ମଧ୍ୟ ପୋଲିସ ପରାମର୍ଶ ଦେଇଛି। ବାଣ ବିକ୍ରିକୁ ନେଇ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସହରର ୭ଟି ଖୋଲା ସ୍ଥାନକୁ ବାଣ ଦୋକାନ ପାଇଁ ଚିହ୍ନଟ କରାଯାଇଛି। ଏହାଦ୍ୱାରା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବାଣ ବିକ୍ରି ଓ ଗଚ୍ଛିତ ରଖିବା ଯୋଗୁଁ ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଇବା ଲକ୍ଷ୍ୟ ରଖାଯାଇଛି। ତେବେ ବେଆଇନ୍ ବାଣ କାରବାରକୁ ନେଇ ପୋଲିସର କାର୍ଯ୍ୟାନୁଷ୍ଠାନ ଏବେ ଚର୍ଚ୍ଚାରେ। ଚୋରା ବାଣ ବିକ୍ରି, ଅନୁମତି ବିନା ବାଣ ମହଜୁଦ ଓ ପରିବହନ ଅଭିଯୋଗରେ ଏପର୍ଯ୍ୟନ୍ତ ୮ଟି ମାମଲା ରୁଜୁ ହୋଇଛି। ପୋଲିସ ପ୍ରାୟ ୪୦ ଲକ୍ଷ ଟଙ୍କାର ବାଣ ସହ ଦୁଇଟି କାର୍ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛି। ଏହି ଅଭିଯାନକୁ ଆହୁରି ତୀବ୍ର କରି ବିଡ଼ାନାସୀ ଅଞ୍ଚଳର ଏକ ସନ୍ଦିଗ୍ଧ ବେଆଇନ୍ ବାଣ ଗୋଦାମରେ ପୋଲିସ ଚଢ଼ଉ ଜାରି ରଖିଛି। ପୂର୍ବରୁ ବାରଙ୍ଗ ଓ ୪୨ ମୌଜା ଅଞ୍ଚଳରୁ ମଧ୍ୟ ବେଆଇନ୍ ବାଣ ଜବତ ହୋଇଛି। ଦୀପାବଳି ଓ କାଳୀପୂଜା ସମୟରେ ବେଆଇନ୍ କାରବାରକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ଆଗକୁ ମଧ୍ୟ ଚଢ଼ଉ ଜାରି ରହିବ ବୋଲି ଡିସିପି କହିଛନ୍ତି। ସହରବାସୀଙ୍କ ପାଇଁ ଏଥର ପୋଲିସର ବାର୍ତ୍ତା ସ୍ପଷ୍ଟ-ଉତ୍ସବ ପାଳନ ହେଉ ଆନନ୍ଦରେ, କିନ୍ତୁ ନିୟମ ଉଲ୍ଲଂଘନ କିମ୍ବା ଅସାବଧାନତା ଯୋଗୁଁ ଯେପରି କାହାର ଜୀବନ ଓ ସମ୍ପତ୍ତି ବିପଦରେ ନପଡ଼େ।

ରେଲ୍‌ୱେ କଲୋନୀ ବସ୍ତିବାସିନ୍ଦାଙ୍କ ୫ ଦଫା ଦାବିରେ ସ୍ମାରକପତ୍ର

କଟକ, ନ୍ୟୁଜ୍ ବ୍ୟୁରୋ



ଗରିବ ବସ୍ତିବାସୀଙ୍କୁ ବିଦ୍ୟୁତ ଦେୟ ଆଦାୟ ନାମରେ ଶୋଷଣ କରାଯାଉଥିବା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛି ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଞ୍ଚ। କଟକ ରେଲ୍‌ୱେ କଲୋନୀ ଦଳିତ ବସ୍ତିରେ ଗୋଟିଏ ବିଦ୍ୟୁତ ମିଟରରେ ଏକାଧିକ ପରିବାରକୁ ବିଦ୍ୟୁତ ଯୋଗାଣ କରାଯାଉଥିବାରୁ ସାଧାରଣ ଉପଭୋକ୍ତାଙ୍କୁ କମର୍ସିଆଲ ଦରରେ ବିଦ୍ୟୁତ ବିଲ୍ ଦେବାକୁ ପଡୁଛି। ଏହାଦ୍ୱାରା ଆର୍ଥିକ ଦୁର୍ବଳ ପରିବାରଗୁଡ଼ିକ ଅଯଥା ଆର୍ଥିକ ବୋଝର ସମ୍ମୁଖୀନ ହେଉଥିବା ମଞ୍ଚ ଅଭିଯୋଗ କରିଛି। ଏହି ସମସ୍ୟାର ସମାଧାନ ଓ ପ୍ରତ୍ୟେକ ପରିବାରକୁ ସ୍ୱତନ୍ତ୍ର ମାନୁଆଲ ମିଟର ଯୋଗାଇବା ଦାବିରେ ସୋମବାର ମଞ୍ଚ ପକ୍ଷରୁ ରାଣୀହାଟ ସ୍ଥିତ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପରେ ଦାବିଗୁଡ଼ିକ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚର ଅଭିଯୋଗ ଅନୁଯାୟୀ, ଗୋଟିଏ ମିଟରରେ ଏକାଧିକ ଘରର ବିଦ୍ୟୁତ ବ୍ୟବହାରକୁ ହିସାବ କରାଯିବା ଫଳରେ ଉପଭୋକ୍ତାଙ୍କ ଉପରେ ଅଧିକ ଦେୟ ଲଦି ଦିଆଯାଉଛି। ବିଶେଷକରି ଦୈନିକ ଶ୍ରମ କରି ଜୀବିକା ନିର୍ବାହ କରୁଥିବା ସଫେଇ କର୍ମଚାରୀ ପରିବାରଙ୍କ ପାଇଁ ଏହି ଦେୟ ପୈଠ କରିବା କଷ୍ଟକର ହୋଇପଡ଼ିଛି। ଅନ୍ୟପକ୍ଷରେ ସ୍ମାର୍ଟ ମିଟର ଓ ପ୍ରିପେଡ୍ ବ୍ୟବସ୍ଥା ମାଧ୍ୟମରେ ସାଧାରଣ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇବାକୁ ମଧ୍ୟ ମଞ୍ଚ ବିରୋଧ କରିଛି। ମଞ୍ଚ ପକ୍ଷରୁ ଉପସ୍ଥାପିତ ପାଞ୍ଚ ଦଫା ଦାବି ମଧ୍ୟରେ ରେଲ୍‌ୱେ କଲୋନୀ ଦଳିତ ବସ୍ତିର ପ୍ରତ୍ୟେକ ଘରକୁ ପୃଥକ ବିଦ୍ୟୁତ ସଂଯୋଗ ଓ ମାନୁଆଲ ମିଟର ଯୋଗାଣ, ବସ୍ତିବାସୀଙ୍କ ଠାରୁ କମର୍ସିଆଲ ଦରରେ ଦେୟ ଆଦାୟ ବନ୍ଦ, ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ନାମରେ ଆଦାୟ ବନ୍ଦ, ଗରିବ ପରିବାରଙ୍କୁ ବିନା ସିକ୍ୟୁରିଟି ଡିପୋଜିଟ୍ ଓ ଅଯଥା କଟକଣାରେ ବିଦ୍ୟୁତ ସଂଯୋଗ ପ୍ରଦାନ ଏବଂ ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥା ପ୍ରତ୍ୟାହାର ଆଦି ଅନ୍ତର୍ଭୁକ୍ତ। ଜିଲ୍ଲା ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱ ଓ ପରିଚାଳନାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜକିଶୋର ମଲ୍ଲିକ୍, ବସନ୍ତ ନାୟକ, ଦୀପକ ଦାସ, ଆନନ୍ଦ ନାୟକ, ପ୍ରକାଶ ନାୟକ, ଗୌତମ ବଙ୍ଗାରି, ପି. ମଣ୍ଟୁ, ଶାମା ବଙ୍ଗାରି, ରଞ୍ଜୁ ଦେଇ, ବିନି ନାୟକ ଓ ପ୍ରତିମା ନାୟକଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

ଦୁଲାଖାପାଟଣା ରେଳଷ୍ଟେସନ୍‌ରେ ଖୋର୍ଦ୍ଧା ଖଡ଼ଗପୁର ଫାଷ୍ଟ ପାସେଞ୍ଜର୍ ରହଣି ପାଇଁ ଯାତ୍ରୀଙ୍କ ଚରମ ପତ୍ର



ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଗତ ସପ୍ତାହରେ ବୈତରଣୀ ରୋଡ଼ ଓ ମଞ୍ଜୁରୀରୋଡ ମଧ୍ୟବର୍ତ୍ତୀ ରେଳ ଷ୍ଟେସନ୍ ଦୁଲାଖା ପାଟଣା ଠାରେ ବିଗତ ତିନି ବର୍ଷରୁ ଅଧିକ ସମୟ ଧରି ରହଣି କରୁଥିବା ଖୋର୍ଦ୍ଧା ରୋଡ଼ ଖଡ଼ଗପୁର ଫାଷ୍ଟ ପାସେଞ୍ଜର୍ ଟ୍ରେନ୍ ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ଗାଡ଼ିଟି ପ୍ଲାଟ୍‌ଫର୍ମରେ ନରହି ବୈତରଣୀ ନଦୀ ରେଳ ପୋଲ ପାର୍ ହୋଇଗଲା, ଯାହାଫଳରେ ଅନେକ ଯାତ୍ରୀ ମହିଳା, ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ ମାନେ ଅନ୍ଧାରରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଲେ, ସେଠାରେ ଏକ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହେଲା। କିନ୍ତୁ ତାପର ଦିନ କର୍ତ୍ତୃପକ୍ଷ ସେ ଫାଷ୍ଟ ପାସେଞ୍ଜର୍ ରହଣି ହେବ ନାହିଁ ବୋଲି ମାଇକ୍ ଜରିଆରେ ଘୋଷଣା କଲେ। କିନ୍ତୁ ପ୍ରାୟ ତିନି ବର୍ଷ ତଳେ ଦୁଲାଖାପାଟଣାକୁ ବସ୍, ଅଟୋ ବା ଗମନାଗମନ ସୁବିଧା ନଥିବାରୁ ତତ୍‌କାଳୀନ ମହାପ୍ରବନ୍ଧକ ଖୋର୍ଦ୍ଧା ରୋଡ଼, ସ୍ଥାନୀୟ ତହସିଲଦାର, ପୋଲିସ ପ୍ରଶାସନଙ୍କ ଉପସ୍ଥିତିରେ ଜନସାଧାରଣଙ୍କ ଦାବିକୁ ସମ୍ମାନ ଦେଇ ଫାଷ୍ଟ ପାସେଞ୍ଜର୍ ରହଣି ହୋଇଥିଲା। ପୁଣି କାହା ନିର୍ଦ୍ଦେଶରେ ଏହାକୁ ଉଠାଇ ଦିଆଗଲା ବର୍ତ୍ତମାନ ଏହା ପ୍ରଶ୍ନବାଚୀ, ନିୟମିତ ରେଳ ଯାତ୍ରୀ ସଂଘର ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି ସାଧାରଣ ନିରୀହ ଯାତ୍ରୀମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରି ଆଗାମୀ ଦୁଇ ଦିନ ମଧ୍ୟରେ ପୁନଃ ରହଣି ବ୍ୟବସ୍ଥା କରିବାକୁ ଅନୁରୋଧ ଜଣାଇଛନ୍ତି। ନହେଲେ ଗୁରୁବାର ଶାନ୍ତି ପୂର୍ଣ୍ଣ ଧାରଣା ଦେବାକୁ ଯାତ୍ରୀମାନେ ନିଷ୍ପତ୍ତି ନେଇଛନ୍ତି।

ବୌଦ୍ଧ ଜିଲ୍ଲାରେ ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ସାଂସଦଙ୍କ ଦାବି



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲାରେ ରେଳ ଯୋଗାଯୋଗ ବ୍ୟବସ୍ଥାର ବିକାଶ, ଯାତ୍ରୀ ସୁବିଧାରେ ଉନ୍ନତି ଏବଂ ନୂତନ ରେଳ ସଂଯୋଗ ସ୍ଥାପନ ଦିଗରେ ଗୁରୁତ୍ୱ ଦେଇଛନ୍ତି କନ୍ଧମାଳ ଲୋକସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ। ବୌଦ୍ଧରୁ ଛତିଶଗଡ଼ର ରାୟପୁର ପର୍ଯ୍ୟନ୍ତ ଦୈନିକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ, ନୂତନ ରେଳ ଷ୍ଟେସନ୍ ପ୍ରତିଷ୍ଠା, ଓଭରବ୍ରିଜ୍ ନିର୍ମାଣ ସମେତ ଜିଲ୍ଲାର ରେଳ ଭିତ୍ତିଭୂମି ବିକାଶ ସମ୍ପର୍କରେ ସେ ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ପୂର୍ବତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳର ସାଂସଦମାନଙ୍କୁ ନେଇ ଏକ ଡିଭିଜନାଲ କମିଟି ବୈଠକ ସମ୍ବଲପୁର ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀ ଏବଂ ଓଡ଼ିଶା ଓ ଛତିଶଗଡ଼ର ସାଂସଦମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର ରେଳ ବିକାଶ ଓ ଯାତ୍ରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ କନ୍ଧମାଳ ସାଂସଦ ଶ୍ରୀ ପାଣିଗ୍ରାହୀ ବୌଦ୍ଧ ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ଓ ଆବଶ୍ୟକତା ଉପସ୍ଥାପନ କରିବା ସହ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳପଥ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ସାଂସଦ ଗୁରୁତ୍ୱାରୋପ କରିଥିଲେ। ମୋଟ୍ ୩୦୧ କିଲୋମିଟର ରେଳପଥ ମଧ୍ୟରୁ ୨୩୯ କିଲୋମିଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ଚାରିଛକ ପର୍ଯ୍ୟନ୍ତ ୧୩୩ କିଲୋମିଟର ରେଳପଥ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ଦଶପଲ୍ଲା-ଚାରିଛକ ୬୨ କିଲୋମିଟର ରେଳପଥ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଏହାକୁ ୨୦୨୭ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ରେଳବାଇ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ବୌଦ୍ଧ ରେଳ ଷ୍ଟେସନ୍‌ରେ ମାଲ୍ ପରିବହନ ସୁବିଧାର ବିକାଶ ପାଇଁ ପ୍ରାୟ ୩୦୦ ମିଟର ଲମ୍ବର ମାଲ୍ ପରିବହନ ପ୍ଲାଟ୍‌ଫର୍ମ ଓ ଆପ୍ରୋଚ୍ ରୋଡ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ଶ୍ରମିକ ବିଶ୍ରାମ ଗୃହ, ବ୍ୟବସାୟୀ କକ୍ଷ, ମାଲ୍ ପରିବହନ କାର୍ଯ୍ୟାଳୟ ଓ ପାର୍କିଂ ସୁବିଧା ନିର୍ମାଣ କାର୍ଯ୍ୟ ଚାଲିଛି। ରେଳ ଷ୍ଟେସନ୍‌ରେ ରେକ୍ ପଏଣ୍ଟ ପ୍ରତିଷ୍ଠା ପାଇଁ ମାଲ୍ ଗୋଦାମ୍ ନିର୍ମାଣ ମଧ୍ୟ ଜାରି ରହିଛି। ଏହା ସମ୍ପୂର୍ଣ୍ଣ ହେଲେ ବୌଦ୍ଧକୁ ରେକ୍ ପଏଣ୍ଟ ଭାବେ ଘୋଷଣା କରାଯିବାର ଯୋଜନା ରହିଛି। ଫଳରେ ଜିଲ୍ଲାର କୃଷକମାନେ ସାର ଓ ଅନ୍ୟାନ୍ୟ କୃଷି ଉପକରଣ ସହଜରେ ପାଇପାରିବେ। ଏଥିପାଇଁ ଫ୍ରେଟ୍ ଏକ୍‌ଜାମିନେସନ୍ ଲାଇନ୍ ଓ ସିକ୍ ଲାଇନ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଯାତ୍ରୀ ସୁବିଧା ଓ ସୁରକ୍ଷା ଦିଗରେ ମଧ୍ୟ ରେଳବାଇ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବୌଦ୍ଧ ରେଳ ଷ୍ଟେସନ୍‌ରେ ରେଳ ଡାକ ସେବା (ଆର୍‌ଏମ୍‌ଏସ୍) ପ୍ରତିଷ୍ଠା ପାଇଁ ପୋଷ୍ଟମାଷ୍ଟର ଜେନେରାଲ, ବ୍ରହ୍ମପୁରଙ୍କ ଅନୁମତି ଲୋଡ଼ାଯାଇଛି।



ବନ୍ୟା ବିପନ୍ନଙ୍କୁ ବିଏମ୍‌ସିର ରିଲିଫ ବଣ୍ଟନ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ମାନବୀୟ ସେବା କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ଡେପୁଟି ମେୟର, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଗଗନ ସ୍ୱାଇଁ, ସୁଧୀର ପାଢ଼ୀ, ଅକ୍ଷୟ ପ୍ରଧାନ, ପ୍ରଭାତ ସାହୁ, ଉମା ମହାନ୍ତି, ବିଭୂତି ପଲେଇ, ପପୁନ ପଣ୍ଡା, ଅନନ୍ତ ବିଶ୍ୱାଳ ଓ ମନୋଜ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବନ୍ୟା ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ବିପଦ ସମୟରେ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢ଼ାଇବା ହିଁ ପ୍ରକୃତ ମାନବ ସେବା। ଏହି ମହତ୍ କାର୍ଯ୍ୟ ପାଇଁ ଭୁବନେଶ୍ୱର ମହାନଗର ନିଗମ ଏବଂ ସମସ୍ତ ସହଯୋଗୀଙ୍କ ପ୍ରୟାସ ପ୍ରଶଂସନୀୟ।

ଆଜି ପେନ୍‌ସନ୍ ଅଦାଲତ:ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବକେୟା ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟର ତ୍ୱରିତ ସମାଧାନ ନିମନ୍ତେ ନଭେମ୍ବର ୪ ତାରିଖ ଦିନ ବୌଦ୍ଧ ଠାରେ ଏକ ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ସୁବର୍ଣ୍ଣପୁର ଜିଲ୍ଲାର ପେନ୍‌ସନ୍ ସମ୍ବନ୍ଧୀୟ ଦୀର୍ଘଦିନର ବିଚାରାଧୀନ ମାମଲା, ଅବସରକାଳୀନ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ଏବଂ ଅନ୍ୟାନ୍ୟ ପେନ୍‌ସନ୍ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ଏଥିସହ ଅବସର ଦିନ ହିଁ ପେନ୍‌ସନ୍, ଗ୍ରାଚୁଇଟି ଓ ଭବିଷ୍ୟନିଧି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ଏହି ପେନ୍‌ସନ୍ ଅଦାଲତରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଅଧ୍ୟକ୍ଷତା କରିବେ। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାର ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ପେନ୍‌ସନ୍ ଅନୁମୋଦନକାରୀ କର୍ତ୍ତୃପକ୍ଷ (PSA) ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗଦେବେ। ପେନ୍‌ସନ୍ ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ ପେନ୍‌ସନ୍ ଅନୁମୋଦନକାରୀ କର୍ତ୍ତୃପକ୍ଷଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କୁହାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ଯେଉଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ମୃତ ସରକାରୀ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କ ପେନ୍‌ସନ୍ କିମ୍ବା ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ବକେୟା ରହିଛି, ସେମାନେ ଆବଶ୍ୟକ କାଗଜପତ୍ର ସହ ନଭେମ୍ବର ୪ ତାରିଖ ଅପରାହ୍ନ ୨.୩୦ ରୁ ୫.୩୦ ମଧ୍ୟରେ ବୌଦ୍ଧ ଠାରେ ଅନୁଷ୍ଠିତ ପେନ୍‌ସନ୍ ଅଦାଲତରେ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇପାରିବେ। ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷ ଦ୍ୱାରା ସମସ୍ତ ପେନ୍‌ସନ୍ ଦାବିଦାରଙ୍କୁ ଅନୁରୋଧ କରାଯାଇଛି।

ଭରତପୁର ପଞ୍ଚାୟତରେ ପାନୀୟ ଜଳ ସଂକଟ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ୱାର୍ଡ ନମ୍ବର-୭ରେ ପାନୀୟ ଜଳସଂକଟ ଦୀର୍ଘବର୍ଷ ହେଲା ଲାଗିରହିଛି। ରାଜ୍ୟ ସରକାର ବସୁଧା ଯୋଜନାରେ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବ୍ୟାପକ ବ୍ୟବସ୍ଥା କରିଥିବାବେଳେ ଭରତପୁର ପଞ୍ଚାୟତର ୭ ନମ୍ବର ୱାର୍ଡରେ ଏ ପର୍ଯ୍ୟନ୍ତ ପାନୀୟ ଜଳର ବ୍ୟବସ୍ଥା କରାଯାଇନାହିଁ। ଗ୍ରାମବାସୀମାନେ ବାରମ୍ବାର ଜିଲ୍ଲା ଗ୍ରାମୀଣ ଜଳ ଯୋଗାଣ ଅଧିକାରୀ, ବିଡିଓ ଓ ଜିଲ୍ଲାଗ୍ରାମୀଣ ଜଳ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଗ୍ରାମବାସୀମାନେ ପାଣି ବୁନ୍ଦାଏ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଗ୍ରୀଷ୍ମକାଳରେ କିଛିଦିନ ଟ୍ୟାଙ୍କର ଯୋଗେ ଜଳ ଯୋଗାଇ ଦେଉଛନ୍ତି। ପରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ପାନୀୟ ଜଳ ପାଇଁ ଛଟପଟ ହେଉଛନ୍ତି। ଉକ୍ତ ଅଞ୍ଚଳରେ ନଳକୂପ ବସାଇବା ପାଇଁ ଗ୍ରାମବାସୀ ଅନେକ ଥର ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଗ୍ରାମରେ ତୁରନ୍ତ ନଳକୂପ ବସାଇବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ କେତନ ସେଠୀ, ତିଳୋତମା ସେଠୀ, ସଚ୍ଚିକାନ୍ତ ସେଠୀ, କଳ୍ପନା ସେଠୀ, ଅଭିଲିପ୍ସା ସେଠୀ, ଶିବପ୍ରସାଦ ସେଠୀଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।



ସାହିତ୍ୟ ପତ୍ରିକା 'ପରୁହାଁ' ଉନ୍ମୋଚିତ

ବରଗଡ଼, ନ୍ୟୁଜ୍ ବ୍ୟୁରୋ


ସଂସ୍କୃତି ଗବେଷକ ତଥା ଯୁବ କବି ହେମନ୍ତ ଦୀପଙ୍କ ସମ୍ପାଦିତ ସାହିତ୍ୟ ପତ୍ରିକା 'ପରୁହାଁ' ଉନ୍ମୋଚିତ ହୋଇଯାଇଛି। ରିସେପ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ଼. ପ୍ରମୋଦ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଅଶୋକ କୁମାର ପୁଜାହାରୀ, ସମ୍ମାନିତ ଅତିଥି ଭାବେ ସୋନପୁର ମହାବିଦ୍ୟାଳୟର ଅଧ୍ୟାପକ ସୁଦାମ ଦୀପ ଯାଦବ, ସମୀକ୍ଷକ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଅଧ୍ୟାପିକା ସୁଶ୍ରୀ ବେବୀ ନାଏକ, ମୁଖ୍ୟ ବକ୍ତା ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଉତ୍ସବର ଶୋଭା ମଣ୍ଡନ କରିଥିଲେ। ଅଧ୍ୟାପକ ନାରାୟଣ ଭୋଇ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଡ଼. ଗୋବର୍ଦ୍ଧନ ସାହୁଙ୍କୁ 'ପରୁହାଁ' ଭ୍ରମଣ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟାପକ ରାଧାକାନ୍ତ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ


ତା୪।୧୧।୨୦୨୬, କାର୍ତ୍ତିକ ଦ୧୯ନ, ବୁଧବାର

ସୂର୍ଯ୍ୟୋଦୟ- ଘ ୫।୫୦।୧୧ **ଚନ୍ଦ୍ରୋଦୟ- ରାଘ୨।୧୦।୩୪**


ଦଶମୀ ଦିଘ ୧୧।୦୫ ପର୍ଯ୍ୟନ୍ତ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ରାଘ ୩।୩୨ ପର୍ଯ୍ୟନ୍ତ, ସିଂହ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧୧।୦୫ ଗତେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୪ ଗତେ ଦିଘ ୮।୦୯ ମଧ୍ୟେ। ଦିଘ ୧୦।୨୫ ଗତେ ଦିଘ ୧୧।୩୪ ମଧ୍ୟେ।




ମେଷ: ବ୍ୟବସାୟରେ କ୍ଷତି ଘଟିପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହୋଇପାରେ। ମାନସିକ ଅଶାନ୍ତି ଦୂର ହେବ। ଅଧିକ ଭ୍ରମଣ କରି ଶାରୀରିକ ପୀଡ଼ା ଦେଖାଦେଇପାରେ। ଘରେ ଦ୍ୱନ୍ଦ୍ୱ ଦେଖାଦେଇପାରେ।




ବୃଷ: ଭ୍ରମଣ ଯୋଗ ମଧ୍ୟ ରହିଛି। ଶତ୍ରୁ ନାଶ ହେବେ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ପରୋପକାରୀ ହେବେ। ମନ ଭଲ ରହିବ।



ମିଥୁନ: କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ କ୍ଷେତ୍ରରେ ବିଜୟ ହାସଲ କରିବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ମହିଳାମାନେ ଚିନ୍ତାର୍ଥୀ ହେବେ। ପରୋପକାରୀ ହେବେ।



କର୍କଟ: ଶତ୍ରୁଙ୍କ ଠାରୁ ସତର୍କ ରହିବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ଖର୍ଚ୍ଚର ପରିମାଣ ବଢ଼ିବ। ପିଲାଙ୍କ ପାଇଁ ଚିନ୍ତିତ ରହିବେ। ପାରିବାରିକ ଅସନ୍ତୋଷ ଦେଖାଦେବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ।



ସିଂହ: ଆଜି ଦିନଟି ଭଲରେ କଟିବ। ପରିଶ୍ରମ ଅଧିକ କରିବାକୁ ପଡ଼ିପାରେ। ନୂତନ ଯାନବାହାନ କ୍ରୟ କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ। ଦେହ ଭଲ ରହିବ।



କନ୍ୟା: ସାଧନାରେ ସିଦ୍ଧି ଲାଭ କରିବେ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ। ବ୍ୟୟ ଯୋଗ ମଧ୍ୟ ରହିଛି। ଦୂରଯାତ୍ରା ମଧ୍ୟ କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ସମ୍ମାନିତ ହେବାର ସୂଚନା।



ତୁଳା: କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଧନ ଲାଭର ସୁଯୋଗ ମଧ୍ୟ ରହିଛି। ପାରିବାରିକ ଜୀବନ ସୁଖମୟ ହେବ। ଖୋଜୁଥିବା ଜିନିଷ ହଠାତ୍ ପାଇପାରନ୍ତି। ମହିଳାମାନେ ସୁଖୀ ହେବେ।




ବିଛା: ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି। କଚେରି ମାମଲାରେ ବିଜୟ ହାସଲ କରିବେ। ଆର୍ଥିକ ପରିସ୍ଥିତି ଦୃଢ଼ ରହିବ। ଦୂରଯାତ୍ରା କରିପାରନ୍ତି। ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା।



ଧନୁ: ଶରୀର ସୁସ୍ଥ ରହିବ। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଭଲ ରହିବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ରୋଜଗାର ଭଲ ହେବ। ଗୃହେ ଆନନ୍ଦ ଦେଖାଦେବାର ସୂଚନା। ଦୟାଳୁ ହେବେ। ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି।



ମକର: ଆଜି ଟିକେ ସାବଧାନ ସହକାରେ ଚଳିବେ। ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ହେବ। ଧନ ଲାଭର ଯୋଗ ରହିଛି। ଘରେ ଆନନ୍ଦ।



କୁମ୍ଭ: ଦେହ ଓ ମନ ଭଲ ରହିବ। ଚାକିରୀ କ୍ଷେତ୍ରରେ ଭ୍ରମଣ କରିବାର ସୁଯୋଗ ମଧ୍ୟ ଜୁଟିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ। ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ।



ମୀନ: କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି। ପରୋପକାରୀ ହେବେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୫।୧୧।୨୦୨୬, କାର୍ତ୍ତିକ ଦ୨୦ନ, ଗୁରୁବାର

ସୂର୍ଯ୍ୟୋଦୟ- ଘ ୫।୫୦।୪୧ **ଚନ୍ଦ୍ରୋଦୟ- ରାଘ୩।୦୩।୫୨**

ଏକାଦଶୀ ଦିଘ ୧୦।୩୭ ପର୍ଯ୍ୟନ୍ତ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ରାଘ ୩।୫୮ ପର୍ଯ୍ୟନ୍ତ, ସିଂହ ଚନ୍ଦ୍ର ଦିଘ ୯।୩୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର । ଦିଘ ୯।୩୭ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୯।୩୭ ଗତେ ବୃଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ଦିଘ ୧୦।୩୭ ଗତେ ପୋଇ, ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୫ ଗତେ ଦିଘ ୭।୨୫ ପର୍ଯ୍ୟନ୍ତ। **ପର୍ବୋତ୍ସବ-** ରମା ଏକାଦଶୀ, ଗୋବତ୍ସା ଦ୍ୱାଦଶୀ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

ଭାରତୀୟଙ୍କ ଜିଏସ୍‌ଟି ଆଦାୟ ବଢ଼ିଲା

ୟୁପିଆଇ କାରବାର ବୃଦ୍ଧି ହୋଇଛି। ବିଜୁଳି ଖର୍ଚ୍ଚରେ ବି ରେକର୍ଡ। ଦରଦାମ ବୃଦ୍ଧି, ଉଚ୍ଚ ସୁଧହାର ଏବଂ ବିଶ୍ୱ ବଜାରରେ ଦେଖାଦେଇଥିବା ଅସ୍ଥିରତା ସତ୍ତ୍ୱେ ଅକ୍ଟୋବରରେ ହାତ ଖୋଲି ଖର୍ଚ୍ଚ କରିଛନ୍ତି ଭାରତୀୟ । ପାର୍ବଣ ବଜାରରେ ଚମକ ରହିଛି । ଏହାର ପ୍ରଭାବ ଜିଏସଟି ସଂଗ୍ରହ, କାର୍ ବିକ୍ରି, ଡିଜିଟାଲ ପେମେଣ୍ଟ ଏବଂ ବିଜୁଳି ଖର୍ଚ୍ଚରେ ଦେଖିବାକୁ ମିଳିଛି । ଅକ୍ଟୋବରରେ ଦେଶର ସାମଗ୍ରୀ ଏବଂ ସେବା ଟିକସ(ଜିଏସଟି) ଆଦାୟ ଗତବର୍ଷ ତୁଳନାରେ ୨୨.୯% ବଢ଼ି ୨.୩୧ ଲକ୍ଷ କୋଟି ଟଙ୍କା ରହିଛି । ୨୦୨୫ ସମାନ ସମୟରେ ଏହା ପାଖାପାଖି ୧.୮୮ ଲକ୍ଷ କୋଟି ଟଙ୍କା ଥିଲା। ଏହି ବୃଦ୍ଧି ଦର୍ଶାଉଛି ଯେ, ବିବାହ ଋତୁକୁ ଆଖି ଆଗରେ ରଖି ଲୋକେ ପ୍ରଚୁର ମାତ୍ରାରେ ଖର୍ଚ୍ଚ କରିଛନ୍ତି । ଅକ୍ଟୋବରରେ ଦେଶରେ ୫.୨୫ରୁ ୫.୩୦ ଲକ୍ଷ ୟୁନିଟ୍ କାର ବିକ୍ରି ହୋଇଛି। ଏହା ମାସକରେ ଏଯାବତ ସର୍ବବୃହତ୍ ବିକ୍ରି । ଗତବର୍ଷ ଅକ୍ଟୋବରରେ ପାଖାପାଖି ୪.୬୫ ଲକ୍ଷ କାର ବିକ୍ରି ହୋଇଥିଲା । ଏଥର ବିକ୍ରିରେ ୧୩ରୁ ୧୪% ବୃଦ୍ଧି ଘଟିଛି । ଇଲେକ୍ଟ୍ରିକ୍ ଦୁଇଚକିଆ ବିକ୍ରି ବି ରେକର୍ଡ ସ୍ତରରେ ପହଞ୍ଚିଛି । ଅକ୍ଟୋବରରେ ୨.୨୪ ଲକ୍ଷ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବିକ୍ରି ହୋଇଛି । ବାହନ ପୋର୍ଟାଲ ଅନୁସାରେ, ଏହା ଏଯାବତ ସର୍ବବୃହତ୍ ମାସିକ ଅଙ୍କ । ଡିଜିଟାଲ ପେମେଣ୍ଟରେ ବି ନୂଆ ରେକର୍ଡ ଦେଖିବାକୁ ମିଳିଛି। ଅକ୍ଟୋବରରେ ୟୁପିଆଇ ଜରିଆରେ ୨୫.୪୭ ବିଲିୟନ ବା ୨୫୪୭ କୋଟି ସଂଖ୍ୟକ ଟ୍ରାଞ୍ଜାକ୍ସନ ହୋଇଛି। ଏହା ଗତବର୍ଷ ତୁଳନାରେ ୨୩% ଅଧିକ । ଏହି ଟ୍ରାଞ୍ଜାକ୍ସନ ଜରିଆରେ ମୋଟ ୩୧.୫୩ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି, ଯାହା ବାର୍ଷିକ ଆଧାରରେ ୧୬% ଅଧିକ । ପ୍ରଥମ ଥର ୟୁପିଆଇ ଦ୍ୱାରା ଦୈନିକ ହାରାହାରି ୧ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି । ସେହିଭଳି ଅକ୍ଟୋବରରେ ଦେଶରେ ବିଜୁଳି ଖର୍ଚ୍ଚ ଗତବର୍ଷ ତୁଳନାରେ ପ୍ରାୟ ୨୨% ବଢ଼ି ୧୬୦ ବିଲିୟନ ବା ୧୬୦୦୦ କୋଟି ୟୁନିଟ ହୋଇଛି । ସହିଭଳି ଡିଜେଲ ବିକ୍ରିରେ ବି ୧୧.୭% ବୃଦ୍ଧି ଦେଖିବାକୁ ମିଳିଛି । ଏହି ଅଙ୍କଗୁଡ଼ିକରୁ ଜଣାଯାଏ, ଅକ୍ଟୋବରରେ ଦେଶରେ କିଣାକିଣି, କାରବାର ଏବଂ ଆର୍ଥିକ ଗତିବିଧି ଦୃଢ ରହିଛି । ମୁଦ୍ରାସ୍ଫୀତି ଏବଂ ବିଶ୍ୱ ବଜାରର ଅସ୍ଥିରତା ମଧ୍ୟରେ ବି ପାର୍ବଣରେ ଲୋକମାନେ ଖର୍ଚ୍ଚକାଟ କରିନାହାନ୍ତି । ନଭେମ୍ବରରେ ଦୀପାବଳି ବଜାରରେ ବି ଉତ୍ସାହ ରହିବ ବୋଲି ଅନୁମାନ କରିଛନ୍ତି ବିଶେଷଜ୍ଞ । ଗାଡ଼ି, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ଗୃହପୋକରଣ ସାମଗ୍ରୀ ଚାହିଦା ବଢ଼ିବା ସହ ୟୁପିଆଇ କାରବାର ତ୍ୱରାନ୍ୱିତ ହେବ ବୋଲି ଅନୁମାନ ରହିଛି ।

ଭୁବନେଶ୍ୱର ଅଞ୍ଚଳରେ ଅତୀତର ରୋଗୀ ଚିକିତ୍ସା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପଚାଶ ଦଶକରେ ଭୁବନେଶ୍ୱର କହିଲେ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପାଖର କେତେକ ଜନବସତି ଅଞ୍ଚଳକୁ ବୁଝାଯାଉଥିଲା। ସେତେବେଳେ ନୂଆ ରାଜଧାନୀ ଗଢ଼ା ହେବାର ସମ୍ୟକ ସୂଚନା କେବଳ ମାତ୍ର ମିଳୁଥିଲା। ବର୍ତ୍ତମାନର ସୁରମ୍ୟ ଅଟ୍ଟାଳିକାମାନ ଗଢ଼ା ହୋଇଥିବା ରାଜଧାନୀର ସେହିସବୁ ଅଞ୍ଚଳରେ ଭରି ରହିଥିଲା ଘଞ୍ଚ ଅରଣ୍ୟ, ପାହାଡ଼ି ଝରଣା, ବନ୍ୟ ପଶୁମାନଙ୍କ ସହିତ ସରୀସୃପମାନଙ୍କର ବିଚରଣ। ସେପରି ଅରଣ୍ୟ ମଧ୍ୟରେ କେବଳ ପାଦ ଚଲା ରାସ୍ତା ଦେଇ ନିକଟସ୍ଥ ଗ୍ରାମମାନଙ୍କୁ ଯାଇହେଉଥିଲା। କଟକ ସଦର, ବାଲିଅନ୍ତା ଓ ଭୁବନେଶ୍ୱର ଥାନା ଅଞ୍ଚଳର ବହୁ ଗ୍ରାମ ଏବେ ଭୁବନେଶ୍ୱର ମହାନଗର ନିଗମରେ ମିଶିଯିବାରୁ ତାହାର କଳେବର ଯଥେଷ୍ଟ ବୃଦ୍ଧି ପାଇଛି। ଲିଙ୍ଗରାଜ ମନ୍ଦିର ପାଖ ଅଞ୍ଚଳ ବ୍ୟତୀତ ସେତେବେଳେ ବାଲିଅନ୍ତା ବଜାର ଥିଲା ସର୍ବଦା ଚଳଚଞ୍ଚଳ। କାରଣ ଏହା ଥିଲା ନଦୀଭିତ୍ତିକ ଏକ ବାଣିଜ୍ୟ ପେଣ୍ଠ ଓ ତାହା ସହ ଜଗନ୍ନାଥ ରାସ୍ତା ଏହି ବଜାର ବାଟ ଦେଇ ଯାଇଥିଲା। ବଡ଼ ନୌକାମାନ ବିଭିନ୍ନ ସାମଗ୍ରୀ ଧରି କୁଆଖାଇ ନଦୀରେ ଏଠାକୁ ଆସୁଥିଲା ଓ ଏହିଠାରୁ ହିଁ ଶଗଡ଼, ଥୋଡ଼ିଆ ବଳଦ, ଖଚର ବା ଘୋଡ଼ାଙ୍କ ସାହାଯ୍ୟରେ ତାହାସବୁ ବୁହାହୋଇ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଉଥିଲା। ଜଗନ୍ନାଥ ରାସ୍ତା ଦେଇ ଉତ୍ତରଦିଗରୁ ଆସୁଥିବା ଯାତ୍ରୀମାନେ ବାଲିଅନ୍ତା ବଜାରରେ ଥିବା ଚଟିଘରମାନଙ୍କରେ ରାତ୍ରିରେ ରହୁଥିଲେ ଓ ପରଦିନ ପୁଣି ସେମାନଙ୍କର ଯାତ୍ରା ପୁଣି ଆରମ୍ଭ କରୁଥିଲେ। ଲିଙ୍ଗରାଜ ଦର୍ଶନକୁ ଆସୁଥିବା ଯାତ୍ରୀମାନେ ବି ଏଠାରେ ଡେରା ପକାଉଥିଲେ। ସରକାରଙ୍କ ଦ୍ୱାରା ସେତେବେଳେ ସେହିସବୁ ଗ୍ରାମମାନଙ୍କରେ ରହୁଥିବା ଲୋକମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ନିମନ୍ତେ ସେପରି କିଛି ପଦକ୍ଷେପ ନିଆଯାଉ ନଥିଲା। ତେବେ ସେହି ସମୟରେ ସ୍ୱାସ୍ଥ୍ୟ ନିମନ୍ତେ କେଉଁଭଳି ବ୍ୟବସ୍ଥା ସରକାରୀ ତଥା ଘରୋଇ ଉଦ୍ୟମରେ କରାଯାଇଥିଲା ସେ ସଂପର୍କୀୟ ସମ୍ୟକ ଆଲୋଚନାର ଆବଶ୍ୟକତା ଏଠାରେ ରହିଛି।

ସେତେବେଳେ ପୂର୍ବ ବଙ୍ଗଳାରୁ ବିସ୍ଥାପିତ ହୋଇ ଆସିଥିବା ସ୍ୱର୍ଗତ ସୁଧିର ଚନ୍ଦ୍ର ଘୋଷ ବାଲିଅନ୍ତାଠାରୁ ଅଳ୍ପଦୂର ଉତ୍ତରକୁ ଥିବା କଟକ ସଦରଥାନା ମହୀଧରପଡ଼ା ଗ୍ରାମ ନିକଟସ୍ଥ ଉତ୍ଷୁମା (ଦକ୍ଷିଣ)ରେ ନିଜର ଘର କରି ତାଙ୍କ ଡାକ୍ତରୀ ବ୍ୟବସାୟ ଆରମ୍ଭ କରିଥିଲେ। ବିଭିନ୍ନ ଗ୍ରାମରେ ପଡ଼ିଥିବା ରୋଗୀମାନଙ୍କୁ ଦେଖି ଔଷଧ ଦେବା ଥିଲା ତାଙ୍କର କାମ। ଆଜି କାଲିର ଇଂରାଜୀ ଭାଷାରେ ସେ ସେତେବେଳର ଜଣେ 'କ୍ୱାକ୍' ଭାବେ କେବଳ ପରିଚିତ ଥିଲେ। ଅବଶ୍ୟ ତାଙ୍କର ଡାକ୍ତରୀ ବା କମ୍ପାଉଣ୍ଡରୀ ଶିକ୍ଷାର ସାର୍ଟିଫିକେଟ୍ ଶିକ୍ଷା ଥିଲା କି ନାହିଁ ମୁଁ କହିପାରିବି ନାହିଁ। ମାତ୍ର ଏହି ଚିକିତ୍ସା ବ୍ୟବସାୟରେ ସେ ବେଶ୍ ଧୁରନ୍ଧର ତଥା ଲୋକପ୍ରିୟ ହୋଇପାରିଥିଲେ। ରୋଗୀ ଦେଖିବା ପାଇଁ ସେ ସାଇକେଲରେ ଗ୍ରାମାଞ୍ଚଳକୁ ଯାଉଥିଲେ ଓ ପାଉଣା ବାବଦରେ ଯିଏ ଯାହା ଦେଉଥିଲା ବିନା ପ୍ରତିବାଦରେ ତାହା ଗ୍ରହଣ କରୁଥିଲେ। ଏପରିକି ତାଙ୍କ ସାଇକେଲରେ ଝୁଲୁଥିବା ବ୍ୟାଗରେ ଲୋକେ ଚାଉଳ ଓ ପରିବା ଦେଉଥିବାର ଲେଖକ ଦେଖିଛି। ମୋ ବୋଉର ଚିକିତ୍ସକ ମଧ୍ୟ ଥିଲେ ସୁଧିର ବାବୁ ଓ ତାଙ୍କରି ଚିକିତ୍ସାରେ ଥିଲାବେଳେ ତାହାର ମୃତ୍ୟୁ ବି ହୋଇଯାଇଥିଲା। ମୋତେ ସେତେବେଳେ ପ୍ରାୟ ୬ବର୍ଷ ବୟସ ହୋଇଥିବା ମୋ ନନା(ବାପା)ଙ୍କଠାରୁ ଶୁଣିଛି। ସେ କୁଆଡ଼େ ସନ୍ନିପାତ ରୋଗରେ ମରିଗଲା ବୋଲି ମୁଁ ତାଙ୍କଠାରୁ ପଛରେ ଜାଣିଲି। ଏପରିକି ସେ ମରିବା ଦିନ ସକାଳୁ ସୁଧିର ବାବୁ ଆମ ଘରକୁ ତାହାର ଚିକିତ୍ସା ନିମନ୍ତେ ଆସି ପହଞ୍ଚିଥିଲେ। ତାଙ୍କ ରୋଗୀ ଦେଖିବା ଢଙ୍ଗର ବହୁ ଗପ ଏବେ ବି ସେତେବେଳର ପୁରୁଖା ଲୋକମାନଙ୍କଠାରୁ ଶୁଣିବାକୁ ମିଳେ। ଏପରିକି ଥରେ ଅଣ୍ଡକୋଷ ପାଚି ଯାଇଥିବା ଜଣେ ରୋଗୀକୁ ସେ ଦାଢ଼ିକାଟିବା ପାଇଁ ଉଦ୍ଦିଷ୍ଟ ବ୍ଲେଡ୍ ସାହାଯ୍ୟରେ ଅପରେସନ୍ କରି ସେଥିରେ ଜମିଥିବା ପୂଜକୁ ବାହାର କରିଦେଇଥିଲେ। ମଞ୍ଜି କଦଳୀପତ୍ର ଉପରେ ରଖି ଏପରି ଅପରେସନ୍ କରାଯାଇଥିଲା। ପରବର୍ତ୍ତୀ କାଳରେ ଲୋକଟି ସୁସ୍ଥ ହୋଇଥିବା ମୁଁ ପୁରୁଣା ଲୋକଙ୍କ ଠାରୁ ଶୁଣିଥିଲି। ତାଙ୍କର ଅଧିକ କ'ଣ ଯୋଗ୍ୟତା ଥିଲା ତାହା ବି ମୁଁ ଜାଣିନାହିଁ। ମାତ୍ର ସେ ଥିଲେ ଜଣେ ସାହାଯ୍ୟକାରୀ। ସେତେବେଳର ଏଲୋପାଥିକ୍ ଓ ହୋମିଓପାଥିକ୍ ଔଷଧକୁ ନେଇ ସେ ତାଙ୍କର ଚିକିତ୍ସା କରୁଥିଲେ ମାତ୍ର କୌଣସି ପାଉଣା ଦାବୀ କରୁନଥିଲେ। ଅସମୟରେ ବା ରାତ୍ରିର ଯେଉଁ ପ୍ରହରରେ ତାଙ୍କ ପାଖରେ ଲୋକେ ପହଞ୍ଚୁଥିଲେ ତତ୍‌କ୍ଷଣାତ୍ ସେ ତାଙ୍କ ଡାକ୍ତରୀ ବ୍ୟାଗ ଧରି ରୋଗୀକୁ ଦେଖିବା ନିମନ୍ତେ ତାହା ଘରକୁ ଯାଉଥିଲେ। ଏହା ହିଁ ଥିଲା ତାଙ୍କ ଲୋକପ୍ରିୟତାର ଅନ୍ୟ ଏକ କାରଣ। ମୁଁ ଶୁଣିଛି ଯେ ଦେଶ ସ୍ୱାଧୀନତା ପାଇବା ପୂର୍ବରୁ ସେ ସେତେବେଳର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ମିଶି ବ୍ରିଟିଶ୍ ସରକାର ବିରୋଧୀ କେତେକ କାର୍ଯ୍ୟ କରିବାରୁ ସରକାରଙ୍କ ଅପ୍ରିୟ ହୋଇଥିଲେ। ଏପରିକି ପୋଲିସ ଭୟରେ ସେ ବର୍ତ୍ତମାନର କଟକ ଜିଲ୍ଲା ବୋର୍ଡ଼ ପରିସର (ଏବେ ପରିଷଦ) ମଧ୍ୟରେ ଥିବା ଏକ ପରିତ୍ୟକ୍ତ କୂଅରେ ଗୋଟିଏ ଦିନ ଓ ରାତି ଲୁଚି ରହିଥିଲେ। ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେତେବେଳେ ତାଙ୍କର ଯଥେଷ୍ଟ ନାମ ଥିଲା ଓ ବହୁଥର ଜେଲ୍ ବି ଯାଇଥିଲେ। ସ୍ୱାଧୀନତାର ପରବର୍ତ୍ତୀ କାଳରେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ସରକାର ଥିବା ସମୟରେ ଲୋକସଂପର୍କ ବିଭାଗ ପ୍ରଥମେ ଗଠିତ ହେଲା ଓ ସୁଧିର ଘୋଷ ଏହି ବିଭାଗର Under Secretary-cum-Public Relation Officer ଭାବରେ ଦାୟିତ୍ୱ ନେଇଥିଲେ। ଷାଠିଏ ଦଶକରେ ମୋ ସହିତ ତାଙ୍କର ପ୍ରଥମ ପରିଚୟ ହୋଇଥିଲା। ସେ ସେତେବେଳେ ତାଙ୍କର ବାପୁଜୀନଗରସ୍ଥ ନିଜ ଘରେ ରହୁଥିଲେ। ମୋ ଜାଣିବାରେ ସେହି ସମୟ ମଧ୍ୟରେ ସଂପୃକ୍ତ ବିଭାଗର ସେ ବହୁ ଉନ୍ନତିକର କାର୍ଯ୍ୟ କରିଯାଇଥିଲେ। ତାଙ୍କର ବିଚକ୍ଷଣ ପ୍ରତିଭା ଥିଲା। ସ୍ୱଳ୍ପ ଶିକ୍ଷା ଥିଲେ ମଧ୍ୟ ଇଂରାଜୀ ବିଦ୍ୟାକୁ ସେ ବେଶ୍ ଆୟତ କରିପାରିଥିଲେ। ସରକାରୀ ଚାକିରିରୁ ଅବ୍ୟାହତ ନେବା ପରେ କିଛିଦିନ ନିମନ୍ତେ ସେ ସେତେବେଳର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିରେନ୍ ମିତ୍ରଙ୍କର ସ୍ୱତନ୍ତ୍ର ଅଫିସର ଭାବରେ ଅବସ୍ଥାପିତ ହୋଇଥିଲେ। ବିରେନ୍ ମିତ୍ରଙ୍କ ଭଳି ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯେତିକି ଲୋକ ଆସୁଥିଲେ ସେ ସମସ୍ତଙ୍କର କଥା ବୁଝୁଥିଲେ। ସେ ଏହି ଦାୟିତ୍ୱରେ ଥିଲାବେଳେ ଥରେ ଅତୀତର ସ୍ମୃତି ପଖାଳି ମୋ ସହିତ ମୋ ନିଜ ଗ୍ରାମକୁ କୌଣସି ଉତ୍ସବରେ ଯୋଗଦାନ ନିମନ୍ତେ ଯାଇଥିଲେ। ମୁଁ ଦେଖିଲି ଯେ ସେହି ଗ୍ରାମର ସେତେବେଳର ବହୁ ବୟସ୍କ ବ୍ୟକ୍ତିଙ୍କୁ ସେ ବେଶ୍ ଚିହ୍ନି ପାରି ସେମାନଙ୍କ ସହିତ ବ୍ୟକ୍ତିଗତ ଆଳାପ କରି ଭଲମନ୍ଦ କଥା ପଚାରି ବୁଝିଥିଲେ। ଏଥିରୁ ମୁଁ ଅନୁମାନ କରିନେଲି ଯେ ସେ ସେହି ଅଞ୍ଚଳରେ କେତେ ଲୋକପ୍ରିୟ ଓ ଚିହ୍ନା ଥିଲେ। ଅବଶ୍ୟ କ୍ଷମତାରୁ ଅପସରି ଯିବା ପରେ ମୋର ତାଙ୍କ ସହିତ ଆଉ ସେତେଟା ସଂପର୍କ ନଥିଲା। ମାତ୍ର ଏତିକି କହିପାରେ ସେ ବାଲିଅନ୍ତା ଓ କଟକ ସଦର ଅଞ୍ଚଳର ସେତେବେଳେ ସେ ଜଣେ ପ୍ରଭାବଶାଳୀ ଲୋକପ୍ରିୟ ଚିକିତ୍ସକ ଭାବରେ ବେଶ୍ ନାମ କରିଥିଲେ। ଆଜି ସ୍ୱର୍ଗତ ସୁଧିର ଘୋଷ ନାହାନ୍ତି। ମାତ୍ର ତାଙ୍କର କରିଯାଇଥିବା କାର୍ଯ୍ୟମାନ ଏବେ ବି ଲୋକ ମୁଖରେ ଶତ ପ୍ରଶଂସିତ ହେଉଛି। ତାଙ୍କ ସହ କାମ କରିଥିବା ବହୁ ବ୍ୟକ୍ତି ଆଜି ଆଉ ନାହାନ୍ତି।

ସେତେବେଳେ ଭୁବନେଶ୍ୱର ନିକଟ ବାଲିଅନ୍ତା ଥାନାର ଭିଙ୍ଗାରପୁରରେ ସ୍ଥାପିତ ପୁରୀ ଜିଲ୍ଲାବୋର୍ଡ଼ ଡାକ୍ତରଖାନାରେ ନିଯୁକ୍ତ ଥିଲେ ଡାକ୍ତର କୃଷ୍ଣଚନ୍ଦ୍ର ନନ୍ଦ। ଜଣେ ଚିକିତ୍ସକ ଭାବରେ ତାଙ୍କର ସୁନାମ ଭୁବନେଶ୍ୱର, ବାଲିଅନ୍ତା ତଥା ତତ୍‌ସଂଲଗ୍ନ କଟକ ସଦରଥାନା ଅଞ୍ଚଳରେ ବିଶେଷ ଭାବରେ ରହିଥିଲା। ସେ ସେତେବେଳର ଥିଲେ ଜଣେ ଖଗଚ (Licensed Medical Practitioner) ଡାକ୍ତର। ଆଜିକାଲି ଭଳି ଉନ୍ନତମାନର ରାସ୍ତାଘାଟମାନ ସେତେବେଳର ଗ୍ରାମାଞ୍ଚଳରେ ଆଦୌ ନଥିଲା। ମାତ୍ର ଡାକ୍ତର ହିସାବରେ ରୋଗୀ ଦେଖିବା ପାଇଁ ତାଙ୍କୁ ଗ୍ରାମାଞ୍ଚଳର ଯେଉଁଠାରୁ ଡକରା ଆସୁଥିଲା ସେ ତାଙ୍କ କମ୍ପାଉଣ୍ଡର ଯୋଗେନ୍ ବାବୁଙ୍କ ସହିତ ସାଇକେଲରେ ବା ପାଦରେ ଚାଲି ସେଠାରେ ଉପସ୍ଥିତ ହୋଇ ରୋଗୀର ଚିକିତ୍ସା କରୁଥିଲେ। ସେତେବେଳେ ତାଙ୍କର ଯିବା ଗସ୍ତ ଖର୍ଚ୍ଚ ଥିଲା ମାତ୍ର ଚାରିଟଙ୍କା ଓ କମ୍ପାଉଣ୍ଡରଙ୍କର ଦୁଇଟଙ୍କା। ଡାକି ଥିବା ଲୋକ ଯଦି ଟଙ୍କା ଦେଇ ନପାରିଲା ତେବେ ଡାକ୍ତର ବାବୁଙ୍କର କୌଣସି ଆପତ୍ତି ନଥିଲା କି ସେ କାହାକୁ କିଛି ମାଗୁନଥିଲେ। ସେତେବେଳେ ଭିଙ୍ଗାରପୁର ଡାକ୍ତରଖାନାରେ ରୋଗୀର ଚିକିତ୍ସା ନିମନ୍ତେ ଚାରୋଟି ଶଯ୍ୟା ଥିଲା। ଶଯ୍ୟା କହିଲେ ଗୋଟିଏ ଘରେ ଦୁଇଟି ଖଟ ସହ ମଶାରି। ଖଟରେ ପକାଇବା ଶେଯମାନ ଘରୁ ନେବାକୁ ପଡୁଥିଲା। ମୋର ମନେ ଅଛି ପିଲାଦିନେ ମୋତେ ପାରାଟାଇଫଏଡ୍ ଜ୍ୱର ହୋଇଥିଲା। ଡାକ୍ତର କୃଷ୍ଣଚନ୍ଦ୍ର ତାଙ୍କ ସହଯୋଗୀ କମ୍ପାଉଣ୍ଡରଙ୍କ ସହିତ ମୋତେ ଦେଖିବା ନିମନ୍ତେ ଦୁଇଥର ଆମ ଘରକୁ ଆସିଥିଲେ ଏବଂ ଶେଷରେ ତାଙ୍କରି ନିଷ୍ପତିରେ ମୋତେ ଗୋଟିଏ ସବାରୀରେ ବୋହି ନେଇ ସେହି ଡାକ୍ତରଖାନାର ରୋଗୀ ଘରେ ରଖାଗଲା। ସେଠାରେ ପ୍ରାୟ ମାସାଧିକ କାଳ ତାଙ୍କ ପାଖରେ ଚିକିତ୍ସିତ ହେବାପରେ ମୁଁ ସୁସ୍ଥ ହୋଇ ଘରକୁ ଫେରିଥିଲି। ସେତେବେଳେ ଲୋକମାନଙ୍କ ବିଶ୍ୱାସ ଏପରି ଥିଲା ଯେ କୃଷ୍ଣନନ୍ଦ ଡାକ୍ତର ଯେଉଁ ରୋଗୀକୁ ଚିକିତ୍ସା କରିଥାନ୍ତି ସେ ନିଶ୍ଚିତ ଭଲ ହୋଇଯାଏ। ଭୁବନେଶ୍ୱର ପାଖ ତଥା ବାଲିଅନ୍ତା ଓ କଟକ ସଦର ଥାନା ଅଞ୍ଚଳରେ ତାଙ୍କର ଏତେ ଲୋକପ୍ରିୟତା ଥିଲା ଯେ ତାଙ୍କ ନାମ ଶୁଣିଲେ ଲୋକେ ହାତ ଯୋଡ଼ି ପକାଉଥିଲେ। ମୋର ମନେ ଅଛି ଯେ ତାଙ୍କର ଭିଙ୍ଗାରପୁରର ସେତେବେଳର ପ୍ରସିଦ୍ଧ ଜମିଦାର ସ୍ୱର୍ଗତ ଗଙ୍ଗାଧର ଚୌଧୁରୀଙ୍କ ସହିତ ବେଶ୍ ବନ୍ଧୁତା ଥିଲା। ମୁଁ ସେଠାର ମାଇନର ସ୍କୁଲରେ ପାଠ ପଢ଼ିଲା ବେଳେ ଦେଖିଛି ପ୍ରାୟଶଃ ସେ ପ୍ରତିଦିନର ସନ୍ଧ୍ୟାବେଳେ ଗଙ୍ଗାଧର ଚୌଧୁରୀଙ୍କ ଘରକୁ ଆସି ତାଙ୍କ ସହିତ କିଛି ସମୟ ଅତିବାହିତ କରୁଥିଲେ। ଏହିଭଳି ଜଣେ ସରଳ ଓ ଲୋକପ୍ରିୟ ଡାକ୍ତରଙ୍କୁ ପରବର୍ତ୍ତୀ କାଳରେ କେତେକ ରାଜନୈତିକ ବ୍ୟକ୍ତି ଅସୂୟା ମନୋଭାବ ନେଇ ଅନ୍ୟତ୍ର ବଦଳି କରାଇଦେଲେ। କୃଷ୍ଣଚନ୍ଦ୍ର ନନ୍ଦ ଭିଙ୍ଗାରପୁରସ୍ଥ ଜିଲ୍ଲାବୋର୍ଡ଼ ଡାକ୍ତରଖାନାରୁ ଯିବା ପରେ ଆଉ ସେହିଭଳି ଡାକ୍ତର ସେଠାକୁ ଆସି ନଥିଲେ କି ତାହା ଆଉ ସେପରି ନାମ କରିପାରିଲା ନାହିଁ। କ୍ରମଶଃ ସେଠାକୁ ରୋଗୀମାନଙ୍କର ଆସିବା କମିଗଲା। ପୁରୁଣା ଭୁବନେଶ୍ୱରସ୍ଥ ଜିଲ୍ଲାବୋର୍ଡ଼ ଡାକ୍ତରଖାନାରେ ସେତେବେଳେ ଗଦାଧର ମହାପାତ୍ର ଡାକ୍ତର ଭାବେ ଅବସ୍ଥାପିତ ହୋଇଥିଲେ। ସେ ବି ଥିଲେ ଜଣେ ଖଗଚ ଡାକ୍ତର ଓ ପରବର୍ତ୍ତୀ କାଳରେ MBBS ପଦବୀକୁ ପଦୋନ୍ନତି ପାଇଥିଲେ। କୃଷ୍ଣଚନ୍ଦ୍ର ନନ୍ଦଙ୍କ ଭଳି ବାଲିଅନ୍ତା ଭୁବନେଶ୍ୱର ଅଞ୍ଚଳରେ ସେ ମଧ୍ୟ ବେଶ୍ ଲୋକପ୍ରିୟତା ହାସଲ କରିପାରିଥିଲେ। ସେତେବେଳେ ପୁରୁଣା ଭୁବନେଶ୍ୱରର ସେହି ଡାକ୍ତରଖାନାକୁ 'ଗଦାଧର ଡାକ୍ତରଖାନା' କୁହାଯାଉଥିଲା। ରୋଗୀମାନଙ୍କର ସେବା ପାଇଁ ସେ ସେମାନଙ୍କ ଘରେ ପହଞ୍ଚି ଯାଉଥିଲେ। ଯିବା ଆସିବା ନିମନ୍ତେ ଗସ୍ତ ଖର୍ଚ୍ଚ କିଏ ଦେଲା ବା ନଦେଲା ସେଥିପ୍ରତି ତାଙ୍କର ଭ୍ରୂକ୍ଷେପ ନଥିଲା। ଭୁବନେଶ୍ୱର ରାଜଧାନୀ ଭାବରେ ଏବେ ବହୁ ବଡ଼ ହୋଇଗଲାଣି ଏବଂ ସେହି ଜିଲ୍ଲାବୋର୍ଡ଼ ଡାକ୍ତରଖାନା ସଂପ୍ରସାରିତ ହୋଇ ମହାନଗର ନିଗମର ଏକ ବଡ଼ ଡାକ୍ତରଖାନାରେ ପରିଣତ ହୋଇଯାଇଛି। ତଥାପି ପୁରୁଣା ଲୋକମାନେ ଏବେ ବି ଗଦାଧର ମହାପାତ୍ରଙ୍କୁ ଭୁଲି ପାରିନାହାନ୍ତି। ସେବେଳର କେତେକ ପୁରୁଣା ଲୋକ ସେହି ଡାକ୍ତରଖାନାକୁ ଗଦାଧର ଡାକ୍ତରଖାନା ବୋଲି ଏବେ ବି କହିଥାନ୍ତି।

ଅବଶ୍ୟ ସେତେବେଳେ ବହୁତ ଗୁଡ଼ିଏ ଆୟୁର୍ବେଦ ପ୍ରତିଷ୍ଠାନ ଦ୍ୱାରା ଭୁବନେଶ୍ୱର ଅଞ୍ଚଳରେ ରୋଗୀ ଚିକିତ୍ସା କରାଯାଉଥିଲା। ସେଗୁଡ଼ିକ ମଧ୍ୟରେ ଥିଲା ବାଲିଅନ୍ତାର ପ୍ରସିଦ୍ଧ ବ୍ରାହ୍ମଣ 'କର' କବିରାଜ ପରିବାର। ଏହି ବୈଦ୍ୟ ପରିବାର ବୈଦ୍ୟଶାଳାର ପ୍ରତିଷ୍ଠାତା ଥିଲେ ସ୍ୱର୍ଗତ ଜଗମୋହନ କର। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଥିଲା ତାଙ୍କର ଜନ୍ମ। ତାଙ୍କ ଚିକିତ୍ସା ପଦ୍ଧତିରେ ଆକୃଷ୍ଟ ହୋଇ ରାଜ୍ୟ ବାହାର ତଥା ମେଦିନପୁର, ଛତିଶଗଡ଼ ପ୍ରଭୃତି ଅଞ୍ଚଳରୁ ବହୁ ରୋଗୀ ଚିକିତ୍ସା ନିମନ୍ତେ ସେଠାକୁ ଆସୁଥିଲେ। ତାଙ୍କ ଘରେ ଥିବା ପୁରୁଣା କାଗଜପତ୍ରରୁ ଏସବୁ ସଂପର୍କରେ କେତେକ ସୂଚନା ମିଳିଥାଏ। ଏବେ ବି ତାଙ୍କର ସେହି ଚିକିତ୍ସାକୁ ତାଙ୍କ ଦାୟାଦମାନେ ଆଦରି ନେଇଛନ୍ତି। ଏହାପରେ ଥିଲା କଟକ ସଦର ଥାନାର ଫତେଗଡ଼ ମଠ। ସେଠାରେ ମଧ୍ୟ ମଠର ମହନ୍ତ ଏପରି ଚିକିତ୍ସା କରୁଥିଲେ। ପୁରୁଣା ଭୁବନେଶ୍ୱରରେ ଶ୍ରୀଧର ଗରାବଡ଼ୁ ଓ ବାସୁଦେବ ମହାପାତ୍ର ପ୍ରମୁଖ ବହୁ ପ୍ରତିଷ୍ଠିତ ବୈଦ୍ୟ ପରିବାର ଆୟୁର୍ବେଦ ପଦ୍ଧତିରେ ରୋଗୀ ସେବା କରୁଥିଲେ। ମନେଅଛି କୌଣସି ଚିକିତ୍ସା ନିମନ୍ତେ ମୋର ନନା, ବୋଉ ମୋତେ ପୁରୁଣା ଭୁବନେଶ୍ୱରସ୍ଥ ରଥଦାଣ୍ଡରେ ଥିବା ଶ୍ରୀଧର ଗରାବଡ଼ୁଙ୍କ ଚିକିତ୍ସାଳୟକୁ ଆଣିଥିଲେ ଓ ତାଙ୍କରି ଚିକିତ୍ସାରେ ମୁଁ ଭଲ ହୋଇଯାଇଥିଲି। ଏହା ବ୍ୟତୀତ ସେତେବେଳର ଗ୍ରାମାଞ୍ଚଳରେ ବହୁ ପ୍ରତିଷ୍ଠିତ ବୈଦ୍ୟ ଥିଲେ ଯେଉଁମାନେ ନିଜ ପ୍ରସ୍ତୁତ ଆୟୁର୍ବେଦ ଔଷଧରେ ରୋଗୀମାନଙ୍କୁ ଚିକିତ୍ସା କରି ରୋଗ ଉପଶମ କରିପାରୁଥିଲେ।

ଜିନ୍ନା, ବାଂଲାଦେଶ ଓ ଭାଷା ଅସ୍ମିତା



ଡାକ୍ତର ରାଜକିଶୋର ପଣ୍ଡା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୮ ରେ ମୃତ୍ୟୁବରଣ କଲେ। ଏହାର ତେଇଶି ବର୍ଷ ପରେ ବାଂଲାଦେଶ ସୃଷ୍ଟି ହେଲା ଗୋଟିଏ ରକ୍ତାକ୍ତ ସଂଗ୍ରାମରେ। ଏହି ଯୁଦ୍ଧଟି ହୋଇଥିଲା ପାକିସ୍ତାନ ବିରୁଦ୍ଧରେ ଯାହାକୁ ଜିନ୍ନା ଗଠନ କରିଥିଲେ। ତେଣୁ ଆମେ କହିପାରିବା ବାଂଲାଦେଶର ସୃଷ୍ଟି ପରଠାରୁ ଏହାର ଆଧୁନିକ ଇତିହାସରେ ଜିନ୍ନା ହେଉଛନ୍ତି ଜଣେ ପ୍ରାକ୍ ଐତିହାସିକ ବ୍ୟକ୍ତିତ୍ୱ। କିନ୍ତୁ ଏହା ମଧ୍ୟରେ ତାଙ୍କୁ ନେଇ ବାଂଲାଦେଶରେ ଏକ ବିବାଦର ସୂତ୍ରପାତ ହୋଇଛି। ଘଟଣାଟି ହୋଇଛି ଢାକା ୟୁନିଭରସିଟି ସେଣ୍ଟ୍ରାଲ ଷ୍ଟୁଡେଣ୍ଟସ୍ ୟୁନିୟନର ମ୍ୟୁଜିୟମରେ। ସଂଗ୍ରହାଳୟଟିର ନବୀକରଣ ପରେ ଦେଖିବାକୁ ମିଳିଲା ଯେ ଏଥିରେ ଜିନ୍ନାଙ୍କର ସମ୍ପୃକ୍ତି ଥିବା ତିନୋଟି ଫଟୋ ରଖାଯାଇଛି। ଏହି ତିନୋଟି ଫଟୋଚିତ୍ର ମଧ୍ୟରୁ ପ୍ରଥମଟି ହେଉଛି ୧୯୭୦ ମସିହାର ଗୋଟିଏ ସମ୍ବାଦପତ୍ର କ୍ଲିପିଙ୍ଗ୍, ଦ୍ୱିତୀୟ ଫଟୋଟି ୧୯୪୦ ମସିହାରେ ଲାହୋରଠାରେ ଅନୁଷ୍ଠିତ ହୋଇଥିବା ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ଅଧିବେଶନ ସମୟର ଓ ତୃତୀୟଟି ହେଉଛି ଜିନ୍ନାଙ୍କର ଅନ୍ୟ ଏକ ଫଟୋ ଯାହାକୁ ନିଆଯାଇଥିଲା ଢାକାର ରେସକୋର୍ସ ମଇଦାନରେ ଏକୋଇଶି ମାର୍ଚ୍ଚ ୧୯୪୮ ରେ, ଯେଉଁଥିରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ କି, ଉର୍ଦ୍ଦୁ ହିଁ ପାକିସ୍ତାନର ରାଜଭାଷା ହେବା ଉଚିତ। ଉପରେ ବର୍ଣ୍ଣିତ ରେସକୋର୍ସ ମଇଦାନକୁ ଆଜି ନାମିତ କରାଯାଇଛି ସୁରାୱର୍ଦ୍ଦି ମଇଦାନ ଭାବରେ।

ଜିନ୍ନାଙ୍କର ଫଟୋ ମ୍ୟୁଜିୟମରେ ଲାଗିବାକୁ ନେଇ ସମ୍ପ୍ରତି ବାଂଲାଦେଶର ଯୁବପୀଢ଼ି ଉତ୍ତ୍ୟକ୍ତ ହୋଇଉଠିଛନ୍ତି। ଉର୍ଦ୍ଦୁ ବିଭାଗର ଛାତ୍ର "ଅବୁ ତୈୟାବ ହାବିଲଦାର୍" ମ୍ୟୁଜିୟମକୁ ଯାଇ ଜିନ୍ନାଙ୍କର ଉକ୍ତ ଫଟୋଗୁଡ଼ିକୁ ଚିରି ଦେଲେ ଓ ମନ୍ତବ୍ୟ ଦେଲେ କି, ଯେଉଁ ବ୍ୟକ୍ତି ବଙ୍ଗଳା ଭାଷା (ବାଂଲାଦେଶର ମାତୃଭାଷା) ବିରୋଧରେ ନିଷ୍ପତ୍ତି ନେଇଥିଲେ ତଥା ୧୯୪୮ ରେ କର୍ଜନ ହଲ୍ ପରିସର ମଧ୍ୟରେ ଛାତ୍ରମାନଙ୍କର ଦମନ ସହ ସଂଶ୍ଳିଷ୍ଟ ଥିଲେ, ତାଙ୍କ ଫଟୋ କଦାପି ଏହି ସଂଗ୍ରହାଳୟରେ ରହିପାରିବ ନାହିଁ। ଏହାପରେ ବିଭିନ୍ନ ଛାତ୍ର ଦଳ ଓ ଛାତ୍ର ସଂଘ ତରଫରୁ ମଧ୍ୟ ବିରୋଧ ପ୍ରଦର୍ଶନ ଆରମ୍ଭ ହେଲା। ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଜିନ୍ନାଙ୍କର ଫଟୋକୁ ଚିରି, ତା' ଉପରେ ଛେପ ପକାଇଲେ ଓ ତଳେ ପକାଇ କୁଦିଲେ ମଧ୍ୟ।

ଏହି ବିରୋଧର ଜବାବ ଦେବାକୁ ଯାଇ "ଫାତିମା ତସନିମ୍ ଜୁମା" ଯିଏ କି ମ୍ୟୁଜିୟମ୍‌ର ନବୀକରଣ ଦାୟିତ୍ୱରେ ଥିଲେ କହିଛନ୍ତି କି, "ଜିନ୍ନାଙ୍କର ଫଟୋ ଚିତ୍ରଗୁଡ଼ିକ ଗୋଟିଏ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଦସ୍ତାବିଜ୍।" ୧୯୪୮ ମସିହାର ଫଟୋ ସମ୍ପର୍କରେ ମତ ଦେଇ ଫାତିମା କହିଛନ୍ତି ଯେ, ଏହି ଚିତ୍ରଟି ଉର୍ଦ୍ଦୁକୁ ନେଇ ଜିନ୍ନାଙ୍କର ନୀତିକୁ ଦର୍ଶାଉଛି। ସେହିପରି ଲାହୋର ଫଟୋ ବିଷୟରେ ସେ କହିଛନ୍ତି ଯେ ଏଥିରେ ଜିନ୍ନା "ଏକେ ଫଜଲୁଲ ହକ୍"ଙ୍କ ପାଖରେ ବସିଛନ୍ତି। ଏହି "ଫଜଲୁଲ ହକ୍" ଯିଏ କି ଜଣେ ବଙ୍ଗାଳୀ, ସର୍ବପ୍ରଥମେ ସ୍ୱତନ୍ତ୍ର ମୁସଲିମ୍ ରାଷ୍ଟ୍ର କରିବା ସପକ୍ଷରେ ପ୍ରସ୍ତାବ ପାରିତ କରିଥିଲେ।

ମ୍ୟୁଜିୟମ୍‌ରେ କେବଳ ବର୍ତ୍ତମାନର ପୀଢ଼ିକୁ ସନ୍ତୁଷ୍ଟ ବା ସମର୍ଥନ କରିବା ଭଳି ସାମଗ୍ରୀ ମାନ ରଖାଯାଇପାରିବ ନାହିଁ ଓ ଜିନ୍ନାଙ୍କ ଫଟୋକୁ ସଂଗ୍ରହାଳୟରେ ସ୍ଥାନୀତ କରିବାଦ୍ୱାରା ତାଙ୍କର କାର୍ଯ୍ୟକଳାପକୁ କୌଣସି ପ୍ରକାରର ସମର୍ଥନ କରାଯାଉନାହିଁ ବୋଲି ଫାତିମା ମନ୍ତବ୍ୟ ଦେଇଛନ୍ତି।

ଏବେ ପ୍ରଶ୍ନ ଉଠୁଛି କି ଜିନ୍ନାଙ୍କର ଏହି ସାର୍ବଜନୀନ ଅପମାନ ଦ୍ୱାରା ବାଂଲାଦେଶର ପାକିସ୍ତାନ ସହିତ ସମ୍ବନ୍ଧ ପ୍ରଭାବିତ ହେବ ନା ନାହିଁ। ଯଦିଓ ଏହି ଘଟଣାଟି କୂଟନୀତି ଅପେକ୍ଷା ସ୍ମୃତି ଓ ଘରୋଇ ରାଜନୀତିର ଲଢ଼େଇ ବୋଲି ଅଧିକ ମାତ୍ରାରେ ମନେ ହେଉଛି, ଏହା ସତ୍ତ୍ୱେ ମଧ୍ୟ ଇତିହାସରେ ଏହି ଭଳି ପ୍ରତୀକାତ୍ମକ ଘଟଣା ଅଧିକାଂଶ ସମୟରେ ଦୁଇଦେଶ ମଧ୍ୟରେ ଥିବା ବିବାଦକୁ ଆହୁରି ବଢ଼ାଇ ଦେଇଥାଏ।

ଜିନ୍ନାଙ୍କ ବିରୋଧରେ ବାଂଲାଦେଶ ଜନତାଙ୍କର କ୍ରୋଧ ବର୍ତ୍ତମାନର ନୁହେଁ। ଏହାର ସୃଷ୍ଟି ହୋଇଛି ୧୯୪୮ ମସିହାର ସେହି ନିଷ୍ପତ୍ତିରୁ ଯେତେବେଳେ ଜିନ୍ନା କହିଥିଲେ, "ପାକିସ୍ତାନର ରାଷ୍ଟ୍ର ଭାଷା କେବଳ ଉର୍ଦ୍ଦୁ ହିଁ ହୋଇ ପାରିବ।" ପୂର୍ବ ପାକିସ୍ତାନରେ ବହୁସଂଖ୍ୟକ ଜନତାଙ୍କର ମାତୃଭାଷା ବଙ୍ଗାଳୀ ଥିଲା। ଜିନ୍ନାଙ୍କ ଘୋଷଣାରୁ ଆରମ୍ଭ ହେଲା ଭାଷା ଆନ୍ଦୋଳନ ଓ ପରେ ଏହି ଆନ୍ଦୋଳନ ସ୍ୱତନ୍ତ୍ର ବାଙ୍ଗଲାଦେଶ ସୃଷ୍ଟିର କାରଣ ହେଲା।

ପାକିସ୍ତାନ ସୃଷ୍ଟି ହେବାର କିଛି ମାସ ହୋଇଥିଲା ଯେତେବେଳେ ମାର୍ଚ୍ଚ ୧୯୪୮ ରେ ଜିନ୍ନା ପୂର୍ବ ବଙ୍ଗ ଗସ୍ତରେ ଆସିଥିଲେ। ଏକୋଇଶି ମାର୍ଚ୍ଚରେ ସାଧାରଣ ସଭା ଓ ଚବିଶ ମାର୍ଚ୍ଚରେ ଢାକା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସେ ସ୍ପଷ୍ଟ ଭାବରେ କହିଲେ କି ଦେଶର (ପାକିସ୍ତାନ) ଭାଷା ଉର୍ଦ୍ଦୁ ହିଁ ହେବ। ତାଙ୍କର ଯୁକ୍ତି ଥିଲା କି, ପ୍ରାନ୍ତ ନିଜର କାର୍ଯ୍ୟ ପାଇଁ ବଙ୍ଗଳା ବାଛି ପାରିବ କିନ୍ତୁ ସମ୍ପୂର୍ଣ୍ଣ ଦେଶକୁ ଯୋଡ଼ିବା ଭଳି ଭାଷା ଗୋଟିଏ ହେବା ଦରକାର ଓ ତାହା ହେଉଛି ଉର୍ଦ୍ଦୁ। ସେ ଉର୍ଦ୍ଦୁକୁ ଇସଲାମ୍ ସଂସ୍କୃତି ଓ ମୁସଲିମ୍ ପରମ୍ପରା ସହ ଯୋଡ଼ିଲେ ଓ ଏହାର ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କୁ ପାକିସ୍ତାନର ଶତ୍ରୁ ତଥା ଦେଶର ଏକତା ପ୍ରତି ବିପଦ ବୋଲି ଦର୍ଶାଇଲେ। ଛାତ୍ରମାନେ ଜିନ୍ନାଙ୍କର ଏହି ବୟାନର ତତ୍‌କ୍ଷଣାତ୍ ଦୃଢ଼ ବିରୋଧ କରି ନାରାବାଜି କଲେ, "ମାନି ନା", "ମାନି ନା" ଅର୍ଥାତ୍ ଆମେ ମାନିବୁ ନାହିଁ।

ସେହି ସମୟରେ ଛାତ୍ରଙ୍କର ପ୍ରତିନିଧି ମଣ୍ଡଳ ସହ ଆଲୋଚନାରେ ମଧ୍ୟ ଜିନ୍ନା ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ପଶ୍ଚିମ ପାକିସ୍ତାନରେ ଉର୍ଦ୍ଦୁ ମୁଖ୍ୟ ଭାଷା ଥିବା ବେଳେ ପୂର୍ବ ପାକିସ୍ତାନରେ ବଙ୍ଗଳା ହେଉଛି ମୁଖ୍ୟ ଭାଷା।

ଭାଷାର ଆବଶ୍ୟକତା କେବଳ କଥାବାର୍ତ୍ତାରେ ନିହିତ ନାହିଁ ବରଂ ଏହା ଶିକ୍ଷା, ନିଯୁକ୍ତି, ସାହିତ୍ୟ ଓ ଶାସନ ସହ ମଧ୍ୟ ଗଭୀର ଭାବରେ ସଂଶ୍ଳିଷ୍ଟ। ଉର୍ଦ୍ଦୁକୁ ସମଗ୍ର ପାକିସ୍ତାନ (ପୂର୍ବ ଓ ପଶ୍ଚିମ)ର ରାଜଭାଷା ରୂପେ ମାନ୍ୟତା ଦେବା ଫଳରେ ପୂର୍ବଭାଗ ସାଂସ୍କୃତିକ ଓ ପ୍ରଶାସନିକ କ୍ଷେତ୍ରରେ ପଛେଇଯିବ ବୋଲି ଏଠାକାର ଲୋକମାନେ ମନେକରିଥିଲେ। ଏହା ହିଁ ବାଟ କଢ଼ାଇ ନେଇଥିଲା ୧୯୫୨ ମସିହାର ଭାଷା ଆନ୍ଦୋଳନକୁ। ଏକୋଇଶି ଫେବୃୟାରୀ ୧୯୫୨ ରେ ଢାକାରେ ପୋଲିସର ଗୁଳି ଚାଳନା ଫଳରେ ଅନେକ ଆନ୍ଦୋଳନରତ ଯୁବକ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ପ୍ରମୁଖ ଥିଲେ ଅବଦୁସ ସଲାମ୍, ରଫିକଉଦ୍ଦିନ୍ ଅହମ୍ମଦ୍, ଅବୁଲ ବରକତ୍ ଏବଂ ଅବଦୁଲ ଜବାର। ଏମାନଙ୍କର ବଳିଦାନକୁ ସ୍ମରଣୀୟ କରିବା ପାଇଁ ଏକୋଇଶି ଫେବୃୟାରୀକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ୟୁନେସ୍କୋ ତରଫରୁ ଘୋଷଣା କରାଗଲା ୧୯୯୯ ମସିହାରେ। ପରିଶେଷରେ ୧୯୫୬ ମସିହାରେ ବଙ୍ଗଳା ଭାଷାକୁ ପାକିସ୍ତାନର ସମ୍ବିଧାନରେ ରାଜ୍ୟ ଭାଷାର ମାନ୍ୟତା ମିଳିଲା। କିନ୍ତୁ ସେତେବେଳକୁ ଏହି ଭାଷାଗତ ବିବାଦ ଅତ୍ୟନ୍ତ ଜଟିଳ ଆକାର ଧାରଣ କରିସାରିଥିଲା। ଭାଷାର ଏହି ଅସନ୍ତୋଷ ଧୀରେ ଧୀରେ ଏକ ରାଜନୈତିକ ବିଚ୍ଛିନ୍ନତା ସୃଷ୍ଟି କଲା ଓ ଶେଷରେ ଏହା ଯାଇ ପହଞ୍ଚିଲା ୧୯୭୧ ର ମୁକ୍ତି ସଂଗ୍ରାମରେ। ବାଂଲାଦେଶର ସରକାରୀ ତଥ୍ୟ ଅନୁଯାୟୀ ଏହି ଯୁଦ୍ଧରେ ତିରିଶ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ।

ଆଜିର ଏହି ବିରୋଧ ମୁକ୍ତି ସଂଗ୍ରାମର ସ୍ମୃତି ସହ ଜଡ଼ିତ ଅଛି। ବିରୋଧୀ ପକ୍ଷ କହୁଛନ୍ତି କି ବାଂଲାଦେଶ ସେହି ମାଟି ଉପରେ ନିର୍ମିତ ହୋଇଛି ଯେଉଁଠି ଅଗଣିତ ଯୁବପୀଢ଼ି ବଙ୍ଗଳା ଭାଷା ପାଇଁ ଜୀବନ ଦେଇଛନ୍ତି। ସେମାନଙ୍କୁ ସଂଗ୍ରହାଳୟରେ ଜିନ୍ନାଙ୍କୁ ଏକ ସମ୍ମାନଜନକ ସ୍ଥାନ ଦେବା, ଅତୀତ ଇତିହାସର ଅପମାନ କରିବା ଭଳି ମନେ ହେଉଛି।

ତେବେ କ'ଣ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଜିନ୍ନାଙ୍କୁ କ୍ଷମା କରିପାରିନାହିଁ? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କି ବାଂଲାଦେଶର ରାଜନୈତିକ ଓ ସାମାଜିକ ପରିବେଶ ଜିନ୍ନାଙ୍କର ଉର୍ଦ୍ଦୁକୈନ୍ଦ୍ରିକ ନୀତିକୁ ଆଜି ପର୍ଯ୍ୟନ୍ତ ସ୍ୱୀକାର କରିନାହିଁ। ଯୁବପୀଢ଼ି ତାଙ୍କୁ ପ୍ରାୟତଃ ଏକ ବଙ୍ଗାଳୀ ବିରୋଧୀ ଶାସକ ରୂପରେ ଦେଖିଆସିଛି। କିଛି ଲୋକ ତାଙ୍କୁ ଉପମହାଦ୍ୱୀପର ମୁସଲିମ୍ ରାଜନୈତିକ ଇତିହାସର ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ମଧ୍ୟ ବିଚାର କରନ୍ତି। ଇତିହାସରେ କ୍ଷମା ଦେବା ବ୍ୟକ୍ତିଗତ ଭାବନା ଅପେକ୍ଷା ସାମୂହିକ ସ୍ମୃତିର ବିଷୟ ଅଧିକ ହୋଇଥାଏ। କର୍ଜନ ହଲ ଓ ସୁରାୱର୍ଦ୍ଦି ଉଦ୍ୟାନ ଆଜି ମଧ୍ୟ ୧୯୪୮ ର ବିରୋଧକୁ ମନେପକାଇ ଦିଅନ୍ତି। ତେଣୁ ଏହି ଐତିହ୍ୟ ପରିସର ମଧ୍ୟରେ ଜିନ୍ନାଙ୍କର ୧୯୪୮ ମସିହାର ଭାଷଣର ଫଟୋ ଲଗାଇବା ନିଶ୍ଚିତ ପକ୍ଷେ ବାଂଲାଦେଶର ଜନତାଙ୍କୁ ଅପମାନିତ ବୋଧ କରାଇବ। ପାକିସ୍ତାନ ପାଇଁ ଜିନ୍ନା ହେଉଛନ୍ତି ରାଷ୍ଟ୍ରପିତା। ତାଙ୍କର ଫଟୋ ଉପରେ ଛେପ ପକାଇବା ଓ ପାଦ ରଖିବା ଇସଲାମାବାଦର ସ୍ମୃତି ନିମନ୍ତେ ଗଭୀର ଆଘାତ ବୋଲି ମାନିବାକୁ ପଡ଼ିବ। ସେଠାକାର ସରକାର, ମିଡ଼ିଆ ଓ ରାଜନୈତିକ ଦଳ ଏହାକୁ ବାଂଲାଦେଶର "ଐତିହାସିକ ଶତ୍ରୁତା"ର ନୂଆ ଅଧ୍ୟାୟ ବୋଲି କହିପାରନ୍ତି। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ଆଗରୁ ଥିବା ଦୁର୍ବଳ ସାଂସ୍କୃତିକ ଓ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ନରମ ହୋଇପାରେ। କୌଣସି ରାଷ୍ଟ୍ର ନିଜର ଜଟିଳ ଇତିହାସକୁ କେବେ ସମ୍ପୂର୍ଣ୍ଣ ଭାବରେ ଲୋପ କରିପାରିବ ନାହିଁ। କିନ୍ତୁ ସଂଗ୍ରହାଳୟ, ପାଠ୍ୟପୁସ୍ତକ ଓ ଛାତ୍ର ରାଜନୀତି ଏହା ସ୍ଥିର କରନ୍ତି, କି ଅତୀତକୁ କିପରି ସନ୍ତୁଳନତାର ସହିତ ପରିପ୍ରକାଶ କରାଯାଇପାରିବ।

ଜିନ୍ନାଙ୍କ ଫଟୋକୁ ନେଇ ଉଠିଥିବା ବିରୋଧ ଏହା ପ୍ରମାଣିତ କରୁଛି କି ବାଂଲାଦେଶ ଆଜି ପର୍ଯ୍ୟନ୍ତ ଭାଷା ବିଦ୍ୱେଷକୁ ଭୁଲି ନାହିଁ। ଏଠାରେ ଇତିହାସ ବନ୍ଦ ପୁସ୍ତକ ନୁହେଁ ବରଂ ଅଟେ ଜୀବନ୍ତ ଯୁକ୍ତି।



(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ପାଠ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏହି ପାଠକୁ ନେଇ କେଉଁ କାଳୁ କେତେ କଳ୍ପନା ଚାଲିଛି ତାର ଆଦି ଅନ୍ତ ମଧ୍ୟ ନାହିଁ। ତେଣୁ ହେ ସୁଧିଜନ ପ୍ରଥମେ ବିଚାରକୁ ନିଅ ଏ ପାଠ କଣ? ପାଠ ହେଉଛି ଦୁଇଟି ଅକ୍ଷର(୧) ପା (୨) ଠ ପାଦଠାରୁ ମସ୍ତକକୁ ବୁଝାଯାଏ। ଏହି ପାଠର ଦୂରତ୍ୱ ହେଉଛି ଚଉରାଶି ଆଙ୍ଗୁଳ ବା ତିନି ହାତେ ଅଧେ। ପା ଠାରୁ ଠ ପର୍ଯ୍ୟନ୍ତ ପଚାଶ ଦଳ ପଦ୍ମ ପାଖୁଡା ଭିତରେ ଆତ୍ମାର ଅବସ୍ଥିତି ଏବଂ ତା ଭିତରେ ଜୀବ ପରମ ଦୁଇଟି ପକ୍ଷୀ ବାସ କରି ସଦାସର୍ବଦା ହଂସ ସୂତ୍ରରେ ନିଜକୁ ହଜାଇ ଦେଇଥାନ୍ତି ଏବଂ ପ୍ରତ୍ୟେହ ଏକୋଇଶି ହଜାର ଛଅ ଶହ ଅଜପା ସୂତ୍ରକୁ ଧରି ସେ ତାଙ୍କର ଗତି କରୁଥାଆନ୍ତି। ତେଣୁ ଜୀବ ଯେତେବେଳେ ଏହି ପାଠ ଭିତରେ ମନକୁ ପୁରାଇଦିଏ ସେତେବେଳେ ଜିବ ଶିବ ପାଲଟିଯାଏ। ସେତେବେଳେ ସେ କୁହେ ସୋହଂ ଏହାହିଁ ପ୍ରକୃତ ପାଠ ଏହାହିଁ ଜଗତରେ କଲ୍ୟାଣ କର ସୋପାନ। ଏହି ସୋପାନ ରେ ଯେ ଉପନୀତ ହୁଏ ସେହିଁ ପ୍ରକୃତ ବ୍ରହ୍ମଜ୍ଞାନୀ ବା ପରମହଂସ ପଦବୀର ଅଧିକାରୀ ସାରା ବିଶ୍ୱର ସେ ତ୍ରାଣ କର୍ତ୍ତା ବା ପ୍ରାଣକର୍ତ୍ତା ଏହାହିଁ ପ୍ରକୃତ ପାଠର ରହସ୍ୟ। କିନ୍ତୁ ଆଜି କାଲିର ପାଠ ସେ ବୈଶୟିକ ବିଦ୍ୟା,ରୋଜଗାରର ପନ୍ଥା। ପାଠ ଓ ବିଦ୍ୟା ଭିତରେ ଆକାଶ ପାତାଳର ପ୍ରଭେଦ। ତେଣୁ ପାଠ କହୁଛି ମଲାବେଳକୁ ଛଖଣ୍ଡ ବାଉଁଶ ସେ ଛଅଖଣ୍ଡ ବାଉଁଶ ହେଉଛି ପା ଠାରୁ ଠ ପର୍ଯ୍ୟନ୍ତ ଷଡଚକ୍ର। ବ୍ରହ୍ମ ପାଇବାର ମାର୍ଗ, ଏହାହିଁ ଜୀବର ଧର୍ମ ଏବଂ ଏହାହିଁ ପାଠ। ହରିଓଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୪ ନଭେମ୍ବର ୨୦୨୬ ବୁଧବାର

ଦୀପାବଳିରେ ମା' ଲକ୍ଷ୍ମୀଙ୍କ ପାଇଁ ସଜାଇବେ ଘର

ଦୀପାବଳି ୨୦୨୬ ନଭେମ୍ବର ୮ ତାରିଖ ରବିବାର ପାଳନ କରାଯିବ। ଆଲୋକର ଏହି ପର୍ବକୁ ସ୍ୱାଗତ କରିବା ପାଇଁ ଏବେଠାରୁ ଅନେକ ଘରେ ସଫାସୁତୁରା ଓ ସାଜସଜ୍ଜା ଆରମ୍ଭ ହୋଇଗଲାଣି। ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ପାଇଁ ଘରକୁ ଦୀପ, ଆଲୋକମାଳା ଓ ଝୋଟିରେ ସଜାଇବା ସହ ଅନେକ ପରିବାର ବାସ୍ତୁଶାସ୍ତ୍ରର ପାରମ୍ପରିକ ନିୟମକୁ ମଧ୍ୟ ଗୁରୁତ୍ୱ ଦେଇଥାନ୍ତି। ଏହି ଅବସରରେ ଘରର ସ୍ୱଚ୍ଛତା, ଆଲୋକ ଓ ସୁବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ବାସ୍ତୁ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବୈଦିକ ସାଇନ୍ସର ଅଧ୍ୟକ୍ଷଙ୍କ ମତରେ, ଦୀପାବଳି ପୂର୍ବରୁ ଘର ସଜାଇବା ସମୟରେ ଲୋକେ ଅଜାଣତରେ କେତେକ ସାଧାରଣ ଭୁଲ୍ କରିଥାନ୍ତି। ଏହି ସମସ୍ୟାଗୁଡ଼ିକୁ ସହଜରେ ସମାଧାନ କରାଯାଇପାରିବ।

୧. ସମସ୍ତ ସ୍ଥାନ ସଫା କରିବା ଉଚିତ

ଦୀପାବଳି ପୂର୍ବରୁ ଘର ସଫା କରିବା ସମୟରେ ଅଧିକାଂଶ ଲୋକ ବୈଠକଖାନା, ରୋଷେଇ ଘର ଓ ବାଥରୁମ୍କୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ଷ୍ଟୋର ରୁମ୍, ଆଲମାରି ଭିତର ଓ ଘରର ଅବହେଳିତ କୋଣଗୁଡ଼ିକ ସଫା କରିବାକୁ ଭୁଲିଯାଆନ୍ତି। ଫଳରେ ଅଦରକାରୀ ଜିନିଷ ଦୀର୍ଘଦିନ ଧରି ଜମା ହୋଇ ରହିଥାଏ। ଦୀପାବଳି ପୂର୍ବରୁ ଏହି ସ୍ଥାନଗୁଡ଼ିକୁ ମଧ୍ୟ ଭଲ ଭାବେ ସଫା କରିବା ଉଚିତ। ବାସ୍ତୁ ପରମ୍ପରା ଅନୁଯାୟୀ, ଏପରି ସଫାସୁତୁରା ଘରେ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଏ ବୋଲି ବିଶ୍ୱାସ କରାଯାଏ।

୨. ମୁଖ୍ୟ ପ୍ରବେଶ ଦ୍ୱାର

ବାସ୍ତୁଶାସ୍ତ୍ରର ପାରମ୍ପରିକ ଧାରଣା ଅନୁଯାୟୀ, ଘରର ମୁଖ୍ୟ ପ୍ରବେଶ ଦ୍ୱାରର ବିଶେଷ ମହତ୍ତ୍ୱ ରହିଛି। ଦୀପାବଳିରେ ମା' ଲକ୍ଷ୍ମୀଙ୍କୁ ସ୍ୱାଗତ କରିବାର ପ୍ରତୀକ ଭାବେ ଏହି ସ୍ଥାନକୁ ପରିଷ୍କାର ଓ ଆଲୋକିତ ରଖାଯାଏ। ତେଣୁ ପ୍ରବେଶ ଦ୍ୱାର ନିକଟରେ ଅଳିଆ ଜମା କରିବା କିମ୍ବା ଆଲୋକ ବ୍ୟବସ୍ଥାକୁ ଅବହେଳା କରିବା ଉଚିତ ନୁହେଁ।

୩. ଘରେ ଭଙ୍ଗା ଓ ଅବ୍ୟବହୃତ ଜିନିଷ

ଅନେକ ଘରେ ଭଙ୍ଗା ଘଣ୍ଟା, ନଷ୍ଟ ହୋଇଯାଇଥିବା ସାଜସଜ୍ଜା ସାମଗ୍ରୀ, ଅବ୍ୟବହୃତ ଉପକରଣ ଓ ପୁରୁଣା ଜିନିଷ ଦୀର୍ଘଦିନ ଧରି ରଖାଯାଇଥାଏ। ଦୀପାବଳି ପୂର୍ବରୁ ଏହି ଜିନିଷଗୁଡ଼ିକୁ ଯାଞ୍ଚ କରି ଆବଶ୍ୟକ ସାମଗ୍ରୀର ମରାମତି କରିବା ଏବଂ ଅଦରକାରୀ ଜିନିଷକୁ ହଟାଇ ଦେବା ଉଚିତ।

୪. ରୋଷେଇ ଘର ଓ ବାଥରୁମ୍



ଦୀପାବଳି ପାଇଁ ଘର ସଜାଇବା ସମୟରେ ଅନେକେ ରୋଷେଇ ଘର ଓ ବାଥରୁମର ସ୍ୱଚ୍ଛତାକୁ ସାଜସଜ୍ଜା ଉପରେ ଧ୍ୟାନ ଦିଅନ୍ତି। କିନ୍ତୁ ରୋଷେଇ ଘର ଓ ବାଥରୁମ୍ର ସ୍ୱଚ୍ଛତାକୁ ସେତିକି ଗୁରୁତ୍ୱ ଦେଇନଥାନ୍ତି। ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ, ରୋଷେଇ ଘରର ସମସ୍ତ ସାମଗ୍ରୀକୁ ଭଲ ଭାବେ ସଫା କରିବା ଉଚିତ। ସେହିପରି ବାଥରୁମ୍ରେ ଅପରିଷ୍କାର ସ୍ଥାନଗୁଡ଼ିକୁ ସଫା କରିବା ସହ କେଉଁଠି ପାଣି ଲିକ୍ ହେଉଛି କି ନାହିଁ ଯାଞ୍ଚ କରି ପର୍ବ ପୂର୍ବରୁ ମରାମତି କରାଇନିଅନ୍ତୁ।

୫. ପୂଜାସ୍ଥଳ

ଦୀପାବଳିରେ ପୂଜାସ୍ଥଳୀକୁ ସଜାଇବା ପ୍ରତ୍ୟେକ ପରିବାର ପାଇଁ ଏକ ବିଶେଷ ପ୍ରସ୍ତୁତି। ମା' ଲକ୍ଷ୍ମୀ ଓ ଗଣେଶଙ୍କ ପୂଜା ପାଇଁ ଅନେକେ ନୂଆ ସାମଗ୍ରୀ ଆଣିଥାନ୍ତି। ତେବେ ଅତ୍ୟଧିକ ସାଜସଜ୍ଜା ସାମଗ୍ରୀ ଓ ଅଧିକ ମୂର୍ତ୍ତି ରଖିବା ଦ୍ୱାରା ପୂଜାସ୍ଥଳୀ ଭିଡ଼ ଓ ଅବ୍ୟବସ୍ଥିତ ହୋଇଯାଏ। ତେଣୁ ପୂଜାସ୍ଥଳୀକୁ ପରିଷ୍କାର, ସରଳ ଓ ସୁବ୍ୟବସ୍ଥିତ ରଖିବା ଉଚିତ। ପୂଜାରେ ଆବଶ୍ୟକ ହେଉଥିବା ମୂର୍ତ୍ତି ଓ ସାମଗ୍ରୀକୁ ଉପଯୁକ୍ତ ଭାବେ ରଖି ଅନାବଶ୍ୟକ ଜିନିଷ ହଟାଇ ଦିଅନ୍ତୁ।

୬. ସୂର୍ଯ୍ୟାସ୍ତ ପରେ ଝାଡୁ କରିବା

ଦୀପାବଳିକୁ ନେଇ ଭାରତୀୟ ପରମ୍ପରାରେ ଅନେକ ରୀତିନୀତି ପ୍ରଚଳିତ ରହିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ସୂର୍ଯ୍ୟାସ୍ତ ପରେ ଘର ଝାଡୁ କରିବା କିମ୍ବା ଅଳିଆ ବାହାର କରିବାକୁ ଏଡ଼ାଇବା। କେତେକ ପାରମ୍ପରିକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ଘରୁ ଅଳିଆ ବାହାର କରିବାକୁ ଘରୁ ସୌଭାଗ୍ୟ ଚାଲିଯିବା ସହ ଯୋଡ଼ାଯାଏ।

୭. ପୂଜାସ୍ଥଳୀର ରଙ୍ଗ ଓ ଆଲୋକ

ଦୀପାବଳିରେ ଆଲୋକ ଓ ରଙ୍ଗର ବିଶେଷ ମହତ୍ତ୍ୱ ରହିଛି। ତେଣୁ ସାଜସଜ୍ଜା ପାଇଁ ରଙ୍ଗ ଓ ଆଲୋକର ସମନ୍ୱୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ବିଶେଷଜ୍ଞଙ୍କ ମତରେ, ପୂଜାସ୍ଥଳୀରେ ହାଲୁକା ଓ ଉଜ୍ଜ୍ୱଳ ରଙ୍ଗର ସାଜସଜ୍ଜା ବ୍ୟବହାର କରିବା ଭଲ।

ଜୀବନ-ମନ୍ତ୍ର: ଧର୍ମମାସ କାର୍ତ୍ତିକ

କାର୍ତ୍ତିକମାସ ଏକ ଧର୍ମମାସ ଭାବରେ ସ୍ୱୀକୃତ। ଆମ ସଂସ୍କୃତିରେ ଯେଉଁ ଚାରିଟି ମାସ ଧର୍ମମାସ ବୋଲି ଶାସ୍ତ୍ର-ପୁରାଣରେ ବର୍ଣ୍ଣିତ ଅଛି, ତାହା ହେଉଛି- 'ଆ-କା-ମା-ବେ', ଅର୍ଥାତ୍- ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ। ଏହି ଚାରିଟି ମାସ ମଧ୍ୟରୁ କାର୍ତ୍ତିକମାସ ଧର୍ମମାସ ଭାବରେ ସବୁଠୁ ବେଶୀ ପାଳିତ ହୋଇଥାଏ। ସଂଖ୍ୟାଧିକ ଜନସାଧାରଣ ନିରାମିଷ ବା ହବିଷ୍ୟାନ୍ନ ଭୋଜନ କରି, ସାରା ମାସ ଏହାକୁ ପାଳନ କରିଥାଆନ୍ତି। ସେଥିପାଇଁ କୁହାଯାଇଛି, କୃତ (ସତ୍ୟ) ଯୁଗ ପରି ଯୁଗ ନାହିଁ, ବେଦ ପରି ଶାସ୍ତ୍ର ନାହିଁ, ଗଙ୍ଗା ପରି ତୀର୍ଥ ନାହିଁ କି କାର୍ତ୍ତିକ ପରି ମାସ ନାହିଁ।



ମହାଦେବ ଦାସ ଓଡ଼ିଆରେ 'କାର୍ତ୍ତିକ ମାହାତ୍ମ୍ୟ' ରଚନା କରିଛନ୍ତି। ଏହା ବ୍ୟାସଦେବକୃତ ସଂସ୍କୃତ 'ପଦ୍ମପୁରାଣ' ଆଧାରିତ। କାର୍ତ୍ତିକମାସରେ କାର୍ତ୍ତିକବ୍ରତ ପାଳନ ଅବସରରେ, ଏହାକୁ ଶ୍ରଦ୍ଧା ଓ ଭକ୍ତି ସହିତ ପାଠ କରାଯାଇଥାଏ। ନୈମିଷାରଣ୍ୟରେ ମୁନିଗଣଙ୍କ ପ୍ରଶ୍ନରେ ସୂତମୁନି ଏହି ମାହାତ୍ମ୍ୟ କହିଛନ୍ତି। ୩୨ଟି ଅଧ୍ୟାୟରେ ଏହା ବର୍ଣ୍ଣିତ ହୋଇଛି। ଆଶ୍ୱିନ ଶୁକ୍ଳ ଏକାଦଶୀ ଦିନ କାର୍ତ୍ତିକବ୍ରତ ପାଳନ ପାଇଁ ସଂକଳ୍ପ କରିବା ପରେ, କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବ୍ରତଧାରୀ ବା ହବିଷ୍ୟାଳିମାନେ ଏହି ମାହାତ୍ମ୍ୟ ପାଠ କରିଥାଆନ୍ତି ବା ଏହା ଶୁଣିଥାଆନ୍ତି।

'କାର୍ତ୍ତିକ ମାହାତ୍ମ୍ୟ'ର ପ୍ରଥମ ଅଧ୍ୟାୟ ଆରମ୍ଭ ହୋଇଛି ଭଗବାନ ବିଷ୍ଣୁଙ୍କ ସ୍ତବରୁ। ଏହି ଅଧ୍ୟାୟରେ, ଏହା ପରେ ରହିଛି 'ସ୍ନାନମନ୍ତ୍ର'।

କାର୍ତ୍ତିକ ମାସରେ ପ୍ରାତଃସ୍ନାନକୁ ଅନେକ ମହତ୍ତ୍ୱ ଦିଆଯାଇଛି। ସେ ଦୃଷ୍ଟିରୁ ଏହି ମନ୍ତ୍ର ଗୁରୁତ୍ୱପୂର୍ଣ୍ଣ। ତାହା ପରେ ରହିଛି 'ଅର୍ଘ୍ୟମନ୍ତ୍ର'। ପ୍ରାତଃସ୍ନାନ ପରେ ଭଗବାନ ବିଷ୍ଣୁଙ୍କୁ ଇଚ୍ଛା ଓ ଶକ୍ତି ଅନୁସାରେ ଅର୍ଘ୍ୟଦାନ ନିମନ୍ତେ ଏହି ମନ୍ତ୍ର ଉଦ୍ଦିଷ୍ଟ। ଏହା କମଳାପତି, ଜଳଶାୟୀ, ହୃଷୀକେଶଙ୍କର ମନ୍ତ୍ର। କାରଣ, ଏହି ମାସରେ ଭଗବାନ ବିଷ୍ଣୁ ଜଳରେ ଅବସ୍ଥାନ କରିଥାଆନ୍ତି। ସେହି କମଳାପତି ବା ଲକ୍ଷ୍ମୀପତି ବିଷ୍ଣୁଙ୍କୁ ଭକ୍ତିରେ ଅର୍ଘ୍ୟଦାନ କଲେ ସେ ଓ ଲକ୍ଷ୍ମୀ ଉଭୟେ ତୁଷ୍ଟ ହୁଅନ୍ତି। ଏହି ମନ୍ତ୍ରରେ ହୃଷୀକେଶଙ୍କର ନାମ ଉଲ୍ଲେଖ ଅଛି, କାରଣ ସମସ୍ତ ଇନ୍ଦ୍ରିୟଙ୍କୁ ସଂଯମ କରି କାର୍ତ୍ତିକ ମାସରେ ଏହି ବ୍ରତ ପାଳନ କରାଯାଇଥାଏ।

କିପରି ହୋଇଥିଲା ମାତା ବୈଷ୍ଣୋଦେବୀଙ୍କ ଉତ୍ପତ୍ତି ?

ଜମ୍ମୁ-କଶ୍ମୀରର କଟରା ନିକଟ ତ୍ରିକୁଟା ପର୍ବତରେ ଅବସ୍ଥିତ ମାତା ବୈଷ୍ଣୋଦେବୀଙ୍କ ମନ୍ଦିର ହିନ୍ଦୁ ଧର୍ମାବଲମ୍ବୀଙ୍କ ଆସ୍ଥାର ଏକ ପ୍ରମୁଖ କେନ୍ଦ୍ର। ଏଠାରେ ଥିବା ପବିତ୍ର ଗୁମ୍ଫାରେ ମାତାଙ୍କୁ ତିନୋଟି ପ୍ରାକୃତିକ ପିଣ୍ଡି ରୂପରେ ପୂଜା କରାଯାଏ। ଧାର୍ମିକ ମାନ୍ୟତା ଅନୁଯାୟୀ, ଏହି ତିନୋଟି ପିଣ୍ଡି ଯଥାକ୍ରମେ ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀଙ୍କ ପ୍ରତୀକ। ଏହି ତିନି ଦେବୀଙ୍କ ସମ୍ମିଳିତ ଶକ୍ତିର ସ୍ୱରୂପ ହେଉଛନ୍ତି ମାତା ବୈଷ୍ଣୋଦେବୀ। ଏହି ଧାମର ଇତିହାସ ସହ ପଣ୍ଡିତ ଶ୍ରୀଧର ଓ ଭୈରବନାଥଙ୍କ କାହାଣୀ ବିଶେଷ ଭାବେ ଜଡ଼ିତ। ପୌରାଣିକ ମାନ୍ୟତା ଅନୁଯାୟୀ, କଟରା ନିକଟସ୍ଥ ହଂସଲି ଗ୍ରାମରେ ପଣ୍ଡିତ ଶ୍ରୀଧର ନାମକ ଜଣେ ଧାର୍ମିକ ବ୍ୟକ୍ତି ବାସ କରୁଥିଲେ। ସେ ନିଃସନ୍ତାନ ଥିବାରୁ ମନରେ ଦୁଃଖ ରଖୁଥିଲେ। ଥରେ ସେ ଗ୍ରାମବାସୀଙ୍କ ପାଇଁ ଏକ ଭଣ୍ଡାରା ଆୟୋଜନ କରିବାକୁ ଚିନ୍ତା କଲେ। କିନ୍ତୁ ସୀମିତ ସାମଗ୍ରୀରେ ଏତେ ଲୋକଙ୍କୁ କିପରି ଭୋଜନ କରାଇବେ, ସେହି ଚିନ୍ତାରେ ରହିଥିଲେ।



କୁହାଯାଏ, ଭଣ୍ଡାରା ଦିନ ଜଣେ ଦିବ୍ୟ ତେଜସ୍ୱୀ ବାଳିକା ସେଠାରେ ପହଞ୍ଚିଥିଲେ। ତାଙ୍କ ନାମ ବୈଷ୍ଣବୀ ଥିଲା। ସେ ଭଣ୍ଡାରାର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇ ଅଳ୍ପ ସମୟ ମଧ୍ୟରେ ସମସ୍ତ ଅତିଥିଙ୍କୁ ଭୋଜନ କରାଇଥିଲେ। ହେଲେ ଭଣ୍ଡାରା ଶେଷ ହେବା ପରେ ସେ ହଠାତ୍ ଅଦୃଶ୍ୟ ହୋଇଯାଇଥିଲେ। ପରେ ସେହି ବାଳିକା ପଣ୍ଡିତ ଶ୍ରୀଧରଙ୍କ ସ୍ୱପ୍ନରେ ଆସି ଏକ ପବିତ୍ର ଗୁମ୍ଫାର ସଙ୍କେତ ଦେଇଥିଲେ। ଏହାପରେ ପଣ୍ଡିତ ଶ୍ରୀଧର ବୁଝିପାରିଥିଲେ ଯେ, ସେହି ବାଳିକା ସ୍ୱୟଂ ମାତା ବୈଷ୍ଣୋଦେବୀ ଥିଲେ। ମାତାଙ୍କ ସଙ୍କେତ ଅନୁସାରେ ସେ ପବିତ୍ର ଗୁମ୍ଫାର ସନ୍ଧାନ କରିଥିଲେ।

ମାତା ବୈଷ୍ଣୋଦେବୀଙ୍କ କାହାଣୀରେ ଭୈରବନାଥଙ୍କ ପ୍ରସଙ୍ଗ ମଧ୍ୟ ବେଶ୍ ଚର୍ଚ୍ଚିତ। ମାନ୍ୟତା ଅନୁଯାୟୀ, ଗୁରୁ ଗୋରଖନାଥଙ୍କ ଶିଷ୍ୟ ଭୈରବନାଥ ଜଣେ ଉଚ୍ଚକୋଟୀର ତାନ୍ତ୍ରିକ ଥିଲେ। ସେ ପଣ୍ଡିତ ଶ୍ରୀଧରଙ୍କ ଭଣ୍ଡାରାରେ ଯୋଗ ଦେଇଥିଲେ। ସେଠାରେ ବାଳିକା ବୈଷ୍ଣବୀଙ୍କୁ ଆମିଷ ଭୋଜନ ପରଷିବାକୁ କହିଥିଲେ। କିନ୍ତୁ ବୈଷ୍ଣବୀ ଏକ ଧାର୍ମିକ ଭଣ୍ଡାରାରେ କେବଳ ସାତ୍ତ୍ୱିକ ଓ ନିରାମିଷ ଭୋଜନ ମିଳିବ ବୋଲି କହିଥିଲେ। ସେଠାରେ ସେହି ସାଧାରଣ ବାଳିକା ଜଣକ କିପରି ଏକ ଛୋଟ ପାତ୍ରରୁ ସମସ୍ତଙ୍କୁ ମନମୁତାବକ ଭୋଜନ ଦେଉଛନ୍ତି, ତାହା ଦେଖି ଭୈରବନାଥ ଆଶ୍ଚର୍ଯ୍ୟ ହୋଇଥିଲେ ଓ ତାଙ୍କ ପାଖରେ କିଛି ଦିବ୍ୟ ଶକ୍ତି ଥିବା ଅନୁଭବ କଲେ। ଏହାପରେ ଭୈରବନାଥ ତାଙ୍କ ପିଛା କରିବାକୁ ଲାଗିଥିଲେ। ଭୈରବନାଥଙ୍କଠାରୁ ରକ୍ଷା ପାଇବା ପାଇଁ ମାତା ତ୍ରିକୁଟା ପର୍ବତ ଆଡ଼କୁ ଯାତ୍ରା କରିଥିଲେ। ଏହି ଯାତ୍ରା ସମୟରେ ମାତା ନିଜ ବାଣ ଦ୍ୱାରା ଭୂମିରୁ ଜଳଧାରା ସୃଷ୍ଟି କରିଥିବା କଥା ପ୍ରଚଳିତ ରହିଛି। ଏହି ସ୍ଥାନକୁ ବାଣଗଙ୍ଗା କୁହାଯାଏ। ମାନ୍ୟତା ରହିଛି ଯେ, ମାତା ଏହି ଜଳଧାରାରେ ନିଜ କେଶ ଧୋଇଥିଲେ। ଏହାପରେ ସେ ଏକ ଗୁମ୍ଫାରେ ତପସ୍ୟା କରିଥିଲେ। ଏହି ସ୍ଥାନ ଅର୍ଦ୍ଧକୁଆରୀ ନାମରେ ପରିଚିତ। ହେଲେ ଭୈରବନାଥ ତାଙ୍କୁ ଖୋଜି ଖୋଜି ସେଠାରେ ମଧ୍ୟ ପହଞ୍ଚିଥିଲେ। ଭୈରବନାଥଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ମାତା ବୈଷ୍ଣୋଦେବୀ ନିଜର ଦିବ୍ୟ ସ୍ୱରୂପ ଧାରଣ କରିଥିଲେ। ହନୁମାନ ମଧ୍ୟ ମାତାଙ୍କ ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିବା କୁହାଯାଏ। ଶେଷରେ ମାତା ଭୈରବନାଥଙ୍କ ବଧ କରିଥିଲେ। ଭୈରବନାଥଙ୍କ ମୁଣ୍ଡ ଯେଉଁ ସ୍ଥାନରେ ପଡ଼ିଥିଲା, ତାହା ଭୈରବ ଘାଟି ନାମରେ ପରିଚିତ। କାହାଣୀ ଅନୁଯାୟୀ, ମୃତ୍ୟୁ ପୂର୍ବରୁ ଭୈରବନାଥ ନିଜ ଭୁଲ୍ ବୁଝି ମାତାଙ୍କୁ କ୍ଷମା ମାଗିଥିଲେ। ମାତା ତାଙ୍କୁ କ୍ଷମା କରିବା ସହ ବରଦାନ ଦେଇଥିଲେ ଯେ, ତାଙ୍କ ଦର୍ଶନ ବିନା ମାତାଙ୍କ ଯାତ୍ରା ପୂର୍ଣ୍ଣ ହେବ ନାହିଁ। ଏହି କାରଣରୁ ଆଜି ମଧ୍ୟ ଶ୍ରଦ୍ଧାଳୁମାନେ ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପରେ ଭୈରବନାଥଙ୍କ ମନ୍ଦିରକୁ ଯାଇଥାନ୍ତି।

ଆଶ୍ଚର୍ଯ୍ୟଜନକ ପରମ୍ପରା: ବର୍ଷସାରା ଜଳମଗ୍ନ ରହେ ଶିବଲିଙ୍ଗ, ମହାଶିବରାତ୍ରିରେ ଦିଅନ୍ତି ଦର୍ଶନ

ଭାରତରେ ଏପରି ଅନେକ ମନ୍ଦିର ରହିଛି, ଯାହାର ପରମ୍ପରା ଓ ପୂଜାବିଧି ଅନ୍ୟ ମନ୍ଦିରଠାରୁ ସମ୍ପୂର୍ଣ୍ଣ ଭିନ୍ନ। କେଉଁଠି ଦେବଦେବୀଙ୍କୁ ସ୍ୱତନ୍ତ୍ର ରୀତିନୀତିରେ ପୂଜା କରାଯାଏ ତ ଆଉ କେଉଁଠି ରହିଛି ଆଶ୍ଚର୍ଯ୍ୟଜନକ ପରମ୍ପରା। ଏଭଳି ଏକ ଅନନ୍ୟ ପରମ୍ପରା ପାଇଁ ପରିଚିତ କେରଳର ଅରକ୍କୁପରମ୍ବା ଶ୍ରୀ ଅର୍ଦ୍ଧନାରୀଶ୍ୱର ମନ୍ଦିର। ଏଠାରେ ଥିବା ଶିବଲିଙ୍ଗ ବର୍ଷର ୩୬୪ ଦିନ ପାଣି ଭିତରେ ବୁଡ଼ି ରହିଥାଏ। କେବଳ ମହାଶିବରାତ୍ରି ଦିନ ମନ୍ଦିରରୁ ପାଣି ନିଷ୍କାସନ କରାଯିବା ପରେ ଭକ୍ତଙ୍କୁ ଶିବଲିଙ୍ଗ ଦର୍ଶନର ସୁଯୋଗ ମିଳିଥାଏ। କେରଳର ମଲପ୍ପୁରମ୍ ଜିଲ୍ଲା ଅରକକୁ ପରମ୍ବାରେ ଅବସ୍ଥିତ ଏହି ମନ୍ଦିର ପେରିନ୍ତଲମନ୍ନାଠାରୁ ପ୍ରାୟ ୧୭ କିଲୋମିଟର ଦୂରରେ ରହିଛି। ଏଠାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ମିଳିତ ସ୍ୱରୂପ ଅର୍ଦ୍ଧନାରୀଶ୍ୱରଙ୍କୁ ଆରାଧନା କରାଯାଏ। ମନ୍ଦିରର ଏହି ନିଆରା ପରମ୍ପରା ଦେଖିବା ସହ ଶିବଲିଙ୍ଗ ଦର୍ଶନ କରିବା ପାଇଁ ମହାଶିବରାତ୍ରିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।



ଏହି ମନ୍ଦିରରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଆଶୀର୍ବାଦ ଲାଭ ପାଇଁ ଭକ୍ତମାନେ ବିଭିନ୍ନ ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିରରେ ଉମା ମହେଶ୍ୱର ପୂଜା ଏକ ବିଶେଷ ରୀତି ଭାବେ ପରିଚିତ। ଏହି ପୂଜା ମାଧ୍ୟମରେ ଭକ୍ତମାନେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ, ଉତ୍ତମ ବୁଝାମଣା ଓ ସମ୍ପର୍କରେ ସ୍ଥିରତା ପାଇଁ ପ୍ରାର୍ଥନା କରନ୍ତି। ଏହାବ୍ୟତୀତ ପର୍ବପର୍ବାଣୀ ସମୟରେ 'ପାଟ୍ଟୁମ୍ ଥାଲିୟୁମ୍ ସମର୍ପଣମ୍' ନାମକ ଏକ ସ୍ୱତନ୍ତ୍ର ରୀତିନୀତି ମଧ୍ୟ ପାଳନ କରାଯାଏ। ମନ୍ଦିରରେ ବର୍ଷସାରା ବିଭିନ୍ନ ଧାର୍ମିକ ଉତ୍ସବ ଓ ପୂଜାର୍ଚ୍ଚନା ଆୟୋଜିତ ହୋଇଥାଏ। ଡିସେମ୍ବର କିମ୍ବା ଜାନୁଆରୀ ମାସରେ ପାଞ୍ଚ ଦିନ ଧରି ବାର୍ଷିକ ଉତ୍ସବ ପାଳନ କରାଯାଏ। ଧ୍ୱଜାରୋହଣରୁ ଆରମ୍ଭ ହେଉଥିବା ଏହି ଉତ୍ସବ 'ଥିରୁ ଅରଟ୍ଟୁ' ରୀତିନୀତି ସହ ଶେଷ ହୋଇଥାଏ। ସେହିପରି ଜୁନ୍ କିମ୍ବା ଜୁଲାଇ ମାସରେ ୧୦୦୮ କଳସ ଜଳାଭିଷେକର ଆୟୋଜନ କରାଯାଏ। ଏହି ଅବସରରେ ୧୦୦୮ଟି କଳସର ଜଳରେ ଭଗବାନଙ୍କ ଅଭିଷେକ କରାଯାଇଥାଏ। ମନ୍ଦିରରେ ଦର୍ଶନ ପାଇଁ ନିର୍ଦ୍ଦିଷ୍ଟ ସମୟ ରହିଛି। ସକାଳ ୬ଟାରୁ ୯ଟା ୩୦ ପର୍ଯ୍ୟନ୍ତ ଏବଂ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥାଏ। ଏଠାକୁ ଆସୁଥିବା ଭକ୍ତଙ୍କ ପାଇଁ ମାଗଣା ଭୋଜନ ବ୍ୟବସ୍ଥା ମଧ୍ୟ ରହିଛି। କେରଳର ମଲପ୍ପୁରମ୍ ଜିଲ୍ଲାରେ ଥିବା ଏହି ମନ୍ଦିରକୁ ସଡ଼କ, ରେଳ ଓ ବିମାନ ମାର୍ଗରେ ଯାଇହେବ। ନିକଟତମ ବିମାନବନ୍ଦର ହେଉଛି କାଲିକଟ୍ ଅନ୍ତର୍ଜାତୀୟ ବିମାନବନ୍ଦର, ଯାହା ମନ୍ଦିରଠାରୁ ପ୍ରାୟ ୪୦ରୁ ୫୦ କିଲୋମିଟର ଦୂରରେ ରହିଛି। ରେଳଯାତ୍ରା ପାଇଁ ଅଙ୍ଗଡିପୁରମ୍ ରେଳ ଷ୍ଟେସନ୍ ଏକ ନିକଟତମ ବିକଳ୍ପ। ସେହିପରି ପେରିନ୍ତଲମନ୍ନାରୁ ସ୍ଥାନୀୟ ବସ୍ ଓ ଟ୍ୟାକ୍ସି ଯୋଗେ ମନ୍ଦିରକୁ ଯାଇହେବ। ଏକ ଅନନ୍ୟ ପରମ୍ପରା, ଧାର୍ମିକ ଆସ୍ଥା ଓ ସ୍ୱତନ୍ତ୍ର ପୂଜାବିଧିକୁ ନେଇ ଏହି ମନ୍ଦିର କେରଳର ଧାର୍ମିକ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଏକ ବିଶେଷ ପରିଚୟ ସୃଷ୍ଟି କରିଛି।

ଅନନ୍ୟ ଅଦ୍ୱିତୀୟ କେନ୍ଦୁଝରର ଶକ୍ତିପୀଠ ମା' ସିଦ୍ଧକାଳୀ

ଭକ୍ତଙ୍କ ପାଇଁ ତମ୍ବା ଶିକୁଳିରେ ବନ୍ଧା ପଡ଼ିଛନ୍ତି ମା'

କେନ୍ଦୁଝର ସହର ଉପକଣ୍ଠରେ ସିଦ୍ଧମଠ। ସେଠାରେ ବିରାଜିତା ମା' ସିଦ୍ଧକାଳୀ। ବିଶ୍ୱବିଖ୍ୟାତ ମା' ତାରିଣୀଙ୍କୁ କେନ୍ଦୁଝରର ରାଷ୍ଟ୍ରଦେବୀ ରୂପେ ସମସ୍ତେ ଗ୍ରହଣ କରିଥାନ୍ତି । ହେଲେ ମା' ସିଦ୍ଧକାଳୀ ହେଉଛନ୍ତି ଜିଲ୍ଲାର ସର୍ବପୁରାତନ ଦେବୀ । ମା' ସିଦ୍ଧକାଳୀଙ୍କ ସମ୍ପର୍କିତ ନିର୍ଦ୍ଦିଷ୍ଟ ଐତିହାସିକ ତଥ୍ୟ ଲୋକଲୋଚନକୁ ଆସି ପାରିନାହିଁ। ତେବେ ତତ୍କାଳୀନ ରାଜା ମହାରାଜାଙ୍କ ଦ୍ୱାରା ମା'କେନ୍ଦୁଝରକୁ ଆଗମନ କରିଥିବା ପ୍ରମାଣ ରହିଛି । ଶାନ୍ତ ପରିବେଶ ମଧ୍ୟରେ ଥିବା ସିଦ୍ଧମଠରେ ପ୍ରତ୍ୟକ୍ଷ ଦେବତା ସିଦ୍ଧ ଜଗନ୍ନାଥ । ଏହାରି ବେଢ଼ା ବାହାରେ ରହିଛି ମା' ସିଦ୍ଧକାଳୀଙ୍କ ମନ୍ଦିର । ପ୍ରାୟ ୮ଶହ ବର୍ଷ ତଳର ଏହି ପ୍ରାଚୀନ ଶକ୍ତିପୀଠ । ମା' ଦଶଭୁଜା, ଦକ୍ଷିଣ ମୁହାଁ ହୋଇ ରହିଛନ୍ତି। ମା'ଙ୍କ ଗଳାରେ ଲମ୍ବିଛି କଙ୍କାଳର ମାଳ। ଅନ୍ୟ ସମସ୍ତ କାଳୀ ପ୍ରତିମାରେ କେବଳ ଜିହ୍ୱା ବାହାରଦେଶକୁ ବାହାରି ଥାଏ, ହେଲେ ଏଠାରେ ଜିହ୍ୱା ବାହାରିବା ସହ ମା' ସିଦ୍ଧକାଳୀ ହାତର ବୃଦ୍ଧା ଆଙ୍ଗୁଠିକୁ କାମୁଡି ଭୟଙ୍କର ମୁଦ୍ରାରେ ବିରାଜମାନ। ମା'ହାତରେ ଖଡ୍ଗ, ଖପୁରୀ ଧାରଣ କରିଥିବାବେଳେ ନିତମ୍ବରେ ଏକ ହାତ ଅଙ୍ଗୁଳିର ଚିହ୍ନ ଦୃଶ୍ୟମାନ ହୁଏ । ଏପରିକି ମା'ଙ୍କ ପ୍ରତିମାରେ ପଡ଼ିଛି ତମ୍ବା ଶିକୁଳିର ବେଡି ଯାହାକୁ ନେଇ ଭକ୍ତଙ୍କ ମନରେ ରହିଥାଏ ଭୟ । ସିଦ୍ଧକାଳୀଙ୍କ ପ୍ରସ୍ତର ମୂର୍ତ୍ତି ମାଟି ତଳକୁ କେତେଦୂର ଯାଏଁ ମାଡ଼ି ରହିଛି, ଏପର୍ଯ୍ୟନ୍ତ ଆକଳନ କରାଯାଇପାରି ନାହିଁ । ମନ୍ଦିର ଗର୍ଭ ଗୃହରେ ମା'ଙ୍କ ଶୟନ ନିମନ୍ତେ ଗୋଟିଏ ପଲଙ୍କ ରହିଛି। ପୂର୍ବରୁ ତନ୍ତ୍ର ସାଧକମାନେ ଏଠାରେ ତନ୍ତ୍ର ସାଧନା କରୁଥିଲେ । ମା' ସିଦ୍ଧକାଳୀଙ୍କ ନିକଟରେ ଗୁଆ ବସାଇ ମାନସିକ ରଖିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି କେନ୍ଦୁଝରବାସୀଙ୍କର ବିଶ୍ୱାସ । କେନ୍ଦୁଝରର ରାଜାମାନେ ଯୁଦ୍ଧ କରିବାକୁ ଯିବା ପୂର୍ବରୁ କିମ୍ବା ଶାସନ ସମୟରେ ବଳିଷ୍ଠ ନିଷ୍ପତ୍ତି ନେବା ପୂର୍ବରୁ ମା'ଙ୍କୁ ସ୍ମରଣ କରି ନଡ଼ିଆ ଓ ଗୁଆ ବସାଇ ପୂଜା କରୁଥିଲେ । ମା'ଙ୍କ ଶରୀରରେ ବେଡ଼ି ପଡ଼ିବା ପଛରେ ରହିଛି ରୋଚକ ତଥା ଚର୍ଚ୍ଚିତ ଉପାଖ୍ୟାନ। ସିଦ୍ଧକାଳୀ ଅତ୍ୟନ୍ତ ଉଗ୍ରା। ବିଳମ୍ବିତ ରାତିରେ ମା' ମନ୍ଦିରରୁ ବାହାରି ଗାଁ ଗଣ୍ଡାରେ ପରିଭ୍ରମଣ କରୁଥିଲେ । ତାଙ୍କ ସାମ୍ନାସାମ୍ନି ହୋଇଗଲେ ଉଗ୍ରରୂପ ଦେଖି ଲୋକଙ୍କ ପ୍ରାଣବାୟୁ ଉଡିଯାଉଥିଲା । ତେଣୁ ମା'ଙ୍କୁ ପୂଜା କରାଯାଇ ଶାନ୍ତ କରାଯିବା ସହିତ ତମ୍ବା ଶିକୁଳିରେ ବାନ୍ଧି ରଖାଯାଇଥିବା କୁହାଯାଏ । ବର୍ଷସାରା ମା'ଙ୍କ ପୂଜା ନୀତି ଅନୁସାରେ ହୋଇ ଆସୁଥିବାବେଳେ କାଳୀପୂଜାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ସିଦ୍ଧକାଳୀ ପୀଠକୁ ଭକ୍ତଙ୍କ ସୁଅ ଛୁଟେ । କାଳିପୂଜାରେ ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜା ସହିତ ଚଣ୍ଡିପାଠ ହୁଏ । ମାନସିକଧାରୀ ଭକ୍ତମାନେ ଦୀପ ଦାନ କରି ନିଜର ମାନସିକ ଧାରଣ କରିଥାନ୍ତି।

ପୂର୍ବରୁ ସ୍ତ୍ରୀ ଓ ବାନ୍ଧବୀଙ୍କ ନାଁରେ ହେଉଥିଲା ବାତ୍ୟା ନାମକରଣ

ପୂର୍ବରୁ ବାତ୍ୟା ନାମକରଣ ହେଉନଥିଲା। ତଥାପି ବଡ଼ ବଡ଼ ବାତ୍ୟା ସବୁକୁ ମନେ ରଖିଥିବା ଲୋକେ କହନ୍ତି ଅମୁକ ମସିହା ବାତ୍ୟା, ସମୁକ ମସିହା ବାତ୍ୟା। କିନ୍ତୁ, ଏବେ ସାରା ବିଶ୍ୱରେ ବାତ୍ୟାଗୁଡ଼ିକର ନାଁ ଦିଆଯାଉଛିନ। ବିଶ୍ୱ ପାଣିପାଗ ସଙ୍ଗଠନ ଏବଂ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଥିବା ଜାତିସଂଘର ଆର୍ଥିକ ଓ ସାମାଜିକ କମିସନ୍ ବାତ୍ୟା ନାଁ ଦେବାରେ ସହଯୋଗ କରୁଛନ୍ତି । ସେମାନେ ଆଗୁଆ ବାତ୍ୟାଗୁଡ଼ିକର ନାମ ତାଲିକା କରି ରଖିଛନ୍ତି । ଏଥିରେ ଥିବା ନାଁଗୁଡ଼ିକ ବିଭିନ୍ନ ଦେଶ ଦେଇଛନ୍ତି । ଏଥିରେ ସମ୍ଭାବ୍ୟ ବାତ୍ୟାଗୁଡ଼ିକ ପାଇଁ ପୁରୁଷ ଓ ମହିଳାମାନଙ୍କ ନାଁ ରହିଛି । ସେତେବେଳେ କେବଳ ମହିଳାମାନଙ୍କ ନାମାନୁସାରେ ବାତ୍ୟା ନାଁ ଦିଆଯାଉଥିଲା। ଯୁକ୍ତରାଷ୍ଟ୍ର ଆମେରିକାର 'ନ୍ୟାସ୍ନାଲ୍ ୱେଦର୍ ସର୍ଭିସ୍' ୧୯୫୩ ମସିହାରୁ ଆରମ୍ଭ କରି ୨୬ ବର୍ଷ ଯାଏଁ ଏହି ଧାରା ଚଳାଇଥିଲା । ତେବେ ନାମକରଣର କୌଣସି ବିଧିବଦ୍ଧ ପ୍ରକ୍ରିୟା ନଥିଲା ଆମେରିକାର ଆର୍ମି ଏୟାର୍ କର୍ପସ୍ ଏବଂ



ନେଭିରେ ଥିବା ପାଣିପାଗ ବିଶେଷଜ୍ଞମାନେ ବାତ୍ୟାଗୁଡ଼ିକୁ ସେମାନଙ୍କ ସ୍ତ୍ରୀ ଓ ବାନ୍ଧବୀମାନଙ୍କ ନାଁ ଦେଇଦେଉଥିଲେ । ୧୯୮୦ ଦଶକରେ ପାଣିପାଗ ବିଶେଷଜ୍ଞ କ୍ଲେମେଣ୍ଟ ରାଗ୍ ବାତ୍ୟା ନାମକରଣ ପ୍ରକ୍ରିୟାକୁ ସୁଧାରିଥିଲେ । କେବଳ ମହିଳାଙ୍କ ଅନୁଯାୟୀ ବାତ୍ୟା ନାଁ ଦିଆଯିବା ଭେଦଭାବପୂର୍ଣ୍ଣ ହୋଇଯାଉଛି ବୋଲି ସେ କହିଲେ । ତେଣୁ, ସେ ଗ୍ରୀକ୍ ବର୍ଣ୍ଣମାଳା ଓ ତା'ପରେ ଗ୍ରୀକ୍ ଓ ରୋମାନ୍ ପୁରାଣରେ ଥିବା ଚରିତ୍ରମାନଙ୍କ ନାଁ ଅନୁଯାୟୀ ବାତ୍ୟା ନାଁ ଦେଲେ । ପରେ ସେ ପୁଣି ବାତ୍ୟା ପାଇଁ ମହିଳା ଓ ରାଜନେତାଙ୍କ ନାଁ ବାଛିଲେ।

ଏହାପରେ ପୁଣିଥରେ ବାତ୍ୟା ନାମକରଣ ବ୍ୟବସ୍ଥାରେ ସୁଧାର ଅଣାଗଲା । ବିଶ୍ୱରେ ଥିବା ଛଅଟି 'ରିଜିଓନାଲ୍ ସ୍ପେସାଲାଇଜ୍ଡ ମେଟେରୋଲୋଜିକାଲ୍ ସେଣ୍ଟର୍ ଓ ପାଞ୍ଚଟି 'ରିଜିଓନାଲ୍ ଟ୍ରପିକାଲ୍ ସାଇକ୍ଲୋନ୍ ୱାର୍ଣ୍ଣିଙ୍ଗ୍ ସେଣ୍ଟର୍ ବାତ୍ୟା ଓ ପାଣିପାଗ ବିଭ୍ରାଟ ଉପରେ ଦୃଷ୍ଟି ରଖିଲେ ସେମାନେ ବାତ୍ୟାଗୁଡ଼ିକର ନାଁ ଦେଲେ ଏବଂ ସତର୍କସୂଚନା ଜାରିକଲେ। ସେଥିରେ ଭାରତୀୟ ପାଣିପାଗ ବିଭାଗ ମଧ୍ୟ ରହିଛି । ଉତ୍ତର ଭାରତୀୟ ମହାସାଗର ଅବବାହିକା ଅଞ୍ଚଳରେ ହେବାକୁ ଥିବା ବାତ୍ୟା ନାଁ ଦେବା ଅଧିକାର ପାଇଛନ୍ତି । ୧୩ଟି ଦେଶ ସେ ଦେଶଗୁଡ଼ିକ ହେଉଛନ୍ତି- ଭାରତ, ବାଂଲାଦେଶ, ପାକିସ୍ତାନ, ଇରାନ, ମାଳଦ୍ୱୀପ, ମ୍ୟାମାର, ଓମାନ, କତର, ସାଉଦି ଆରବ, ଶ୍ରୀଲଙ୍କା, ଥାଇଲାଣ୍ଡ, ୟୁଏଇ ଓ ୟେମେନା ।

ଫୁଟବଲ ଜଗତରେ ଶୋକର ଛାୟା : ଗୋଲକିପରଙ୍କ ସହ ଧକ୍କା ପରେ ହୃଦ୍‌ଘାତରେ ଚାଲିଗଲା ଖେଳାଳିଙ୍କ ଜୀବନ



ମାଡ୍ରିଡ୍

ସ୍ପାନିଶ ଫୁଟବଲରେ ମଙ୍ଗଳବାର ଶୋକର ଛାୟା ଖେଳିଯାଇଛି। ଏକ ଦ୍ୱିତୀୟ ଡିଭିଜନ ମ୍ୟାଚ୍‌ରେ ପ୍ରତିପକ୍ଷ ଗୋଲକିପରଙ୍କ ସହ ଧକ୍କା ପରେ ହୃଦ୍‌ଘାତର ସମ୍ମୁଖୀନ ହୋଇଥିବା ଟେନେରାଇଫ୍ ଷ୍ଟ୍ରାଇକର ଜିସସ୍ ଡି ମିଗୁଏଲଙ୍କର ମୃତ୍ୟୁ ଘଟିଛି। ଏଫ୍‌ସି ଆଣ୍ଡୋରା ଗୋଲକିପର ଜିସସ ଓ୍ୱେନୋଙ୍କ ସହ ଧକ୍କା ହେବା ପରେ ୩୦ ବର୍ଷୀୟ ଡି ମିଗୁଏଲ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲା। ଏଥିଯୋଗୁ ଅତିରିକ୍ତ ସମୟର ସପ୍ତମ ମିନିଟ୍‌ରେ ସ୍କୋର ୨-୨ ଗୋଲରେ ବରାବର ଥିବା ବେଳେ ରେଫରି ମ୍ୟାଚ୍‌କୁ ସ୍ଥଗିତ କରିଥିଲେ। ଫିଲ୍ଡରେ ଚିକିତ୍ସା ପରେ ମିଗୁଏଲଙ୍କୁ ହସ୍ପିଟାଲ ପଠାଯାଇଥିଲା। କିନ୍ତୁ ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଟେନେରାଇଫ୍ କ୍ଲବ ପକ୍ଷରୁ ଏକ ଭାବବିହ୍ୱଳ ବାର୍ତ୍ତା ଜରିଆରେ ତାଙ୍କ ମୃତ୍ୟୁ ସୂଚନା ଦିଆଯାଇଛି।

ଅତିରିକ୍ତ ସମୟରେ ବିଜୟୀ ସୂଚକ ଗୋଲ ପାଇଁ କାଉଣ୍ଟର ଆଟାକିଂ ବେଳେ ହାଫଓ୍ୱେ ଲାଇନରେ ବଲ ପାଇଥିଲେ ମିଗୁଏଲ। ହେଲେ ବଲକୁ କ୍ଲିଅର କରିବା ପାଇଁ ଗୋଲକିପର ଓ୍ୱେନୋ କିକ୍ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କ ଆଣ୍ଠୁ ମିଗୁଏଲଙ୍କ ଛାତିରେ ବାଜିଥିଲା। ପ୍ରାରମ୍ଭିକ ଭାବେ ମିଗୁଏଲ ପଡ଼ିଆରେ ଯନ୍ତ୍ରଣାରେ ଗଡ଼ିଥିଲେ। ହେଲେ ପରେ ଚେତାଶୂନ୍ୟ ହୋଇଯାଇଥିଲେ। ମେଡିକାଲ ଷ୍ଟାଫ ତୁରନ୍ତ ଗ୍ରାଉଣ୍ଡରେ ପହଞ୍ଚି ପ୍ରାୟ ୫ ମିନିଟ୍ ଧରି ଚିକିତ୍ସା କରିବା ପରେ ତାଙ୍କୁ ହସ୍ପିଟାଲ ପଠାଇଥିଲେ। କିଛି ସ୍ପାନିଶ ରିପୋର୍ଟ ମୁତାବକ, ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଉଥିବା ବେଳେ ମିଗୁଏଲ ହୃଦ୍‌ଘାତର ସମ୍ମୁଖୀନ ହୋଇଥିଲେ। ଏଥିଯୋଗୁ ତାଙ୍କୁ ଆମ୍ବୁଲାନ୍ସ ମଧ୍ୟରେ ସିପିଆର ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମିଗୁଏଲ ୨୦୨୫ରେ ଟେନେରାଇଫ୍‌ରେ ଯୋଗ ଦେବା ପରେ ୩୦ ମ୍ୟାଚ୍‌ରେ ୧୧ ଗୋଲ କରି କ୍ଲବକୁ ତୃତୀୟ ଡିଭିଜନରୁ ଦ୍ୱିତୀୟ ଡିଭିଜନରେ ପହଞ୍ଚାଇଥିଲେ।

ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫି

୮-୦ରେ ଦକ୍ଷିଣ କୋରିଆକୁ ହରାଇଲା ଭାରତ

ନୂଆଦିଲ୍ଲୀ



ପଞ୍ଜାବର ଜଳନ୍ଧରରେ ଚାଲିଥିବା ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଭାରତ ପ୍ରଥମ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ଭେଟିବ। ଏହି ମ୍ୟାଚ୍ ବୁଧବାର ଖେଳାଯିବ। ପୁଲର ଅନ୍ତିମ ମ୍ୟାଚ୍‌ରେ ଭାରତୀୟ ଦଳ ୮-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇଛି। ଦଳ ପୁଲରେ ସମସ୍ତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅପରାଜେୟ ରହିଥିଲା। ଭାରତୀୟ ଦଳ ବେଶ ଉନ୍ନତ ପ୍ରଦର୍ଶନ କରିଥିଲା। ୮ମ ମିନିଟରେ ଦିଲପ୍ରୀତ ସିଂହ ଦଳର ଗୋଲ ଖାତା ଖୋଲିଥିଲେ। ଏହାପରେ ୧୧ ମିନିଟରେ ଯୁଗରାଜ ସିଂ ଏବଂ ୧୫ ମିନିଟରେ ହରମନପ୍ରୀତ ସିଂ ଗୋଲ ଦେଇ ପ୍ରଥମ କ୍ୱାର୍ଟରରେ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ।

ଦ୍ୱିତୀୟ କ୍ୱାର୍ଟରରେ ଖେଳ ଗୋଲଶୂନ୍ୟ ରହିଥିଲା। ଦକ୍ଷିଣ କୋରିଆ ଗୋଲ ପରିଶୋଧ କରିବା ନେଇ ଜୋରଦାର ପ୍ରୟାସ କରିଥିଲା। କିନ୍ତୁ ସଫଳ ହୋଇ ନଥିଲା। ତୃତୀୟ କ୍ୱାର୍ଟରରେ ପୁଣି ଭାରତ ଆକ୍ରମଣ କରି ୪ଟି ଗୋଲ ଦେବାରେ ସଫଳ ରହିଥିଲା। ୩୩ ମିନିଟରେ ଶିଳାନନ୍ଦ ଲାକ୍ରା, ୩୪ ମିନିଟରେ ସୁଖଜିତ ସିଂ, ୩୬ ମିନିଟରେ ସଞ୍ଜୟ ଏବଂ ୪୦ ମିନିଟରେ ଦିଲପ୍ରୀତ (ବ୍ୟକ୍ତିଗତ ଦ୍ୱିତୀୟ) ଗୋଲ ସ୍କୋର କରିଥିଲେ। ଅନ୍ତିମ କ୍ୱାର୍ଟର ଖେଳ ମଧ୍ୟ ସଂଘର୍ଷପୂର୍ଣ୍ଣ ଥିଲା। ଶେଷ ମିନିଟ୍‌ରେ ଅଙ୍ଗଦ ଗୋଲ ଦେବା ପରେ ଭାରତ ୮-୦ରେ ଏକତରଫା ବିଜୟ ହାସଲ କରିଥିଲା। ଡିଫେଣ୍ଡର ସଞ୍ଜୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଚୀନ ଓ ବାଂଲାଦେଶ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ରହିଥିବା ବେଳେ ଜାପାନ ୨-୧ ଗୋଲରେ ମାଲେସିଆକୁ ପରାଜିତ କରିଥିଲା। ଦ୍ୱିତୀୟ ସେମି ଫାଇନାଲ ମାଲେସିଆ ଓ ଜାପାନ ମଧ୍ୟରେ ଖେଳାଯିବ।

୨୦୩୦ ହକି ବିଶ୍ୱକପ ଏବଂ ୨୦୨୮ ଅଲମ୍ପିକ୍ସ ପୂର୍ବରୁ ଭାରତ ତା'ର ଦବଦବା ଜାହିର କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଏ ପର୍ଯ୍ୟନ୍ତ ଅପରାଜୟ ରହିଛି। ଜ୍ଞାବର ଜଳନ୍ଧରରେ ଚାଲିଥିବା ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫି ହାତେଇବା ଲକ୍ଷ୍ୟରେ ରହିଛି ଭାରତୀୟ ହକି ଦଳ। ୫ଟି ମ୍ୟାଚ୍‌ରୁ ୫ଟି ଜିତିଛି ଭାରତ। ଏବେ ଟାର୍ଗେଟରେ ସେମି ଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ଜିତିବା ଟିମ୍ ହରମନପ୍ରୀତ କୌରଙ୍କ ପ୍ରଥମ ଲକ୍ଷ୍ୟ।

୯ ବର୍ଷ ପରେ ପଞ୍ଜାବର ଜଳନ୍ଧରରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଛି ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫି। ପ୍ରଥମ ଦିବସରେ ଭାରତ ଏକତରଫା ଭାବେ ୧୩-୦ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଭାରତ ଗୋଲ୍ ବର୍ଷା କରିଥିଲା। ୧୩-୦ରେ ଧୂଳି ଚାଟିଥିଲା ବାଂଲାଦେଶ। ବାଂଲାଦେଶ ବିପକ୍ଷରେ ଭାରତ ଏକତରଫା ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଚୀନକୁ ୫-୨ରେ ପରାସ୍ତ କରିଥିଲା। ଚଳିତ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଆଧିପତ୍ୟ ବିସ୍ତାର କରିଛି। ଶେଷ ପୁଲ୍ ମ୍ୟାଚ୍‌ରେ ବି ଦମଦାର ବିଜୟ ହାସଲ କରିଛି।

ବଦଳିଲା ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ମ୍ୟାଚ୍ ସମୟ

ନୂଆଦିଲ୍ଲୀ



ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଉ କିଛି ସମୟ ପରେ ଆରମ୍ଭ ହେବ। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ୪ ନଭେମ୍ବର ଅର୍ଥାତ୍ ବୁଧବାର ଦିନ ସକାଳେ ଅକଲାଣ୍ଡଠାରେ ଖେଳାଯିବ। ଏଥିପାଇଁ ଉଭୟ ଦଳ ପ୍ରସ୍ତୁତ ଅଛନ୍ତି। ଭାରତୀୟ ଦଳର ଅଧିନାୟକତ୍ୱ ପୁଣିଥରେ ଶୁବମନ ଗିଲ ସମ୍ଭାଳୁଥିବା ଦେଖିବାକୁ ମିଳିବ। ଅନ୍ୟପଟେ ନ୍ୟୁଜିଲାଣ୍ଡର ନେତୃତ୍ୱ ମିଚେଲ ସାଣ୍ଟନର ନେବେ।

ଭାରତୀୟ କ୍ରିକେଟ୍ ଦଳର ନ୍ୟୁଜିଲାଣ୍ଡ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ଭାରତ ୩-୨ରେ ନିଜ ନାମରେ କରିଥିଲା। ସୂଚନାଯୋଗ୍ୟ ଯେ ଏହି ସମ୍ପୂର୍ଣ୍ଣ ସିରିଜ୍‌ର ମିଡିଆ ରାଇଟ୍ସ ସୋନି ସ୍ପୋର୍ଟସ ନେଟୱର୍କ ପାଖରେ ଅଛି। ଅର୍ଥାତ୍ ଯଦି ଆପଣ ଟିଭିରେ ଦିନିକିଆ ମ୍ୟାଚ୍ ଦେଖିବାକୁ ଚାହୁଁଛନ୍ତି, ତେବେ ସେଥିପାଇଁ ଆପଣଙ୍କୁ ସୋନି ସ୍ପୋର୍ଟସ ଚ୍ୟାନେଲ୍‌କୁ ଯିବାକୁ ହେବ, ସେହିପରି ଯଦି ଆପଣ ମୋବାଇଲ୍‌ରେ ଏହି ମ୍ୟାଚ୍ ଦେଖିବାକୁ ଚାହୁଁଛନ୍ତି, ତେବେ ସୋନି ଲିଭ୍ ଆପ୍‌କୁ ଯାଇପାରିବେ। ସ୍ମାର୍ଟ ଟିଭି, ଲାପଟପ୍ ଏବଂ ଟାବଲେଟ୍‌ରେ ମଧ୍ୟ ଆପଣ ସୋନି ଲିଭ୍ ମାଧ୍ୟମରେ ହିଁ ମ୍ୟାଚ୍ ଦେଖିପାରିବେ। କିନ୍ତୁ ଏଥିପାଇଁ ଆପଣଙ୍କୁ କିଛି ନା କିଛି ଖର୍ଚ୍ଚ କରିବାକୁ ପଡ଼ିବ। ସୋନି ଲିଭ୍‌ର ତ ସବ୍‌ସ୍କ୍ରିପସନ୍ ନେବାକୁ ହିଁ ହେବ। ଏହା ସହିତ ଯଦି ଟିଭିରେ ମ୍ୟାଚ୍ ଦେଖୁଛନ୍ତି, ତେବେ ସେଥିପାଇଁ ମଧ୍ୟ ପ୍ରତିମାସରେ ଖର୍ଚ୍ଚ ହୋଇଥାଏ।

ଆପଣ ଯଦି ବିନା କୌଣସି ଟଙ୍କା ଖର୍ଚ୍ଚ କରି ଏହି ମ୍ୟାଚ୍‌କୁ ନିଜ ଟିଭିରେ ଲାଇଭ୍ ଦେଖିବାକୁ ଚାହୁଁଛନ୍ତି, ତେବେ ସେଥିପାଇଁ ଆପଣଙ୍କୁ ଡିଡି ସ୍ପୋର୍ଟସ ଚ୍ୟାନେଲ୍‌କୁ ଯିବାକୁ ହେବ। ଡିଡି ଫ୍ରି ଡିସ୍ କନେକ୍ସନ ମାଧ୍ୟମରେ ଆପଣ ବିନା କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଏହି ମ୍ୟାଚ୍‌କୁ ଲାଇଭ୍ ଦେଖିପାରିବେ। କହି ରଖୁଛୁ ଯେ ଯଦି ଡିଡି ଫ୍ରି ଡିସ୍ କନେକ୍ସନ ନଥିବ, ତେବେ ମ୍ୟାଚ୍ ମାଗଣାରେ ଦେଖାଯାଇ ପାରିବ ନାହିଁ। ଏହି କନେକ୍ସନ ନେବା ସମୟରେ ହିଁ କିଛି ଖର୍ଚ୍ଚ ହୋଇଥାଏ, ତା'ପରେ ଏହା ସମ୍ପୂର୍ଣ୍ଣ ରୂପେ ମାଗଣା ରହିଥାଏ। କିନ୍ତୁ ଏହି ବ୍ୟବସ୍ଥା କେବଳ ଟିଭିରେ ହିଁ ଉପଲବ୍ଧ ହେବ। ଦୂରଦର୍ଶନ ପକ୍ଷରୁ ସୋସିଆଲ ମିଡିଆରେ ଏହି ବିଷୟରେ ଘୋଷଣା କରାଯାଇଛି।

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଟି୨୦ ସିରିଜ୍‌ର ସମସ୍ତ ପାଞ୍ଚଟି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍‌ରେ ଆରମ୍ଭ ହୋଇଥିଲା, କିନ୍ତୁ ଦିନିକିଆ ମ୍ୟାଚଗୁଡ଼ିକର ସମୟ ସମ୍ପୂର୍ଣ୍ଣ ଭିନ୍ନ ଅଟେ। ଅକଲାଣ୍ଡଠାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍ କଥା ଯଦି କହିବା, ତେବେ ଏହି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ସକାଳ ୭ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ସେହିପରି ମ୍ୟାଚ୍ ପାଇଁ ଟସ୍ ସକାଳ ୭ଟାରେ ପଡ଼ିବ।

ପ୍ରଥମ ଦିନିକିଆ ମ୍ୟାଚ୍ ପାଇଁ ଉଭୟ ଦଳର ସାମ୍ଭାବ୍ୟ ଏକାଦଶ- ଭାରତ: ରୋହିତ ଶର୍ମା, ଶୁବମନ ଗିଲ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେ.ଏଲ୍. ରାହୁଲ (ୱିକେଟ୍ କିପର), ଅକ୍ଷର ପଟେଲ, ନମନ ଧୀର/କୁଲଦୀପ ଯାଦବ, ନୀତିଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ, ଗୁରନୁର ବରାର୍, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ: ଟିମ୍ ସିଫର୍ଟ, ୱିଲ୍ ୟଙ୍ଗ, ଡେରିଲ୍ ମିଚେଲ, ଟମ୍ ଲାଥାମ (ୱିକେଟ୍ କିପର), ଗ୍ଲେନ୍ ଫିଲିପ୍ସ, ମାଇକେଲ୍ ବ୍ରେସୱେଲ୍, ମିଚେଲ୍ ସାଣ୍ଟନର (ଅଧିନାୟକ), ନାଥନ୍ ସ୍ମିଥ୍, କାଇଲ୍ ଜାମିସନ୍, ଜାକବ୍ ଡଫି, ମ୍ୟାଟ୍ ହେନ୍ରୀ।

ଏନ୍‌ଆଇଟି ରାଉରକେଲା କ୍ରୀଡ଼ା ମହୋତ୍ସବ : ହ୍ୟାଣ୍ଡବଲ୍ ଓ ହକିରେ କାଲିକଟ ଚାମ୍ପିଅନ

ରାଉରକେଲା, ନ୍ୟୁଜ୍‌ବ୍ୟୁରୋ



ରାଉରକେଲାସ୍ଥ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଚାଲିଥିବା ଏନ୍‌ଆଇଟି କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହିଳା ହ୍ୟାଣ୍ଡବଲରେ ଭିଏନ୍‌ଆଇଟି (ନାଗପୁର) ଚାମ୍ପିଅନ ହୋଇଥିବା ବେଳେ ଏନ୍‌ଆଇଟି ୱାରଙ୍ଗଲ ଉପବିଜେତା ଓ ଏନ୍‌ଆଇଟି କାଲିକଟ ତୃତୀୟ ସ୍ଥାନରେ ରହିଛି। ବିଜେତା ଦଳର ଭାଗ୍ୟ ସନ୍ତୋଷୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୁରୁଷ ହ୍ୟାଣ୍ଡବଲରେ ଏନ୍‌ଆଇଟି କାଲିକଟ ଚାମ୍ପିଅନ ହୋଇଥିବା ବେଳେ ଏନ୍‌ଆଇଟି ୱାରଙ୍ଗଲ ଉପବିଜେତା ଓ ଏସଭିଏନ୍‌ଆଇଟି ସୁରଟ ତୃତୀୟ ସ୍ଥାନ ଅଧିକାର କରିଛି। ବିଜେତା ଦଳର ପବନ କଲ୍ୟାଣ ଶ୍ରେଷ୍ଠ ଖେଳାଳି ପୁରସ୍କୃତ ହୋଇଛନ୍ତି। ସେହିଭଳି ମହିଳା ଭଲିବଲରେ ଏନ୍‌ଆଇଟି କୁରୁକ୍ଷେତ୍ର ବିଜେତା ହୋଇଥିବା ବେଳେ ଏନ୍‌ଆଇଟି କାଲିକଟ ଦ୍ୱିତୀୟ ଓ ଏନ୍‌ଆଇଟି ଜାମସେଦପୁର ତୃତୀୟ ସ୍ଥାନରେ ରହିଛନ୍ତି। କୁରୁକ୍ଷେତ୍ରର ପଲକ ଚୌଧୁରୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ପୁରୁଷ ଭଲିବଲରେ ଏନ୍‌ଆଇଟି ଜାମସେଦପୁର ବିଜୟୀ ହୋଇଥିବା ବେଳେ ଏନ୍‌ଆଇଟି ତିରୁଚିରାପଲ୍ଲୀ ଦ୍ୱିତୀୟ ଓ ଏସ୍‌ଭିଏନ୍‌ଆଇଟି ସୁରଟ ତୃତୀୟ ସ୍ଥାନରେ ରହିଛି। ଏଥିରେ ହିମାଂଶୁ ଚେଓଟିଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପୁରୁଷ ହକିରେ ଏନ୍‌ଆଇଟି କାଲିକଟ ଚାମ୍ପିଅନ ହୋଇଥିବା ବେଳେ ଆୟୋଜକ ଏନ୍‌ଆଇଟି ରାଉରକେଲା ଉପବିଜେତା ହୋଇଛି। ଏନ୍‌ଆଇଟି ତିରୁଚିରାପଲ୍ଲୀ ତୃତୀୟ ସ୍ଥାନରେ ରହିଛି। ରାଉରକେଲାର ଅମନ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଦେଶର ୩୦ଟି ଏନ୍‌ଆଇଟି ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିଅରିଂ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଇଏସ୍‌ଟି) ଶିବପୁରର ୧,୧୯୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଠାରେ ପୁରୁଷ ଓ ମହିଳା ଭଲିବଲ୍, ପୁରୁଷ ଓ ମହିଳା ହ୍ୟାଣ୍ଡବଲ୍ ଏବଂ ପୁରୁଷ ହକି ଭଳି ୫ଟି ବର୍ଗରେ ମ୍ୟାଚ୍ ଖେଳାଯାଇ ଥିଲା। ସମସ୍ତ ମ୍ୟାଚ୍ ଅନୁଷ୍ଠାନର ପି.ଟି.ଉଷା ଷ୍ଟାଡିୟମ, ଇଣ୍ଡୋର ଷ୍ଟାଡିୟମ ଓ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଡିନ୍ ପ୍ରଫେସର ରାଜୀବ ପଣ୍ଡା, ସାକ୍ ସଭାପତି ପ୍ରଫେସର ଦିଲୀପ ପ୍ରଧାନ, ଉପସଭାପତି ପ୍ରଫେସର ମହମ୍ମଦ ଖାଲିଦ ଗୁଲ୍, ପ୍ରଫେସର ଆଦିତ୍ୟ ଦାସଙ୍କ ସମେତ ଏନ୍‌ଆଇଟି କେ ସୁରଥକଲର ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଡ. ମନୋଜ, କ୍ରୀଡ଼ା ଅଧିକାରୀ ସି. ଆଲାଗେସନ, ସହକାରୀ ପ୍ରୀତମ କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଲେ ଗ୍ଲେନ୍ ମ୍ୟାକ୍ସୱେଲ୍

ନୂଆଦିଲ୍ଲୀ



ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଅବସର ଘୋଷଣା କରିଛନ୍ତି। ସୀମିତ ଓଭର କ୍ରିକେଟରେ ମ୍ୟାକ୍ସୱେଲ ଅଷ୍ଟ୍ରେଲୀୟ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଥିଲେ। ସେ ଅଷ୍ଟ୍ରେଲିଆ ଦଳ ପାଇଁ ନିଜର ଶେଷ ମ୍ୟାଚ୍ ୨୦୨୬ ଟି୨୦ ବିଶ୍ୱକପରେ ଖେଳିଥିଲେ। ଏହାପରେ ସେ ଦଳରୁ ବାହାରେ ରହି ଆସୁଥିଲେ ଏବଂ ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲବିଦା କହିଛନ୍ତି। ତେବେ ସେ ବିଗ୍ ବ୍ୟାଶ୍ ଲିଗ୍ ଖେଳିବା ଜାରି ରଖିବେ।

ଗ୍ଲେନ୍ ମ୍ୟାକ୍ସୱେଲ୍ 'ଫାଇନାଲ୍ ୱାର୍ଡ ପଡକାଷ୍ଟ' ଜରିଆରେ ନିଜ ଅବସର ଘୋଷଣା କରିଛନ୍ତି। ମ୍ୟାକ୍ସୱେଲ୍ ୨୦୧୨ରେ ଡେବ୍ୟୁ କରିଥିଲେ ଏବଂ ଏହା ସହିତ ତାଙ୍କର ୧୪ ବର୍ଷର କ୍ରିକେଟ୍ କ୍ୟାରିୟରର ଅନ୍ତ ଘଟିଛି। ମ୍ୟାକ୍ସୱେଲ୍ କହିଛନ୍ତି ଯେ ନିକଟରେ ଶେଷ ହୋଇଥିବା ଟି୨୦ ୱାର୍ଲ୍ଡ କପ୍ ପରେ ସେ ନିଜ କ୍ୟାରିୟରକୁ ନେଇ ଅନେକ ଆଲୋଚନା କରିଥିଲେ। ଅଷ୍ଟ୍ରେଲୀୟ ଦଳ ଟିମ୍ ମ୍ୟାନେଜମେଣ୍ଟ ତରଫରୁ ତାଙ୍କ ଉପରେ ଅବସର ନେବା ପାଇଁ କୌଣସି ଚାପ ନଥିଲା ଏବଂ ସେମାନେ ତାଙ୍କ ପାଇଁ ରାସ୍ତା ଖୋଲା ଛାଡ଼ିଥିଲେ। ଅଷ୍ଟ୍ରେଲୀୟ ଚୟନକର୍ତ୍ତାମାନେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆଗକୁ ବଢ଼ିବାକୁ ଚାହୁଁଥିଲେ ବୋଲି ମ୍ୟାକ୍ସୱେଲ୍ ପ୍ରକାଶ କରିଛନ୍ତି।

ପଡକାଷ୍ଟରେ ଗ୍ଲେନ୍ ମ୍ୟାକ୍ସୱେଲ୍ କହିଛନ୍ତି ଯେ ସେ ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମସିଜି)ରେ ଅବସର ନେବାକୁ ଚାହୁଁଥିଲେ, କିନ୍ତୁ ତାଙ୍କୁ ଏହି ସୁଯୋଗ ମିଳିପାରିଲା ନାହିଁ। ମ୍ୟାକ୍ସୱେଲ୍ କହିଛନ୍ତି, 'ମୋର ଟିକେ ଆଶା ଥିଲା ଯେ ମୋତେ ଏମସିଜିରେ ମୋର ଫେୟାରୱେଲ୍ ମ୍ୟାଚ୍ ମିଳିବ। ହେଲେ, ଅଷ୍ଟ୍ରେଲୀୟ ଦଳ କେଉଁ ଦିଗରେ ଗତି କରୁଛି ତାହା ମୁଁ ବୁଝିପାରୁଛି। ଦଳରେ କ୍ରମାଗତ ପରିବର୍ତ୍ତନ ଜାରି ରହିବ। ୨୦୨୮ ଅଲିମ୍ପିକ୍ସକୁ ନଜରରେ ରଖି ଆଗାମୀ ୧୨ରୁ ୨୪ ମାସ ମଧ୍ୟରେ ସେମାନେ ଯୁବ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ କ୍ରିକେଟରେ ସୁଯୋଗ ଦେବାକୁ ଚାହୁଁଛନ୍ତି। ସେମାନଙ୍କୁ ସେହି ଚାପର ସାମ୍ନା କରିବା ପାଇଁ ପ୍ରସ୍ତୁତ କରାଯାଉଛି, ଯାହା ସେମାନଙ୍କୁ ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ) ମ୍ୟାଚରୁ ମିଳିପାରିବ ନାହିଁ।'

୧୪ ବଲ୍‌ରେ ୫୦ ରନ୍ : ପାକିସ୍ତାନର ଫାତିମା ସନାଙ୍କ ବିଶ୍ୱ ରେକର୍ଡ ଭାଙ୍ଗି ଇତିହାସ ରଚିଲେ ପ୍ରେମା ରାଓ୍ୱତ

ନୂଆଦିଲ୍ଲୀ



ଭାରତୀୟ ମହିଳା କ୍ରିକେଟର ପ୍ରେମା ରାଓ୍ୱତ ମହିଳା ଟି୨୦ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ବିଶ୍ୱ ରେକର୍ଡ କରିଛନ୍ତି। ଭାରତୀୟ ସିନିୟର ମହିଳା ଟି୨୦ ଟ୍ରଫିରେ ଉତ୍ତରାଖଣ୍ଡ ଦଳ ତରଫରୁ ଖେଳି ପ୍ରେମା ଏହି ରେକର୍ଡ କରିଛନ୍ତି। ଏହି ଭାରତୀୟ ମହିଳା ଖେଳାଳି ମାତ୍ର ୧୪ଟି ବଲ୍‌ରେ ୫୦ ରନ୍ ସ୍କୋର କରି କ୍ରିକେଟ୍ ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି। ଏହା ପୂର୍ବରୁ ମହିଳା ଟି୨୦ କ୍ରିକେଟରେ ସବୁଠାରୁ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ପାକିସ୍ତାନର ଅଧିନାୟକ ଫାତିମା ସନାଙ୍କ ନାମରେ ଥିଲା। ଯିଏକି ୧୫ଟି ବଲରେ ଅର୍ଦ୍ଧଶତକ କରି ବିଶ୍ୱରେକର୍ଡ କରିଥିଲେ। ବର୍ତ୍ତମାନ ଭାରତର ୨୪ ବର୍ଷୀୟା ପ୍ରେମା ରାଓ୍ୱତ ମାତ୍ର ୧୪ଟି ବଲ୍‌ରେ ଏହି ଚମତ୍କାର କରି ଫାତିମାଙ୍କ ପୁରୁଣା ରେକର୍ଡକୁ ଚୂରମାର କରିଦେଇଛନ୍ତି। ପ୍ରେମା ନିଜର ଏହି ଐତିହାସିକ ପାଳିରେ ୩୫୭.୧୪ର ଧୂଆଁଧାର ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରିଥିଲେ। ସବୁଠାରୁ ଆକର୍ଷଣୀୟ କଥା ହେଉଛି ଯେ, ସେ ନିଜର ୫୦ ରନ୍ ମଧ୍ୟରୁ ୪୮ ରନ୍ କେବଳ ବାଉଣ୍ଡ୍ରି (ଚୌକା ଓ ଛକା) ସାହାଯ୍ୟରେ କରିଥିଲେ।


ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଉତ୍ତରାଖଣ୍ଡ ଦଳ ବ୍ୟାଟିଂ କରିଥିଲା। ଉତ୍ତରାଖଣ୍ଡ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ପ୍ରେମା ରାଓ୍ୱତଙ୍କ ବିସ୍ଫୋରକ ଇନିଂସ, ରାଘବୀ ବିଷ୍ଟଙ୍କ ଅପରାଜିତ ୭୨ ରନ୍ ଏବଂ କରିନାଙ୍କ ୪ ରନ୍ ସହାୟତାରେ ୧୮୭ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଏହାର ଜବାବରେ ହାଇଦ୍ରାବାଦ ଦଳ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ମଧ୍ୟ ୮ ୱିକେଟ୍ ହରାଇ ମାତ୍ର ୯୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍‌କୁ ଉତ୍ତରାଖଣ୍ଡ ୮୯ ରନ୍‌ର ଜିତି ନେଇଥିଲା।

ଏହି ମ୍ୟାଚ୍‌ରେ ପ୍ରେମା ରାଓ୍ୱତ ବ୍ୟାଟିଂ ସହିତ ବୋଲିଂରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ନିଜର ୪ ଓଭର ବୋଲିଂରେ ୧୨ ରନ୍ ଦେଇ ୨ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ମଧ୍ୟ ନେଇଥିଲେ। ତାଙ୍କ ବ୍ୟତୀତ ନିଶା ଏବଂ ସଫିନାଙ୍କୁ ମଧ୍ୟ ୨ଟି ୱିକେଟ୍ ମିଳିଥିବା ବେଳେ, ପୂଜା ରାଜ୍ ଓ କରିନା ଗୋଟିଏ ଲେଖାଏଁ ୱିକେଟ୍ ନିଜ ନାମରେ କରିଥିଲେ।

୨୪ ବର୍ଷୀୟା ଅଲ୍‌ରାଉଣ୍ଡର ପ୍ରେମା ରାଓ୍ୱତ ଭାରତୀୟ ସିନିୟର ମହିଳା ଦଳର ପ୍ରତିନିଧିତ୍ୱ ମଧ୍ୟ କରିସାରିଛନ୍ତି। ସେ ଭାରତ ପାଇଁ ଏପର୍ଯ୍ୟନ୍ତ ୭ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ତାଙ୍କ ନାମରେ ୭ଟି ୱିକେଟ୍ ରହିଛି। ପ୍ରେମା ଚଳିତ ବର୍ଷ ଜୁନ୍ ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନିଜର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏବଂ ସେ ନିକଟରେ ଜିମ୍ବାୱେ ବିପକ୍ଷରେ ହୋଇଥିବା ଟି୨୦ ସିରିଜ୍‌ରେ ମଧ୍ୟ ଭାରତୀୟ ଦଳର ଅଂଶ ଥିଲେ।

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସମୀକ୍ଷା କଲେ ଅତିରିକ୍ତ ଶାସନ ସଚିବ

ଯାଜପୁର, ନ୍ୟୁଜ୍‌ବ୍ୟୁରୋ



ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ସ୍ୱଚ୍ଛ, ତ୍ରୁଟିମୁକ୍ତ ଓ ସୁଚାରୁରୂପେ ପରିଚାଳନା କରିବା ଲକ୍ଷ୍ୟରେ ଯାଜପୁର ଜିଲ୍ଲାରେ ଚାଲିଥିବା ଘରକୁ ଘର ଭୋଟର ସର୍ଭେ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସର୍କିଟ୍ ହାଉସ୍‌ଠାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ଗୀତାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସର୍ଭେ କାର୍ଯ୍ୟର ପ୍ରଗତି ଓ ବିଭିନ୍ନ ୱାର୍ଡର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ସମୀକ୍ଷା ବୈଠକରେ ଭୋଟର ତାଲିକାରେ ନୂତନ ନାମ ଅନ୍ତର୍ଭୁକ୍ତ କରିବା, ସର୍ଭେ ସମୟରେ ଆସୁଥିବା ଆପତ୍ତି ଓ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ଏବଂ କାର୍ଯ୍ୟକୁ ଆହୁରି ଦ୍ରୁତଗାମୀ କରିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା। ଦିନ ବେଳେ କାମଧନ୍ଦା ପାଇଁ ଘରେ ଅନୁପସ୍ଥିତ ରହୁଥିବା ନାଗରିକଙ୍କ ନିକଟରେ ସର୍ଭେ ଟିମ୍ ଯଥାଶୀଘ୍ର ପହଞ୍ଚି ସେମାନଙ୍କୁ ସର୍ଭେରେ ସାମିଲ କରିବା ପାଇଁ ଅତିରିକ୍ତ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସନ୍ଧ୍ୟା ସମୟରେ ଦାୟିତ୍ୱ ତୁଲାଉଥିବା ମହିଳା ବୁଥ୍ ଲେଭଲ୍ ଅଫିସର ମାନଙ୍କର ସୁରକ୍ଷା ନିଶ୍ଚିତ କରିବାକୁ ସେ ବିଶେଷ ଭାବେ ଗୁରୁତ୍ୱ ଦେଇଛନ୍ତି, ଯାହାଦ୍ୱାରା ସେମାନେ ନିର୍ଭୟରେ ଓ ନିଷ୍ଠାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କରିପାରିବେ। ଅପରପକ୍ଷରେ, ଜିଲ୍ଲାପାଳ ଅମ୍ବର କୁମାର କର ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଯେପରି ଗୋଟିଏ ନିର୍ଦ୍ଦିଷ୍ଟ ଭୋଟିଂ ବୁଥ୍‌ରେ ରହିବ, ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ସର୍ଭେ କାର୍ଯ୍ୟର ଶେଷ ସମୟସୀମା ଆସନ୍ତା ନଭେମ୍ବର ୭ ତାରିଖ ରହିଥିବାରୁ, ଏହି ଧାର୍ଯ୍ୟ ତାରିଖ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସର୍ଭେ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକ ଶେଷ ହେବା ପରେ ଅତିରିକ୍ତ ଶାସନ ସଚିବ ତୃଣମୂଳ ସ୍ତରରେ ପ୍ରଗତି ଅନୁଧ୍ୟାନ କରିବା ପାଇଁ ରସୁଲପୁର, ବାରବାଟୀ, ପାଣିକୋଇଲି, ମଳାନନ୍ଦପୁର, ପାଣସା ଏବଂ ଚାଇନିପୁର ଭଳି ପ୍ରମୁଖ ପଞ୍ଚାୟତ ଗୁଡ଼ିକୁ ଗସ୍ତ କରିଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଜିଲ୍ଲାର ୧୦ଟି ଯାକ ବ୍ଲକ୍‌ର ବିଡିଓ, ଜିଲ୍ଲା ପଞ୍ଚାୟତ ଉନ୍ନୟନ ଅଧିକାରୀ, ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଏବଂ ବୁଥ୍ ଲେଭଲ୍ ଅଫିସରମାନେ ଉପସ୍ଥିତ ଥିଲେ।

OFFICE OF THE PANCHAYAT SAMITI CHILIKA 19001/325/2627
At/Po: Gangadharpur, Dist: Khordha, Odisha, Pin: 752034,
Phone: 06756-255026
E-Mail: ori-chilika@gramsat.nic.in

Letter No. 3568 / Date- 02-11-2026
DETAIL TENDER CALLNOTICE NO. 04/CPS/2026-27

1. Number of Civil works : 3 (Three)
2. Estimated Cost Period of : As per DTCN
3. Period of completion : 06 (Six) Calendar Months
4. Availability of Tender online for biding : **04.11.2026 at 11.00 AM to 16.11.2026 up to 5.00 P.M.**
5. Last Date/Time of seeking Tender Clarification : **16.11.2026 up to 5.00 P.M.**
6. Date & time of opening of Tender : **17.11.2026 at 11.00 A.M.**
7. Further the details can be seen from the website (http://www.tenderodisha.gov.in).

Sd/- Block Development Officer
Chilika
OIPR-19001/19387/1/26-27/0003

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO-PADHUANPADA, BALASORE
34001/1099/2627
CONTACT NO:- 06782262045
E Mail ID:- ee_blsrb@yahoo.co.in

BID INVITATION NO. SE (R and B) BLS-Divn-1- 11/2026-27
Letter No 9794 Date 02-11-26

1 The Superintending Engineer, Balasore (R & B) Division-I, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Electrical and Building works

2 No. of Work	:	4 Nos
3 Nature of work	:	Electrical works of Balasore (R&B) Division-1
4 Class of Contractor	:	**"MV" & " HT Electrical"** Class Contractor
5 Approx. value of work	:	Rs. 6.14 Lakh to 9.84 Lakh
6 Tender Cost.	:	Rs. 4000/-
7 Availability of Bid Documents in the website	:	**From 10.00 Hours of dt. 09.11.2026 to 16:00 hours of dt. 18.11.2026**
8 Date of Opening of Bid	:	Dt. **19.11.2026** at 10:00 Hours

9 Other details can be seen in the Bidding documents from the website : **https://tendersorissa.gov.in**

Sd/- Superintending Engineer,
Balasore (R&B) Division-I
OIPR-34001/34157/1/26-27/0005

OFFICE OF THE PANCHAYAT SAMITI,TIRING MAYURBHANJ e-Mail :- ori-tiringi@nic.in 19001/326/2627
At/PO-Tiring, Dist- Mayurbhanj, 757053 (ODISHA)

TENDER CALL NOTICE
No. 3580 Date 02.11.2026

ANNEXURE-"A"

The Block Development Officer, Tiring on behalf of Government of Odisha invites sealed cover tender on Percentage (%) rate bid in single cover system for construction of works as detailed below in the table from Registered & Eligible Civil contractors of Odisha PWD (R&B)/ WR/ RWD/ NH/MI/CPWD for the following works in conformity with the detail tender call notice.

Sl No	Name of the work	Amount put to the tender (in Rs)	EMD to be deposited (in Rs)	Cost of Tender Paper (in Rs)	Class of Contractors	Period of Completion
1	Finishing of New Panchayat Samiti Office Building at Tiring Block	2423166.314	24,240.00	6,000.00	6 months	'C' & 'B'/ Equivalen

For detailed Term and conditions please visit our website www.mayurbhanj nic.in

Sd/- Block Development Officer, Tiring
OIPR-19001/19135/1/26-27/0003

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org
13001/2339/2627
ପତ୍ର ସଂଖ୍ୟା :୧୭୭ ତା: ୨୬.୧୦.୨୦୬

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଫ୍ଲାଟ୍ ନଂ-ଏସ/ଇ-୮/୪ ସ୍ଲମ୍ ଡ୍ୱେଲର ରିହାବିଲିଟସନ ସ୍କିମ୍ ସତ୍ୟନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ୧. ଶ୍ରୀମତୀ ପ୍ରଭାତୀ ନାୟକ, ସ୍ୱାମୀ-ସନ୍ତୋଷ କୁମାର ନାୟକ, ୨. ବିଚିତ୍ରାନନ୍ଦ ନାୟକ, ପିତା- ୰ବ୍ରହ୍ମାନନ୍ଦ ନାୟକ, ୩. ଶ୍ରୀମତୀ ରୋଜୀନା ବଳିୟାରସିଂ, ସ୍ୱାମୀ-ବ୍ରଜବନ୍ଧୁ ବଳିୟାରସିଂ, ୪. ଶ୍ରୀମତୀ ପଦ୍ମିନୀ ମହାପାତ୍ର, ସ୍ୱାମୀ-ସରୋଜ କୁମାର ମହାପାତ୍ର, ୫. ଶ୍ରୀ ସନ୍ତୋଷ କୁମାର ନାୟକ, ପିତା- ୰ବ୍ରହ୍ମାନନ୍ଦ ନାୟକ, ସା-ଏସ/ଇ-୮/୪, ସତ୍ୟନଗର EWS ଫ୍ଲାଟ୍, ପୋ-ସହିଦନଗର, ଥାନା-ଖାରବେଳ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉପରୋକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହ(ଫ୍ଲାଟ୍)ଟିକୁ ଭୁବନେଶ୍ୱର ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସତ୍ୟଭାମା ଲେଙ୍କା, ସ୍ୱାମୀ- ଶ୍ରୀ ତିଲୋଚନ ଲେଙ୍କା, ସା-ସାନ ବ୍ରହ୍ମପୁର, ପୋ-ବାଙ୍କୁଆଳ, ଥାନା-କାମାକ୍ଷାନଗର, ଜିଲ୍ଲା-ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ୍ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଫ୍ଲାଟଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା/-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/26-27/0385

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHADIAL
Email: - semidivision.khadial@odisha.gov.in
32001/1226/2627

Letter No: 1449 Dated.: -31.10.2026

e-PROCUREMENT NOTICE
Bid Identification Notice No.: -03/SE MIDKHR/2026-27

The Superintending Engineer, M.I. Division, Khadial, District- Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the web site www.tendersodisha.gov.in by eligible contractors.

1.	Name of work	:	Improvement to Check Dam works
2.	Total No. of works	:	19 (Nineteen) Nos. Only
3.	Estimated cost	:	Varies from ₹2.04.Lakhs to ₹8.62 .Lakhs Approximately
4	Class of Contractor	:	" C &D " Class
5.	Period of completion	:	02 (Two) Calendar Months
6.	Date and time of availability of Bid	:	From 11:00 AM on 04.11.2026 and up to 5:30 PM on 14.11.2026 Document in portal
7.	Last date / time for receipt of Bid	:	up to 5:30 PM on 14.11.2026 Document in portal Document in portal
8.	Date / Time of opening of Technical & Financial Bid	:	From 11.00 AM on 16.11.2026 At O/o M.I. Division, Khadial
10.	Name and Address of Tender Inviting Officer	:	Superintending Engineer, M.I. Division, Khadial, Officer inviting the Bid.
11.	Mode of Payment of Bid cost and Bid security.	:	Online
12.	Date of Lottery (If required)	:	To be intimated through e-mail after evaluation of Financial Bid

OIPR-32001/32090/1/26-27/0003



ଆରୋପ-ପ୍ରତ୍ୟାରୋପର ଘଟିଲା ଅନ୍ତ : ଗଞ୍ଜାମ ଗସ୍ତରେ ଯିବେ ନବୀନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ରାଜ୍ୟ ବିଧାନସଭାର ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଗସ୍ତ କରିବେ । ଜିଲ୍ଲାରେ ଘଟିଥିବା ପ୍ରଳୟଙ୍କାରୀ ବାତ୍ୟା ଓ ବନ୍ୟାର ତାଣ୍ଡବରେ ମାଟିରେ ମିଶିଯାଇଥିବା ଗଞ୍ଜାମ ବୁଲିବେ । ୭ ତାରିଖରେ ୪ଟି ବ୍ଲକ ବୁଲି ଲୋକମାନଙ୍କ ସହ କଥା ହେବେ । ଏହି ବ୍ଲକଗୁଡ଼ିକ ମଧ୍ୟରେ ରହିଛି ହିଞ୍ଜିଳି, ଶେରଗଡ଼, ଆସିକା, ସୋରଡ଼ା । ନବୀନ ପଟ୍ଟନାୟକ ନିଜ ବିଧାନସଭା ଓ ଲୋକସଭାର ଦୁର୍ଦ୍ଦିନରେ ଆସୁନଥିବା ଅଭିଯୋଗ କରି ବିଜେପି କଟାକ୍ଷ କରୁଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ମଧ୍ୟ ଉକ୍ତ ପ୍ରସଙ୍ଗରେ ଟାର୍ଗେଟ୍ କରିଥିଲେ । ଏହାସହ ଗଞ୍ଜାମରେ ନବୀନ ପଟ୍ଟନାୟକ ମିସିଂ ବୋଲି ପୋଷ୍ଟର ମଧ୍ୟ ଦେଖିବାକୁ ମିଳିଥିଲା ।

ପାର୍ବଣ ଋତୁ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ଅବଧି ବୃଦ୍ଧି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ପାର୍ବଣ ଋତୁ ସମୟରେ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ସମ୍ବଲପୁର-ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳ ଅବଧି ବୃଦ୍ଧି କରାଯାଇଛି । ଏଥିସହିତ ନଭେମ୍ବର ମାସର ନିର୍ଦ୍ଦିଷ୍ଟ ତାରିଖରେ ଭୁବନେଶ୍ୱର ଓ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରୁଥିବା ଚାରିଟି ତେଜସ୍ ରାଜଧାନୀ ଏକ୍ସପ୍ରେସରେ ଅତିରିକ୍ତ ଏସି ୩-ଟାୟାର କୋଚ ସଂଯୋଗ କରାଯିବ । ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର



ଟ୍ରେନ୍‌ଗୁଡ଼ିକ ଉଭୟ ଦିଗରୁ ଆଉ ଦୁଇଟି ଅତିରିକ୍ତ ଟ୍ରିପ୍ ସହ ଚଳାଚଳ କରିବ । ଏହାର ସମୟସୂଚୀ ନିମ୍ନରେ ଦିଆଗଲା । ୦୮୩୦୩ ସମ୍ବଲପୁର-ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍: ୦୪ ନଭେମ୍ବରରୁ ୧୮ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଦିନ ଚଳାଚଳ କରିବ । ୦୮୩୦୪ ସାନ୍ତ୍ରାଗାଛି-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍: ୦୫ ନଭେମ୍ବରରୁ ୧୯ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ଦିନ ଚଳାଚଳ କରିବ । ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ଏବଂ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ପାଇଁ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକରେ ନିର୍ଦ୍ଦିଷ୍ଟ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ ସାମୟିକ ଭାବେ ସଂଯୋଗ କରାଯିବ । ୨୦୮୧୭ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ : ୦୭ ନଭେମ୍ବର ୨୦୨୬। ୨୦୮୧୮ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍: ୦୮ ନଭେମ୍ବର ୨୦୨୬। ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍: ୧୦ ନଭେମ୍ବର ୨୦୨୬। ୨୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍: ୧୧ ନଭେମ୍ବର ୨୦୨୬। ଏହି ବ୍ୟବସ୍ଥାଗୁଡ଼ିକ ଯାତ୍ରୀମାନଙ୍କ ପାଇଁ, ପର୍ବପର୍ବାଣୀ ସମୟରେ ବିଶେଷକରି ଅଧିକ ଚାହିଦା ଥିବା ସମୟରେ, ଅଧିକ ଯାତ୍ରା ସୁବିଧା ଓ ଅତିରିକ୍ତ ସଂରକ୍ଷିତ କୋଚ ଉପଲବ୍ଧ କରାଇବ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସ୍ୱଚ୍ଛ ଶକ୍ତିରେ...

ଅଧିବେଶନ ଅନୁଷ୍ଠିତ ହୋଇଥିଲା।

ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଅକ୍ଷୟ ଶକ୍ତି, ଶକ୍ତି ସଂରକ୍ଷଣ, ଫ୍ଲୋଟିଂ ସୋଲାର, ପବନ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ସେ ଆଲୋକପାତ କରିବା ସହ ଏହି ସବୁ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୀତିଗତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ୫ଟି ବିଦ୍ୟୁତ୍ ରପ୍ତାନୀକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍ ମାପ୍ ଉପସ୍ଥାପନ କରିଥିଲେ। 'ଓଡ଼ିଶା ନିବେଶ ପାଇଁ ପ୍ରସ୍ତୁତ ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶକୁ ସ୍ୱାଗତ କରୁଛି' ବୋଲି ପ୍ରକାଶ କରି ସେ କହିଥିଲେ ଯେ, ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଥିଲେ।

ନିବେଶକମାନଙ୍କୁ ସ୍ୱଚ୍ଛ ଶକ୍ତିରେ ଓଡ଼ିଶାର ଭିଜନ ସମ୍ପର୍କରେ ବିସ୍ତୃତ ବିବରଣୀ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡ଼ିଶାରେ ୭ ହଜାର ମେଗାୱାଟର ଫ୍ଲୋଟିଙ୍ଗ୍ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ।

ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ-- ସ୍ଥିର ଓ ସ୍ୱଚ୍ଛ ନୀତି, ସିଙ୍ଗଲ୍‌ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। ଏହି ଅବସରରେ ସେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିଶନ୍ ନେଟୱାର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ।

ଓଡ଼ିଶାର ଅନୁକୂଳ ଶିଳ୍ପ ପରିବେଶ, ଅକ୍ଷୟ ଶକ୍ତିର ସମ୍ଭାବନା ସହ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ସ୍ୱଚ୍ଛ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରର ସାମ୍ପ୍ରତିକ ସଫଳତା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ, ବିଗତ ଗ୍ରୀଷ୍ମଋତୁରେ ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦାକୁ ବିନା କୌଣସି ପାୱାରକଟ୍‌ରେ ସଫଳତାର ସହ ପୂରଣ କରାଯାଇଛି। ଗୋପାଳପୁର ଓ ପାରାଦୀପଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ହବ୍ ପ୍ରତିଷ୍ଠା ସହ ପମ୍ପଡ୍ ଷ୍ଟୋରେଜ୍, ଫ୍ଲୋଟିଂ ସୋଲାର ଓ ପବନ ଶକ୍ତି କ୍ଷେତ୍ରରେ ରାଜ୍ୟ ଆଗେଇ ଚାଲିଛି।

କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ସୂଚନା ଦେଇଥିଲେ ଯେ, 'ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧୀନରେ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ରାଜ୍ୟରେ ୩,୬୪୧.୨୩ ମେଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପିତ ହୋଇସାରିଛି।

ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ରାଜ୍ୟର ନୀତିଗତ ଢାଞ୍ଚା, ପ୍ରକଳ୍ପ ଅନୁମୋଦନ ବ୍ୟବସ୍ଥା ଏବଂ ଶକ୍ତି ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ବିସ୍ତୃତ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ।ଏହି ସମ୍ମିଳନୀରେ ଏନ୍.ଏଲ୍.ସି. ଇଣ୍ଡିଆ, ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସ୍.ଇ.ଜେଡ୍., ଆଭାଡା ଗ୍ରୁପ୍, ଗ୍ରୀନକୋ ଗ୍ରୁପ୍, ଏକମେ ଗ୍ରୁପ୍, ଏଭ୍ରେନ୍ ଏବଂ ବ୍ରୁକଫିଲ୍ଡ ରିନିଉଏବଲ୍ସ ଭଳି ଦେଶ-ବିଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକର ସକ୍ରିୟ ଭାଗିଦାରୀ ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ର ପ୍ରତି ବିଶ୍ୱସ୍ତରୀୟ ଆଗ୍ରହକୁ ପ୍ରମାଣିତ କରୁଛି।

ଏହି ୧୮ଟି ଏମ୍ଓୟୁ ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗକୁ ଆଗକୁ ବଢ଼ାଇବା ଦିଗରେ ଏକ ମାଇଲଖୁଣ୍ଟ। ଏହି ସମ୍ମିଳନୀରେ ଅଂଶୀଦାର ରାଜ୍ୟ ଭାବେ ଯୋଗଦେଇ ଓଡ଼ିଶା ଏକ ସୁଦୃଢ଼ ସବୁଜ ଶକ୍ତି ପରିବେଶ ଗଠନ କରିବା ସହ ଦେଶର ଶକ୍ତି ରୂପାନ୍ତରଣ ଅଭିଯାନରେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛି।

ୟୁକ୍ରେନ ଉପରେ...

ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ପାଇଁ ଅନୁମତି ଦେଇଥିଲା। ଜେଲେନ୍ସ୍କି କହିଛନ୍ତି, "ଏକ ସମୟ ଥିଲା ଯେତେବେଳେ ଆହୁରି ପଦକ୍ଷେପ ନେଇ ଶାନ୍ତି ଦିଗରେ ଅଗ୍ରଗତି ସମ୍ଭବ ବୋଲି ଦେଖାଇ ପାରିଥାନ୍ତା। କିନ୍ତୁ ଏହି ହତ୍ୟାକାଣ୍ଡ ସହିତ, ଋଷ ସମ୍ପୂର୍ଣ୍ଣ ବିପରୀତ ସଙ୍କେତ ପଠାଉଛି: ରୁଷ ଅଧିକ ହତ୍ୟା କରିବାକୁ ଇଚ୍ଛୁକ।"

ନିର୍ବାଚନକୁ ...

ଆଜିର ନୁହେଁ । ୧୯୬୮ ମସିହାରେ ତତ୍କାଳୀନ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୧୦ରେ ମାମଲାରେ ପରାଜୟ ହୋଇଥିବା ବେଳେ ୨୦୨୧ରେ ପୂର୍ବ ସରକାରଙ୍କ ପକ୍ଷରୁ ଅଦାଲତଙ୍କ ନିର୍ଦ୍ଦେଶ ଅବମାନନା ନେଇ ଆବେଦନ କରାଯାଇଥିଲା । ଏବେ ନୂଆ ସରକାର ମଧ୍ୟ ଆଉ ଏକ କଣ୍ଟେମ୍ପ୍ଟ ପିଟିସନ୍ ଦାଖଲ କରିଛନ୍ତି ।

ଆନ୍ଧ୍ରର ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ହୋଇଛି । ଆନ୍ଧ୍ରର ଏଭଳି ଉଦ୍ୟମ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିଛି ବୋଲି କହିବା ସହ ଆଇନଗତ ଲଢ଼େଇକୁ ଆଗକୁ ନେବା ପାଇଁ ଆଇନଜୀବୀଙ୍କ ପରାମର୍ଶ ନିଆଯାଉଥିବା କହିଛନ୍ତି ମନ୍ତ୍ରୀ ।

କୋରାପୁଟ ଜିଲ୍ଲା କୋଟିଆ ପଞ୍ଚାୟତର ନେରେଡ଼ିବାଲସା ଚେକ୍ ପୋଷ୍ଟରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ପୁଲିସ ମଧ୍ୟରେ ହୋଇଥିବା ମୁହାଁମୁହିଁ ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି, କୋଟିଆର ସୁରକ୍ଷା ଓ ଓଡ଼ିଶାର ସ୍ୱାଭିମାନ ରକ୍ଷା ପାଇଁ କଂଗ୍ରେସ ରାଜ୍ୟବାସୀଙ୍କ ସହ ଦୃଢ଼ ଭାବେ ରହିଛି।

ଓଡ଼ିଶା ପୁଲିସ ଓ ସ୍ଥାନୀୟ ଅଧିକାରୀଙ୍କ କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରି ଶ୍ରୀ ଦାସ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଓଡ଼ିଶା ସୀମାରେ ବେଆଇନ ଅନୁପ୍ରବେଶ ଓ ଜୋରଜବରଦସ୍ତ କ୍ୟାମ୍ପ ସ୍ଥାପନରୁ ବିରତ ରହିବାକୁ ଆହ୍ୱାନ ଦେଇଛନ୍ତି। ଦୁଇ ରାଜ୍ୟର ପୁଲିସ ମଧ୍ୟରେ ସଂଘର୍ଷ ସୀମାନ୍ତ ଅଂଚଳର ଆଦିବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ୨୦୦୬ ମସିହାର ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଆଧାର କରି କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ପକ୍ଷ ରଖନ୍ତୁ ବୋଲି ସେ ଦାବି କରିଛନ୍ତି। ଏଥିସହ ଆନ୍ଧ୍ରପ୍ରଦେଶର ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବାକୁ କୋଟିଆବାସୀଙ୍କୁ ନିବେଦନ କରିଛନ୍ତି।

ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ସହ କୋଟିଆବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ...

ମୁକାବିଲା ବାହିନୀ (ଏନଡିଆରଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏସଡିଆରଏଫ)ର ଟିମଗୁଡ଼ିକ ପୂର୍ବରୁ ହିଁ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇଛନ୍ତି। ଏହି ଟିମଗୁଡ଼ିକ ସେଠାରେ ତତ୍ପରତାର ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ବାତ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଉଛନ୍ତି। ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ସରକାର ଦୃଢ଼ ସଂକଳ୍ପର ସହ ଆନ୍ଧ୍ରପ୍ରଦେଶବାସୀଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହୋଇଛନ୍ତି ବୋଲି ଅମିତ ଶାହ ସ୍ପଷ୍ଟ କରିଛନ୍ତି।

ବାତ୍ୟା କ୍ଷୟକ୍ଷତି ...

ଉପସ୍ଥିତ ରହି ସହାୟତା କରୁଛନ୍ତି । ପ୍ରଭାବିତ ଜିଲ୍ଲାଗୁଡିକରେ ବିଦ୍ୟାଳୟ ପ୍ରାୟ ବନ୍ଦ ଅଛି ଏବଂ ପରିସ୍ଥିତି ଦେଖି ଜିଲ୍ଲା ପ୍ରଶାସନ ଦ୍ୱାରା ଖୋଲା ଯିବାର ନିଷ୍ପତ୍ତି ନିଆଯିବ ।

ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ଯେ, ଅର୍ଣ୍ଣବ ପାଇଁ ବାସଗୃହ, ଚାଷଜମି, ବ୍ୟବସାୟ ଆଦି କ୍ଷୟକ୍ଷତି ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ୟାକେଜ ଘୋଷଣା କରିଛନ୍ତି। ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଶକ୍ତି ବିଭାଗ, ଜଳସମ୍ପଦ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଭିତ୍ତିଭୂମିର ମରାମତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପ୍ରଭାବିତ ଜିଲ୍ଲାରେ କ୍ଷୟକ୍ଷତି ଆକଳନ, ପ୍ରଭାବିତ ହିତାଧିକାରୀଙ୍କ ପାଖେ କ୍ଷତିପୂରଣ ପ୍ୟାକେଜ୍ ପହଞ୍ଚାଇବା ସୁନିଶ୍ଚିତ କରିବା, ଭିତ୍ତିଭୂମି ମରାମତି ତ୍ୱରାନ୍ୱିତ କରିବା ଏବଂ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ନିମନ୍ତେ ୪ ଜଣ ଆଇଏଏସ ଅଧିକାରୀଙ୍କୁ ଅତିରିକ୍ତ ସ୍ପେଶାଲ୍ ରିଲିଫ୍ କମିଶନର ଭାବେ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରି ଅବସ୍ଥାପିତ କରାଯାଇଛି।

ଗଜପତି ଜିଲ୍ଲାରେ ୨୦୨୪ ବ୍ୟାଚ୍ ଆଇଏଏସ୍ ଅଫିସର ପଥ୍ୱନ କୁମାର, ଗଞ୍ଜାମ ଜିଲ୍ଲାରେ ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର୍ ଅଜିତ କୁମାର, ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ତେଜସ୍ୱିନୀ ବେହେରା ଏବଂ କନ୍ଧମାଳ ଜିଲ୍ଲାରେ ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ଶିବ ମାଲବ୍ୟଙ୍କୁ ଅବସ୍ଥାପିତ ହୋଇଛନ୍ତି ।

ସେହିପରି ମଙ୍ଗଳବାର ଅନୁଧ୍ୟାନ ନିମନ୍ତେ ଆସିଥିବା କେନ୍ଦ୍ରୀୟ ଟିମ୍ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିଥିବା ବେଳେ ବୁଧବାର ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ଆକଳନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଜିଲ୍ଲାମାନଙ୍କରେ ଜିଲ୍ଲାପାଳ ମାନେ କେନ୍ଦ୍ରୀୟ ଟିମର ପରିଦର୍ଶନ ସ୍ଥଳ ସ୍ଥିର କରି ସେମାନଙ୍କୁ ସହାୟତା କରୁଛନ୍ତି । ଇତିମଧ୍ୟରେ ପ୍ରାଥମିକ କ୍ଷୟକ୍ଷତି ଆକଳନ ରିପୋର୍ଟ କରି ପଠାଇବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରେ ଚୂଡ଼ାନ୍ତ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇ କେନ୍ଦ୍ର ନିକଟରେ ଦାଖଲ କରାଯିବ। ପ୍ରଭାବିତ ଜନସାଧାରଣଙ୍କ ସହିତ ରାଜ୍ୟସରକାର ସମ୍ପୂର୍ଣ୍ଣ ଭାବେ ଅଛନ୍ତି ଏବଂ ସେମାନଙ୍କ ପାଖେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ନିରନ୍ତର ଉଦ୍ୟମରତ ଅଛନ୍ତି ।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ପେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ ଏବଂ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ବାତ୍ୟା ମୁରାସୁ'ର ...

ରୁମ ନଜର ରଖିଛି। ଗଞ୍ଜାମ ଏବଂ ଗଜପତିରେ ପୁନଃରୁଦ୍ଧାର କାମ ଚାଲିଛି। ଯେଉଁ ପ୍ୟାକେଜ ଘୋଷଣା ହୋଇଥିଲା ବଣ୍ଟନ ଆରମ୍ଭ ହୋଇଛି । ଭୂସ୍ଖଳନ ସ୍ଥାନରେ ବର୍ଷା ଯୋଗୁଁ ବନ୍ଦ ହୋଇଥିଲା ପୁଣି ସକାଳୁ ଆରମ୍ଭ ହୋଇଛି । କେନ୍ଦ୍ରୀୟ ଟିମ ମଙ୍ଗଳବାର ଗଜପତି ବୁଲିଛନ୍ତି। କାଲି ଗଞ୍ଜାମ ବୁଲିବା ପରେ ବୈଠକ ରହିଛି ବୋଲି ସେ କହିଛନ୍ତି ।

ନିର୍ଦ୍ଦିଷ୍ଟ କୃତ୍ରିମ...


ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରଟି ଉଭୟ ଦିନ ଓ ରାତିରେ ସମାନ ଦକ୍ଷତାର ସହ କାର୍ଯ୍ୟ କରିବାକୁ ସକ୍ଷମ। ଏହାର ଉନ୍ନତ ନାଭିଗେସନ୍ ସିଷ୍ଟମ୍ ଏବଂ ଶକ୍ତିଶାଳୀ ୱାରହେଡ୍ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖିଛି। ଆଜିର ଏହି ପରୀକ୍ଷଣ ସଫଳତା ସହ ଭାରତୀୟ ସେନାର ପ୍ରତିରକ୍ଷା ବଳ ଆହୁରି ମଜଭୁତ ହୋଇଛି। ପରୀକ୍ଷଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଚାରିପାଖ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଲଞ୍ଚପ୍ୟାଡର ନିର୍ଦ୍ଧାରିତ ପରିସୀମା ମଧ୍ୟରେ ଥିବା ଗ୍ରାମବାସୀଙ୍କୁ ଅସ୍ଥାୟୀ ଭାବେ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କ ପ୍ରବେଶ ଉପରେ ସାମୟିକ କଟକଣା ଜାରି କରାଯାଇଥିଲା। ସଫଳ ଉତକ୍ଷେପଣ ପରେ ସମସ୍ତ ଗ୍ରାମବାସୀ ନିଜ ନିଜ ଘରକୁ ଫେରିଛନ୍ତି। ଡିଆରଡିଓର ଏହି ଐତିହାସିକ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ତଥା ବରିଷ୍ଠ ଅଧିକାରୀମାନେ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ବୈଜ୍ଞାନିକ ଓ ବୈଷୟିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

ଖୋରଧା ସିରିଜ ଲୁଟ ଘଟଣାର ପର୍ଦ୍ଦାଫାସ : ୧୨ ଗିରଫ

ଖୋରଧା, ନ୍ୟୁଜ ବ୍ୟୁରୋ
ଦୁଇ ମାସ ଧରି ବାଣପୁର, ବାଲୁଗାଁ, ଟାଙ୍ଗୀ ଓ ନାଚୁଣୀ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ସିରିଜ ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ଖୋରଧା ପୋଲିସ। ସୁନା ଓ ରୁପା ଅଳଙ୍କାର ଲୁଟ ଘଟଣାରେ ୧୨ ଜଣଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଅଳଙ୍କାର ଜବତ କରାଯାଇଛି । ଖୋରଧା ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସଙ୍କ ନିର୍ଦ୍ଦେଶରେ ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା । ଦୀର୍ଘ ଦୁଇ ମାସ ଧରି ଚାଲିଥିବା ଲୁଟ୍ ଘଟଣାର ତଦନ୍ତ ପରେ ଏହି ସଫଳତା ମିଳିଥିବା ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଏସପି ସୂଚନା ଦେଇଛନ୍ତି । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୫୦୦ ଗ୍ରାମ୍ ସୁନା ଅଳଙ୍କାର ଓ ୧୧ କେଜି ରୁପା ଅଳଙ୍କାର ଜବତ କରିଛି । ଜବତ ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ ହାର, ଚେନ, କାନଫୁଲ, ଚୁଡ଼ି ଓ ମୁଦି ରହିଛି । ସେହିପରି ରୁପା ଅଳଙ୍କାର ମଧ୍ୟରେ ଗୋଡ଼ ପାଉଁଜି, ଝୁଣ୍ଟିଆ, ରୂପା ଥାଳିଆ ଓ ଗ୍ଲାସ ଆଦି ରହିଛି । ଗିରଫ ୧୨ ଅଭିଯୁକ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ୩ ଜଣ, ଖୋରଧା ଜିଲ୍ଲାର ୮ ଜଣ ଓ ପୁରୀ ଜିଲ୍ଲାର ଜଣେ ରହିଛନ୍ତି । ଏହି ଲୁଟ ଘଟଣାରେ ଅଭିଯୁକ୍ତମାନଙ୍କର ପୂର୍ବରୁ ଅପରାଧିକ ମାମଲା ରହିଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି । ବିଭିନ୍ନ ଥାନା ଅଞ୍ଚଳରେ ଲଗାତାର ଲୁଟ୍ ଘଟଣା ପରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଅପରାଧୀଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି ।

ସତ୍ୟନିଷ୍ଠ ସାମ୍ବାଦିକ ଭାବେ ଅରୁଣ ଦାଶ ପରିଚିତ ଥିଲେ

ଭୁବନେଶ୍ୱର, ୩/୧୧
ନ୍ୟୁଜ ବ୍ୟୁରୋ
ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣ କୁମାର ଦାଶଙ୍କ ବିୟୋଗରେ ମଙ୍ଗଳବାର ଲୋକସେବା ଭବନସ୍ଥିତ ପ୍ରେସ୍‌ଲାଉଞ୍ଜଠାରେ ଏକ ସ୍ମୃତିଚାରଣ ସଭା ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଣେ ସତ୍ୟନିଷ୍ଠ, ସ୍ୱାଭିମାନୀ ସାମ୍ବାଦିକ ଭାବେ ସ୍ୱର୍ଗତ ଅରୁଣ ଦାଶ ତାଙ୍କର ଉଚ୍ଚମାନର ସ୍ତମ୍ଭଲେଖା ପାଇଁ ସବୁ ମହଲରେ ପରିଚିତ ଥିଲେ। ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତୀ ଲାଭ କରିଥିବା ସ୍ୱର୍ଗତ ଦାଶ 'ସମ୍ବାଦ'ରୁ ତାଙ୍କର ସାମ୍ବାଦିକତା ଜୀବନ ଆରମ୍ଭ କରି ବିଭିନ୍ନ ଦୈନିକ ଖବରକାଗଜ ସକାଳ, ନିତିଦିନ, ସମୟ, ପର୍ଯ୍ୟବେକ୍ଷକ, ଯୁଗବାର୍ତ୍ତା,



ଦିନଲିପି, ଇପିଏ ସାପ୍ତାହିକ, ନ୍ୟାୟବତୀରେ ସାମ୍ବାଦିକତା କରି ଆସୁଥିଲେ। ବିଭିନ୍ନ ସମସ୍ୟା ସତ୍ତ୍ୱେ ସେ ନିଛକ ସାମ୍ବାଦିକତାରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାମ କରି ସୁନାମ ହାସଲ କରିଥିବାରୁ ତାଙ୍କ ସ୍ମୃତିଚାରଣ ସଭାରେ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ୱର୍ଗତ ଦାଶଙ୍କୁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ତରଫରୁ ଆର୍ଥିକ ସହାୟତା ପ୍ରଦାନ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ସାହାଯ୍ୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସ୍ମୃତିଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିବେକାନନ୍ଦ ଜେନା, ହୃଷିକେଶ ମହାନ୍ତି, ପାର୍ଥସାରଥୀ ଜେନା, ସଞ୍ଜୟ ପ୍ରଧାନ, ଦେବକାନ୍ତ ମହାପାତ୍ର, ପ୍ରିୟ ରଞ୍ଜନ ସାହୁ, ମାଧବ ବେହୁରା, କିଶୋର ମଙ୍ଗରାଜ, ଉମେଶ ରାୟ, ସ୍ୱରୂପ ଦାସ, ସୁକାନ୍ତ ମହାନ୍ତି, କିଶୋର ଜେନା, ସ୍ୱରୂପ ମହାନ୍ତି, ସର୍ବେଶ୍ୱର ବର୍ଦ୍ଧନ, ସୂର୍ଯ୍ୟକାନ୍ତି ନାୟକ, ସୁରେଶ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ।

ପ୍ରଫେସର ଅଶୋକ ମହାପାତ୍ରଙ୍କ ବିୟୋଗରେ ଶ୍ରୀଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ଶୋକ ସଭା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମଙ୍ଗଳବାର ଦିନ ବରିଷ୍ଠ ଖ୍ୟାତନାମା ନ୍ୟୁରୋ ସର୍ଜନ ତଥା ଏ.ଆଇ.ଆଇ.ଏମ୍‌ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ପ୍ରଫେସର ଅଶୋକ ମହାପାତ୍ରଙ୍କ ବିୟୋଗର ଦୁଃଖଦ ସମାଚାରରେ ଶ୍ରୀଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ଏକ ଶୋକସଭା ପାଳିତ ହୋଇଯାଇଛି। ଉକ୍ତ କଲେଜରେ ଜି.ବି. ମେମ୍ବର ଭାବରେ ମଧ୍ୟ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିଲା। ଏହା ସହିତ ପି.ସି.ଆଇର ପୂର୍ବତନ ପ୍ରେସିଡେଣ୍ଟ, ଫାର୍ମାସୀ ପାଠ୍ୟକ୍ରମର ଜଣେ ବିଶିଷ୍ଟ ଶିକ୍ଷାବିତ୍ ତଥା ଫାର୍ମାକଗ୍ନୋସି ପୁସ୍ତକର ରଚୟିତା ପ୍ରଫେସର ସି.କେ. କୋକାଟେଙ୍କ ଦେହାବସାନର ଅବସରରେ ତାଙ୍କର ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି।

ଏନ୍‌ସିଇଆରଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନୀଙ୍କ ଆରଆଇଇ ପରିଦର୍ଶନ

ଶୈକ୍ଷିକ ପଦକ୍ଷେପ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆରଟି)ର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନୀ ଏକ ଦୁଇଦିନିଆ ଗସ୍ତରେ ଏନ୍‌ସିଇଆରଟିର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆରଆଇଇ), ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ଅବସରରେ ସେ ବିଭିନ୍ନ ଅନୁଷ୍ଠାନିକ, ଶୈକ୍ଷିକ ଓ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଅଧ୍ୟାପକ, ଅଣଶୈକ୍ଷିକ କର୍ମଚାରୀ ଏବଂ ପିଏମ୍ ଶ୍ରୀ ପ୍ରାୟୋଗିକ ବହୁମୁଖୀ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ପ୍ରତିଷ୍ଠାନରେ ଚାଲୁ ରହିଥିବା ଭିତ୍ତିଭୂମି ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା ଓ ମାର୍ଗଦର୍ଶନ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀକୁ ସ୍ମରଣ କରି ପ୍ରଫେସର ସକଲାନୀ ସ୍ୱଚ୍ଛତା ଫ୍ରିଡମ୍ ରନ୍ ୭.୦ ଏବଂ ରନ୍ ଫର୍ ୟୁନିଟିର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକ ଜାତୀୟ ଏକତା, ଅଖଣ୍ଡତା, ସ୍ୱଚ୍ଛତା, ଶାରୀରିକ ସୁସ୍ଥତା ଓ ସାମୂହିକ ଦାୟିତ୍ୱବୋଧର ଗୁରୁତ୍ୱକୁ ପ୍ରତିପାଦିତ କରିଥିଲା। ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ପ୍ରତି ଏନ୍‌ସିଇଆରଟିର ପ୍ରତିବଦ୍ଧତାର ପ୍ରତୀକ ସ୍ୱରୂପ ସେ ପ୍ରତିଷ୍ଠାନ ପରିସରରେ ଏକ ଚାରା ରୋପଣ କରିଥିଲେ। ପ୍ରତିଷ୍ଠାନର ଅଧ୍ୟାପକମାନଙ୍କ ସହ ଏକ ଶୈକ୍ଷିକ ଆଲୋଚନା ସମୟରେ ପ୍ରଫେସର ସକଲାନୀ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦, ଜାତୀୟ ମୌଳିକ ଶିକ୍ଷା ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍-ଏଫ୍‌ଏସ୍) ୨୦୨୨ ଏବଂ ଜାତୀୟ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍‌ଏସ୍‌ଇ) ୨୦୨୩ର ଦୃଷ୍ଟିକୋଣ ଓ ସୁପାରିସଗୁଡ଼ିକୁ ପ୍ରଭାବଶାଳୀ ଶୈକ୍ଷିକ କାର୍ଯ୍ୟଧାରାରେ ରୂପାନ୍ତରିତ କରିବାରେ ଅଧ୍ୟାପକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜୋର ଦେଇଥିଲେ। ଏନ୍‌ଇପି ୨୦୨୦ର କାର୍ଯ୍ୟକାରିତାକୁ ଆଗେଇ ନେବା ଦିଗରେ ଅଧ୍ୟାପକମାନେ ଅନୁଷ୍ଠାନିକ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆରଆଇଇ ଭୁବନେଶ୍ୱରର ପିଏମ୍ ଶ୍ରୀ ପ୍ରାୟୋଗିକ ବହୁମୁଖୀ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା କରିବା



ସମୟରେ ନିର୍ଦ୍ଦେଶକ ଏନ୍‌ଇପି ୨୦୨୦ ଓ ଏନ୍‌ସିଏଫ୍‌ଏସ୍‌ଇ ୨୦୨୩ର ଦୃଷ୍ଟିକୋଣକୁ ଶ୍ରେଣୀକକ୍ଷରେ ପ୍ରଭାବଶାଳୀ ଶିକ୍ଷଣ ଅଭ୍ୟାସରେ ରୂପାନ୍ତରିତ କରିବାରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏନ୍‌ଇପି ୨୦୨୦ ଅନୁରୂପ ପାଠ୍ୟପୁସ୍ତକ ଓ ଶିକ୍ଷଣ-ଶିକ୍ଷାଦାନ ସାମଗ୍ରୀର ସାର୍ଥକ ସମନ୍ୱୟ ସହିତ ନବସୃଜନମୂଳକ, ଅନୁଭୂତିଭିତ୍ତିକ ଓ ଦକ୍ଷତାଭିତ୍ତିକ ଶିକ୍ଷଣ ପଦ୍ଧତି ଅବଲମ୍ବନ କରି ଶ୍ରେଣୀକକ୍ଷ ଶିକ୍ଷାଦାନକୁ ଅଧିକ ଶିକ୍ଷାର୍ଥୀକୈନ୍ଦ୍ରିକ ଓ ପ୍ରଭାବଶାଳୀ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହାପରେ ପ୍ରଫେସର ସକଲାନୀ କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ (ସିପିଡବ୍ଲ୍ୟୁଡି)ର ଅଧିକାରୀମାନଙ୍କ ସହ ଏକ ବୈଠକ କରି ପ୍ରତିଷ୍ଠାନରେ ଚାଲୁ ରହିଥିବା ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ସେ ନିର୍ମାଣାଧୀନ ସ୍ଥଳଗୁଡ଼ିକ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆଲୋଚନା ବୈଠକଗୁଡ଼ିକର ପ୍ରାରମ୍ଭରେ ଆରଆଇଇ ଭୁବନେଶ୍ୱରର ଭାରପ୍ରାପ୍ତ ପ୍ରାଚାର୍ଯ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ସହ ଏନ୍‌ସିଇଆରଟି ଏବଂ ଏହାର ଅଧୀନସ୍ଥ ପ୍ରତିଷ୍ଠାନଗୁଡ଼ିକର ଶୈକ୍ଷିକ ପରିବେଶକୁ ସୁଦୃଢ଼ କରିବାରେ ତାଙ୍କର ମାର୍ଗଦର୍ଶନ ଓ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ସିଆଇଇଟି ଯୁଗ୍ମନିର୍ଦ୍ଦେଶକ ପ୍ରଫେସର ଅମରେନ୍ଦ୍ର ପ୍ରସାଦ ବେହେରା, ପ୍ରଫେସର ରୀତାଞ୍ଜଳି ଦାସ ଏବଂ ସମସ୍ତ ବିଭାଗ ମୁଖ୍ୟ, ପିଏମ୍ ଶ୍ରୀ ପ୍ରାୟୋଗିକ ବହୁମୁଖୀ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଶାସନିକ ଅଧିକାରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ବ୍ୟାଙ୍କ୍ ଅଫ୍ ବରୋଦା ଦ୍ୱାରା ତ୍ରୈମାସିକ ନିଟ୍ ଲାଭ ୩୫.୮ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ବ୍ୟାଙ୍କ୍ ଅଫ୍ ବରୋଦା ୩୦ ସେପ୍ଟେମ୍ବର ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରିଛି। ବ୍ୟାଙ୍କ୍ ନିଜର ସର୍ବକାଳୀନ ସର୍ବାଧିକ ତ୍ରୈମାସିକ ନିଟ୍ ଲାଭ ୬,୫୩୨ କୋଟି ହାସଲ କରିଛି, ଯାହା ବାର୍ଷିକ ଆଧାରରେ ୩୫.୮ ପ୍ରତିଶତ ବୃଦ୍ଧି ଦର୍ଶାଉଛି। ଏଥିସହିତ ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ ବ୍ୟାଙ୍କର ନିଟ୍ ଲାଭ ୭,୮୧୦ କୋଟି ଟଙ୍କାରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କର ନିଟ୍ ସୁଧ ଆୟ (ଏନଆଇଆଇ) ବାର୍ଷିକ ୯.୦ ପ୍ରତିଶତ ବୃଦ୍ଧି ପାଇ ୧୩,୦୨୬ କୋଟି ଟଙ୍କା ହୋଇଛି, ଯାହାଫଳରେ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ ମୋଟ ଏନଆଇଆଇ ବାର୍ଷିକ ଆଧାରରେ ୯.୨ ପ୍ରତିଶତ ବୃଦ୍ଧି ସହ ୨୫,୫୫୧ କୋଟିରେ ପହଞ୍ଚିଛି। ଅଣ-ସୁଧ ଆୟ ଚଳିତ ତ୍ରୈମାସିକରେ ୯୫.୮ ପ୍ରତିଶତ ବୃଦ୍ଧି ପାଇ ୬,୮୮୧ କୋଟି ଟଙ୍କା ହୋଇଛି, ଫଳରେ ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ ଅଣ-ସୁଧ ଆୟ ବାର୍ଷିକ ଆଧାରରେ ୨୬.୪ ପ୍ରତିଶତ ସହ ୧୦,୩୫୧ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସିକରେ ବ୍ୟାଙ୍କର ମୋଟ ପରିଚାଳନା ଆୟ ୨୮.୭ ପ୍ରତିଶତ ବୃଦ୍ଧି ପାଇ ୧୯,୯୦୭ କୋଟି ଟଙ୍କା ହୋଇଥିବା ବେଳେ ପରିଚାଳନା ଖର୍ଚ୍ଚ ୭.୪ ପ୍ରତିଶତ ବୃଦ୍ଧି ପାଇ ୮,୪୭୭ କୋଟି ଟଙ୍କା ହୋଇଛି। ଏହାଫଳରେ ବ୍ୟାଙ୍କ୍ ବାର୍ଷିକ ଆଧାରରେ ୫୦.୯ ପ୍ରତିଶତ ବୃଦ୍ଧି ସହ ୧୧,୪୩୦ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ତ୍ରୈମାସିକ ପରିଚାଳନା ଲାଭ ହାସଲ କରିଛି, ଯାହା ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ (ବାର୍ଷିକ ଆଧାରରେ ୨୩.୭ ପ୍ରତିଶତ ବୃଦ୍ଧି ସହ) ମୋଟ ୧୯,୫୫୭ କୋଟି ଟଙ୍କା ରହିଛି। ଆସେଟ୍ ଉପରେ ରିଟର୍ନ୍ (ଆରଓଏ) ଏହି ତ୍ରୈମାସିକରେ ୧୯ ବେସିସ୍ ପଏଣ୍ଟ ବୃଦ୍ଧି ପାଇ ୧.୨୬ ପ୍ରତିଶତ ହୋଇଛି, ଏଥିସହିତ ଆସେଟ୍ ଉପରେ ରିଟର୍ନ୍ ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ ୦.୭୫ ପ୍ରତିଶତ ହୋଇଛି ଏବଂ ଏହି ତ୍ରୈମାସିକରେ ଇକ୍ୱିଟି ଉପରେ ରିଟର୍ନ୍ (ଆରଓଇ) ୩୬୩ ବେସିସ୍ ପଏଣ୍ଟ ବୃଦ୍ଧି ପାଇ ୧୯.୨୮ ପ୍ରତିଶତରେ ପହଞ୍ଚିଛି, ଏଥିସହିତ ଇକ୍ୱିଟି ଉପରେ ରିଟର୍ନ୍ ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ ୧୧.୬୩ ପ୍ରତିଶତ ହୋଇଛି । ଗ୍ଲୋବାଲ୍ ନିଟ୍ ସୁଧ ମାର୍ଜିନ୍ (ଏନଆଇଏମ୍) ଆର୍ଥିକ ବର୍ଷ ୨୦୨୬- ୨୭ର ଦ୍ୱିତୀୟ ତ୍ରୈମାସିକ ପାଇଁ ୨.୭୪ ପ୍ରତିଶତ ଏବଂ ଯାହା ପ୍ରଥମ ଅର୍ଦ୍ଧବାର୍ଷିକ ପାଇଁ ପାଇଁ ୨.୭୬ ପ୍ରତିଶତ ରହିଛି।

ସ୍ଥାନୀୟ ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ସମ୍ବଲପୁର ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣ୍ଡିସ ବ୍ୟାପୀ ଶତାଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ ହେବା ଓ ଏହାମଧ୍ୟରୁ କିଛି ଛାତ୍ର ଗୁରୁତର ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ଖବର ଉପରେ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ଦାବି ଜଣାଇଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ସମ୍ବଲପୁର ସ୍ଥିତ ବୈଦିକ ଶିକ୍ଷା ଅନୁଷ୍ଠାନରେ କିଛି ଦିନ ତଳେ ଜଣ୍ଡିସ ବ୍ୟାପୀ ଏଥିରେ ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ପିଲା ଆକ୍ରାନ୍ତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି । ଆକ୍ରାନ୍ତ ହୋଇଥିବା ପିଲା ମାନଙ୍କ ଭିତରୁ କିଛି ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ପରେ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି ବୋଲି ସେମାନଙ୍କ ଅଭିଭାବକ ମାନେ ଜଣାଇଛନ୍ତି । ଏତେ ଅଧିକ ସଂଖ୍ୟାରେ ଗୋଟିଏ ଶିକ୍ଷାନୁଷ୍ଠାନର ପିଲା ମାନେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେବା ଏକ ଗୁରୁତର ଘଟଣା ଓ ପାଣି ଜନିତ ସମସ୍ୟାରୁ ଏହି ରୋଗ ବ୍ୟାପୁଥିବା କୁହାଯାଉଛି । ଜଣ୍ଡିସ ବ୍ୟାପିବା ନିୟନ୍ତ୍ରଣ ହୋଇ ନପାରିବାରୁ ଗତ ୨୯ ତାରିଖରେ ଛାତ୍ରଛାତ୍ରୀ ମାନଙ୍କୁ ହଷ୍ଟେଲରୁ ବାହାର କରି ଦିଆଯାଇଛି । ନିଃସନ୍ଦେହରେ, ଶିକ୍ଷାନୁଷ୍ଠାନର ରକ୍ଷଣାବେକ୍ଷଣ ଅଭାବରୁ ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି ଅନୁମାନ କରାଯାଉଛି । ପ୍ରଶାସନ ଦ୍ୱାରା ଅନୁଷ୍ଠାନରେ ବ୍ୟବହୃତ ହେଉଥିବା ପାଣିର ନମୂନା ସଂଗ୍ରହ କରି ଏହାର ପରୀକ୍ଷା କରାଯାଇଛି ।

ଭୁବନେଶ୍ୱର, ୪ ନଭେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ

ପୁରୀ, ୩/୧୧ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ଭିତରେ ଧୁକୁଡ଼ି ଦ୍ୱାର ନିକଟରେ ଜଣେ ଭକ୍ତ ବାନ୍ତି କରିଦେବାରୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଏହା ଫଳରେ ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହି ଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଧୁକୁଡ଼ି ଦ୍ୱାର ନିକଟରେ ଜଣେ ଭକ୍ତ ଅସୁସ୍ଥ ହୋଇ ବାନ୍ତି କରିଦେଇଥିଲେ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମନ୍ଦିର ଭିତରେ ବାନ୍ତି, ଛେପ ପଡିଲେ ତାହା ଅଶୌଚ ବୋଲି ବିବେଚନା କରାଯାଏ ଓ ତୁରନ୍ତ ମହାସ୍ନାନ କରାଯାଇଥାଏ। ତେଣୁ ଶାସ୍ତ୍ର ଅନୁଯାୟୀ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ସମ୍ପନ୍ନ ହୋଇଛି। ମହାସ୍ନାନ ଶେଷ ହେବା ଯାଏଁ ଭକ୍ତମାନଙ୍କ ଦର୍ଶନ ବନ୍ଦ ରହିଥିଲା।

୭ ଦିନରେ ମହାପ୍ରଭୁଙ୍କ ଖାତାକୁ ଫେରିଲା ୮୩ ଏକର ଜମି

ପୁରୀ, ୩/୧୧ ନ୍ୟୁଜ ବ୍ୟୁରୋ



ମହାପ୍ରଭୁଙ୍କ ସମ୍ପତ୍ତି ଫେରାଇ ଆଣିବାକୁ ଜୋରଦାର ପ୍ରୟାସ ଜାରି ରହିଛି। ଗୋଟିଏ ପରେ ଗୋଟିଏ ମୂଲ୍ୟବାନ ଜମି ଫେରୁଛି ଶ୍ରୀମନ୍ଦିର ଖାତାକୁ। ତାଳବଣିଆ, ସମଙ୍ଗ ଓ କୋଣାର୍କ ପରେ ଏବେ ପୁରୀ ଶଙ୍କରପୁରର ୨୮ ଏକରରୁ ଅଧିକ ଜମି ଉପରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାର ରହିଛି। ୪୫୦ କୋଟି ଟଙ୍କାର ଏହି ଜମିରେ ପୋତାଯାଇଛି ନାଲି ପତାକା। ତେବେ ଦୀର୍ଘବର୍ଷ ଧରି ଜମି ଦଖଲରେ ଥିବା ଲୋକଙ୍କ ସ୍ୱତ୍ୱାଧିକାରକୁ ନେଇ ମଧ୍ୟ ଉଠିଛି ପ୍ରଶ୍ନ। ମହାପ୍ରଭୁଙ୍କ ସମ୍ପତ୍ତି ଫେରାଇ ଆଣିବା ଅଭିଯାନରେ ବଡ଼ ସଫଳତା ମିଳିଛି। ଶ୍ରୀମନ୍ଦିର ଖାତାକୁ ଫେରୁଛି ଗୋଟିଏ ପରେ ଗୋଟିଏ ମୂଲ୍ୟବାନ ଜମି। ଏବେ ପୁରୀ ଶଙ୍କରପୁର ମୌଜାରେ ଥିବା ୪୫୦ କୋଟି ଟଙ୍କା ମୂଲ୍ୟର ୨୮ ଏକର ୮୪ ଡେସିମିଲ ଜମି ଶ୍ରୀମନ୍ଦିର ନାଁକୁ ଫେରିଛି। ଏହି ଜମି ଉତ୍ତର ପାର୍ଶ୍ୱ ମଠ ଦଖଲରେ ଥିବା ବେଳେ ଏବେ ଏହା ଉପରେ ନାଲି ପତାକା ପୋତିଛି ଶ୍ରୀମନ୍ଦିର ପ୍ରଶାସନ। ଚକବନ୍ଦୀ କମିଶନରଙ୍କ କୋର୍ଟରେ ଗୋଟିଏ ପରେ ଗୋଟିଏ ରାୟ ଶ୍ରୀମନ୍ଦିର ସପକ୍ଷରେ ଯାଉଛି। ଗତ ୭ ଦିନ ମଧ୍ୟରେ ଅନ୍ୟ ବ୍ୟକ୍ତିଙ୍କ ଦଖଲରେ ଥିବା ୮୩ ଏକର ମୂଲ୍ୟବାନ ଜମି ମହାପ୍ରଭୁଙ୍କ ଖାତାକୁ ଫେରିଛି। ଗତ ଅକ୍ଟୋବର ୨୩ ତାରିଖରେ କୋଣାର୍କର ୧୧ ଏକର ଜମି ଉପରେ ନାଲି ପତାକା ପୋତାଯାଇଥିଲା। ସେହିପରି ସମଙ୍ଗରେ ଦଖଲରେ ଥିବା ୪୫ ଏକର ଜମି ମଧ୍ୟ ଶ୍ରୀମନ୍ଦିର ନାଁକୁ ଫେରିଛି। ଏହାସହ ତାଳବଣିଆ କୁଣ୍ଡେଇବେଣ୍ଟ ମୌଜାର ପ୍ରାୟ ୨ ଏକର ଜମି ସମେତ ଅନେକ ନଟ୍ ଫାଇନାଲ୍ ଜମିକୁ ନେଇ ମଧ୍ୟ ଶ୍ରୀମନ୍ଦିର ସପକ୍ଷରେ ରାୟ ଆସିଛି। ଗତ କିଛି ମାସ ମଧ୍ୟରେ ବିଭିନ୍ନ ତହସିଲ ଅଧୀନରେ ଥିବା ପ୍ରାୟ ୨ ହଜାର ଏକର ଜମି ମହାପ୍ରଭୁଙ୍କ ନାମକୁ ଫେରାଇ ଅଣାଯାଇଥିବା କୁହାଯାଉଛି। ତେବେ ଏହି ପ୍ରକ୍ରିୟା ଭିତରେ ଦୀର୍ଘବର୍ଷ ଧରି ଜମି ଦଖଲରେ ଥିବା ଲୋକଙ୍କ ସ୍ୱତ୍ୱାଧିକାର ଓ କ୍ଷତିକୁ ନେଇ ପ୍ରଶ୍ନ ଉଠିଛି। ଏଥିପାଇଁ ସରକାର ଜମି ସେଟଲମେଣ୍ଟ ନିୟମାବଳୀ ୨୦୨୬ ପ୍ରସ୍ତୁତ କରିଛନ୍ତି। ଆଇନଜୀବୀଙ୍କ ମତରେ, ୩୦ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ସର୍ତ୍ତରେ ପ୍ରଜାସ୍ୱତ୍ୱ ଦେବାର ବ୍ୟବସ୍ଥା ରହିଛି। ଜଗନ୍ନାଥ ମନ୍ଦିର ଜମି ସେଟଲମେଣ୍ଟ ଆଇନ ଅନୁଯାୟୀ, ୩୦ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ବ୍ୟକ୍ତିଙ୍କୁ ସରକାରୀ ବେଞ୍ଚମାର୍କ ମୂଲ୍ୟର ୧୦ ପ୍ରତିଶତ ଅର୍ଥ ପୈଠ କରିବାକୁ ପଡ଼ିବ। ଏହାଦ୍ୱାରା ଶ୍ରୀମନ୍ଦିରର ଜମି ସମ୍ପତ୍ତି ସୁରକ୍ଷିତ ହେବା ସହ ରାଜସ୍ୱ ଆୟ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଭାବେ ଯୋଗଦେଲେ ସ୍ମିତା କର



ଭୁବନେଶ୍ୱର, ୦୩/୧୧ ନ୍ୟୁଜ ବ୍ୟୁରୋ

ଶ୍ରୀମତୀ ସ୍ମିତା କର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଭାବେ ଯୋଗ ଦେଇଛନ୍ତି। ଶ୍ରୀମତୀ କର ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପାଇବା ପରେ ସେ ଏହି ଦାୟିତ୍ୱ ନିର୍ବାହ କରିବେ। ସେହିପରି ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର ପଦୋନ୍ନତି ପାଇ ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଭୟ ଅଧିକାରୀଙ୍କୁ ଭେଟି ସୂଚନା ସେବା ସଂଘର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବିଭାଗର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦୃଢ଼ ପ୍ରୟାସ କରିବେ ବୋଲି ଶ୍ରୀମତୀ କର ଓ ଶ୍ରୀମତୀ ମହାପାତ୍ର କହିଛନ୍ତି।

ଦାଦନ ଶ୍ରମିକଙ୍କୁ ଉଦ୍ଧାର ପରେ ଥଇଥାନ ଜରୁରୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩/୧୧

ବନ୍ଧକ ଶ୍ରମ ପ୍ରଥା ବା ଦାଦନରୁ ମୁକ୍ତି ପାଇଁ କେବଳ ଶ୍ରମିକଙ୍କୁ ଉଦ୍ଧାର କରିଦେଲେ ହେବ ନାହିଁ। ସେମାନଙ୍କୁ ସମ୍ମାନଜନକ ଜୀବନ ଓ ସ୍ଥାୟୀ ପୁନର୍ବାସ ଯୋଗାଇଦେବା ମଧ୍ୟ ଅତ୍ୟନ୍ତ ଜରୁରୀ। ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏହା କହିଛନ୍ତି ସୁପ୍ରିମକୋର୍ଟ। ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର ପରେ ଯଦି ଠିକ୍ ସମୟରେ ଆର୍ଥିକ ସହାୟତା ଓ ଅର୍ଥପୂର୍ଣ୍ଣ ପୁନର୍ବାସ ମିଳିବ ନାହିଁ, ତେବେ ଆର୍ଥିକ ଅନଟନ ଯୋଗୁଁ ସେମାନେ ପୁଣିଥରେ ଶୋଷଣର ଶିକାର ହୋଇ ବନ୍ଧକ ଶ୍ରମ ପ୍ରଥାକୁ ଫେରିବାକୁ ବାଧ୍ୟ ହୋଇପାରନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଏବଂ ପ୍ରଯୁଜ୍ୟ ପୁନର୍ବାସ ଯୋଜନାକୁ ୬ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ବନ୍ଧକ ଶ୍ରମ ପ୍ରଥାକୁ ନିଷିଦ୍ଧ କରିବା ଭାରତୀୟ ସମ୍ବିଧାନରେ ଉଲ୍ଲେଖିତ ମାନବୀୟ ମର୍ଯ୍ୟାଦାର ସବୁଠାରୁ ମୌଳିକ ନିଶ୍ଚିତତା ମଧ୍ୟରୁ ଅନ୍ୟତମ। ଖଣ୍ଡପୀଠ କହିଛନ୍ତି, କେବଳ ଉଦ୍ଧାର କରିବା ଦ୍ୱାରା ବନ୍ଧକ ଶ୍ରମରୁ ସ୍ଥାୟୀ ମୁକ୍ତି ସମ୍ଭବ ନୁହେଁ। ଯଦି ଏହି ମୁକ୍ତି ସହିତ ଠିକ୍ ସମୟରେ ଆର୍ଥିକ ସହାୟତା ଓ ଅର୍ଥପୂର୍ଣ୍ଣ ପୁନର୍ବାସ ବ୍ୟବସ୍ଥା ନ ରହେ, ତେବେ ଆର୍ଥିକ ଆବଶ୍ୟକତା ଯୋଗୁଁ ଶୋଷଣରୁ ମୁକ୍ତ ହୋଇଥିବା ଶ୍ରମିକମାନେ ପୁଣି ସେହି ପରିସ୍ଥିତିକୁ ଫେରିବାକୁ ବାଧ୍ୟ ହୋଇପାରନ୍ତି, ଯେଉଁଥିରୁ ସେମାନଙ୍କୁ ରକ୍ଷା କରିବା ପାଇଁ ଆଇନ ପ୍ରଣୟନ କରାଯାଇଛି। କୋର୍ଟ ଆହୁରି କହିଛନ୍ତି, ରାଜ୍ୟର ଦାୟିତ୍ୱ କେବଳ ଶ୍ରମିକଙ୍କୁ ଶାରୀରିକ ଭାବେ ମୁକ୍ତ କରିବାରେ ସୀମିତ ନୁହେଁ। ବରଂ ସେମାନଙ୍କ ସ୍ୱାଧୀନତା ଯେପରି ଅର୍ଥପୂର୍ଣ୍ଣ, ସ୍ଥାୟୀ ଏବଂ ସମ୍ମାନଜନକ ଜୀବନଯାପନ ପାଇଁ ଆବଶ୍ୟକ ସାଧନ ସହ ଜଡ଼ିତ ହୋଇପାରିବ, ତାହା ସୁନିଶ୍ଚିତ କରିବା ମଧ୍ୟ ରାଜ୍ୟର ଦାୟିତ୍ୱ। ସମ୍ବିଧାନରେ ବନ୍ଧକ ଶ୍ରମ ପ୍ରଥା ବିରୋଧରେ ଥିବା ନିଷେଧାଦେଶ ଏବଂ ଏହାର କାର୍ଯ୍ୟକାରିତା ପାଇଁ ପ୍ରଣୀତ ଆଇନଗତ ବ୍ୟବସ୍ଥା କେବଳ କାଗଜକଲମରେ ସୀମିତ ରହିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ସମ୍ମାନଜନକ ଜୀବନଯାପନ ପାଇଁ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇନଥିଲେ, ଜଣେ ବନ୍ଧକ ଶ୍ରମିକଙ୍କୁ ମୁକ୍ତ କରିବାକୁ ରାଜ୍ୟର ଦାୟିତ୍ୱର ସମାପ୍ତି ବୋଲି ଧରାଯାଇପାରିବ ନାହିଁ। ତେଣୁ ବନ୍ଧକ ଶ୍ରମିକଙ୍କ ଚିହ୍ନଟ, ମୁକ୍ତି ଓ ପୁନର୍ବାସକୁ ଏକ ନିରନ୍ତର ସାମ୍ବିଧାନିକ ଦାୟିତ୍ୱର ପରସ୍ପର ସଂଯୁକ୍ତ ପର୍ଯ୍ୟାୟ ଭାବେ ବିଚାର କରାଯିବା ଉଚିତ। ବନ୍ଧକ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର ଓ ପୁନର୍ବାସକୁ ନେଇ ସୁପ୍ରିମକୋର୍ଟ ଏକାଧିକ ନିର୍ଦ୍ଦେଶ ଜାରି କରିଛନ୍ତି। ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଆଇନ, ୧୯୭୬ ଏବଂ ପ୍ରଯୁଜ୍ୟ ପୁନର୍ବାସ ଯୋଜନା ଅନୁଯାୟୀ ସାମ୍ବିଧାନିକ ଓ ଆଇନଗତ ଦାୟିତ୍ୱର କାର୍ଯ୍ୟକାରିତା ଦାବି କରି ବନ୍ଧକ ଶ୍ରମରୁ ମୁକ୍ତ ହୋଇଥିବା ସୁରେନ୍ଦ୍ର ମାଞ୍ଝୀଙ୍କ ଦ୍ୱାରା ଦାଏର ଏକ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

୨୬-୨୭ର ପ୍ରଥମାର୍ଦ୍ଧରେ ବ୍ୟବସାୟ ଓ ଲାଭ ଅର୍ଜନ କ୍ଷେତ୍ରରେ ନାଲ୍କୋର ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର/ନୂଆଦିଲ୍ଲୀ, ୦୩/୧୧ ନ୍ୟୁଜ ବ୍ୟୁରୋ



ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ 'ନବରତ୍ନ' ଲୋକ ଉଦ୍ୟୋଗ 'ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲ୍କୋ), ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନିଜର ସର୍ବକାଳୀନ ଶ୍ରେଷ୍ଠ ଆର୍ଥିକ ପ୍ରଦର୍ଶନ କରିଛି। କମ୍ପାନୀ ମୋଟ ଆୟ, ଏବିଟା, କର ପୂର୍ବ ଲାଭ ଏବଂ କର ପରବର୍ତ୍ତୀ ଲାଭ ସମେତ ସମସ୍ତ ପ୍ରମୁଖ ଆର୍ଥିକ ମାନଦଣ୍ଡରେ ରେକର୍ଡ ହାସଲ କରିଛି। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀର ମୋଟ୍ ଆୟ ୧୧,୧୪୩ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ସମାନ ଅବଧିରେ ୮,୩୭୪ କୋଟି ଟଙ୍କା ଥିଲା, ଅର୍ଥାତ୍ ଏଥିରେ ୩୩%ର ଦୃଢ଼ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଦୃଢ଼ କାର୍ଯ୍ୟଦକ୍ଷତା ଓ ଆର୍ଥିକ ପ୍ରଦର୍ଶନ ଦ୍ୱାରା ଏବିଟା ୫୦% ବୃଦ୍ଧି ପାଇ ୫,୫୩୯ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ କର ପୂର୍ବ ଲାଭ ଏବଂ କର ପରବର୍ତ୍ତୀ ଲାଭ ଯଥାକ୍ରମେ ୫୫% ଓ ୫୪% ବୃଦ୍ଧି ପାଇ ୫,୧୬୦ କୋଟି ଟଙ୍କା ଏବଂ ୩,୮୩୭ କୋଟି ଟଙ୍କାରେ ପହଞ୍ଚିଛି। ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭ ୨୮% ବୃଦ୍ଧି ଘଟି ୧,୮୩୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧,୪୩୩ କୋଟି ଟଙ୍କା ଥିଲା। ନୂଆଦିଲ୍ଲୀରେ ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଅନୁମୋଦିତ ଅପରିକ୍ଷିତ ଆର୍ଥିକ ଫଳାଫଳ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ପରିଚାଳନାଗତ ମୋଟ ଆୟ ୨୬% ବୃଦ୍ଧି ଘଟି ୫,୪୧୯ କୋଟି ଟଙ୍କାରେ ପହଞ୍ଚିଛି; ଯାହା ବିଗତ ଆର୍ଥିକ ବର୍ଷର ସମାନ ସମୟରେ ୪,୨୯୨ କୋଟି ଟଙ୍କା ଥିଲା। ଏହି ଫଳାଫଳ ନାଲ୍କୋର ନିରନ୍ତର ପରିଚାଳନାଗତ ଉତ୍କର୍ଷତା ଏବଂ ସୁଦୃଢ଼ ବ୍ୟବସାୟିକ ପ୍ରଦର୍ଶନ ଦ୍ୱାରା ସମ୍ଭବ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଉତ୍ପାଦନ କ୍ଷେତ୍ରରେ, ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ୨.୩୫ ଲକ୍ଷ ଟନ୍ ଆଲୁମିନିୟମ୍ ଧାତୁ ଉତ୍ପାଦନ କରିଛି, ଯାହା ସର୍ବକାଳୀନ ସର୍ବାଧିକ ଅର୍ଦ୍ଧବାର୍ଷିକ ଉତ୍ପାଦନ ଅଟେ। ସେହିପରି, ବିକ୍ରୟ କ୍ଷେତ୍ରରେ ମଧ୍ୟ, ଚଳିତ ପ୍ରଥମାର୍ଦ୍ଧରେ କମ୍ପାନୀ ଆଲୁମିନା ଏବଂ ଧାତୁର ସର୍ବାଧିକ ଘରୋଇ ବିକ୍ରୟର ରେକର୍ଡ ହାସଲ କରିଛି। କମ୍ପାନୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ୪.୫୦ ଟଙ୍କାର ଅନ୍ତରୀଣ ଲାଭାଂଶ ମଧ୍ୟ ଘୋଷଣା କରିଛି, ଯାହାର ମୋଟ ପରିମାଣ ୮୨୬.୪୮ କୋଟି ଟଙ୍କା ଅଟେ। ଫଳାଫଳ ସମ୍ବନ୍ଧରେ ନିଜର ମତ ରଖି ନାଲ୍କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକ ତଥା ପ୍ରଥମାର୍ଦ୍ଧରେ କମ୍ପାନୀର ଦୃଢ଼ ପ୍ରଦର୍ଶନ, ଉତ୍ତମ କାର୍ଯ୍ୟଦକ୍ଷତା ତଥା ଉତ୍ପାଦନ, ଅନୁକୂଳ ବଜାର ପରିସ୍ଥିତି ଏବଂ ରଣନୀତିକ ବିପଣନ ଦ୍ୱାରା ସମ୍ଭବ ହୋଇପାରିଛି। କମ୍ପାନୀର ଆଗାମୀ ଯୋଜନା ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଛନ୍ତି ଯେ, ନାଲ୍କୋ ନିଜର ସମ୍ପ୍ରସାରଣ ପଦକ୍ଷେପଗୁଡ଼ିକ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ, ଆଲୁମିନା ରିଫାଇନାରୀର '୫ମ ଷ୍ଟ୍ରିମ୍ ସମ୍ପ୍ରସାରଣ' କାର୍ଯ୍ୟ ପରିସମାପ୍ତି ପର୍ଯ୍ୟାୟର ନିକଟତର ହୋଇଛି ଏବଂ ଓଡ଼ିଶାର ଅନୁଗୋଳ ଠାରେ ପ୍ରସ୍ତାବିତ ୦.୫ ଏମଟିପିଏ କ୍ଷମତା ବିଶିଷ୍ଟ 'ବ୍ରାଉନଫିଲ୍ଡ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ' ପାଇଁ ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ଆଗେଇ ଚାଲିଛି। ଶ୍ରୀ ସିଂହ ଆହୁରି ମଧ୍ୟ କହିଛନ୍ତି, 'ଆମେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ପ୍ରକଳ୍ପ ଏବଂ କ୍ଷମତା ବୃଦ୍ଧି ଯୋଜନାଗୁଡ଼ିକୁ ଆଗକୁ ବଢ଼ାଉଥିବା ବେଳେ, ଦେଶର ଶିଳ୍ପ ବିକାଶରେ ଯୋଗଦାନ ଦେବା ସହ ସମସ୍ତ ଅଂଶୀଦାରଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।' ଶ୍ରୀ ସିଂହ କମ୍ପାନୀର ନିରନ୍ତର ଅଭିବୃଦ୍ଧି ଏବଂ ସୁଦୃଢ଼ ଆର୍ଥିକ ପ୍ରଦର୍ଶନ ପାଇଁ କର୍ମଚାରୀମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତା, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଆଣିବା ଦିଗରେ କ୍ରମାଗତ ଉନ୍ନତି ଏବଂ ଅଂଶୀଦାରମାନଙ୍କ ଅଟଳ ବିଶ୍ୱାସକୁ ଶ୍ରେୟ ଦେଇଛନ୍ତି। ଏହା ସହିତ, ନାଲ୍କୋର ରଣନୀତିକ ଲକ୍ଷ୍ୟ ଏବଂ ଅଭିବୃଦ୍ଧିମୂଳକ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବାରେ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ଯୋଗାଇଥିବାରୁ ସେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଭୁବନେଶ୍ୱର : ସ୍ଥାନୀୟ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଲା ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ରଙ୍କ ପାର୍ଥିବ ଶରୀର। ତାଙ୍କର ମରଶରୀରକୁ ସ୍ୱତନ୍ତ୍ର ବିମାନଯୋଗେ ଦିଲ୍ଲୀ ଏମ୍ସରୁ ଭୁବନେଶ୍ୱର ଅଣାଯାଇଛି। ଏୟାରପୋର୍ଟରେ ଉପସ୍ଥିତ ଥିଲେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ। ଗତ ସୋମବାର ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ବିମାନବନ୍ଦର ଠାରେ ତାଙ୍କର ମରଶରୀର ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର। ବିମାନବନ୍ଦରରୁ ଘରୋଇ ବିଶ୍ୱବିଦ୍ୟାଳୟ ଯାଇଥିଲା ମରଶରୀର। ଶେଷ ଦର୍ଶନ କରିଛନ୍ତି ବିଧାୟକ, ଶୁଭେଚ୍ଛୁ ଓ ସମର୍ଥକ। ପରେ ପୁରୀ ସ୍ୱର୍ଗଦ୍ୱାରରେ ହୋଇଛି ଅନ୍ତିମ ସଂସ୍କାର।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୩/୧୧/୨୦୨୬
୩,୪୪,୪୧୯/-ଟଙ୍କା
ସୁନା:- ୦୦ ଗ୍ରାମ୍ ୦୧୦ ମିଲିଗ୍ରାମ
ରୂପା:- ୧୨ ଗ୍ରାମ୍ ୫୦୦ ମିଲିଗ୍ରାମ୍

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଏଲ୍‌ଓସି ସଂଶୋଧନ ପାଇଁ ଖୋଲିଲା ୱିଣ୍ଡୋ : ଆସନ୍ତା ୭ ଶେଷ ତାରିଖ

ନୂଆଦିଲ୍ଲୀ, ୩/୧୧

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ), ୨୦୨୬-୨୭ ଶିକ୍ଷାବର୍ଷରେ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ଏକ ଶେଷ ସୁଯୋଗ ଦେଇଛି। ଛାତ୍ରଛାତ୍ରୀଙ୍କ ପରୀକ୍ଷା ସମ୍ବନ୍ଧୀୟ ରେକର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ବୋର୍ଡ ପକ୍ଷରୁ ଲିଷ୍ଟ ଅଫ୍ କ୍ୟାଣ୍ଡିଡେଟ୍ସ (ଏଲ୍‌ଓସି) ସଂଶୋଧନ ୱିଣ୍ଡୋ ଖୋଲାଯାଇଛି। ଏଥିପାଇଁ ନଭେମ୍ବର ୭ ତାରିଖକୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ସମୟ ମଧ୍ୟରେ ସ୍କୁଲଗୁଡ଼ିକ ଛାତ୍ରଛାତ୍ରୀଙ୍କ ନାମ, ବାପା ଓ ମାଆଙ୍କ ନାମ, ଜନ୍ମ ତାରିଖ ଏବଂ ଚୟନ କରିଥିବା ବିଷୟରେ ଥିବା ତ୍ରୁଟି ସଂଶୋଧନ କରିପାରିବେ। ଏହା ରେକର୍ଡ ସଂଶୋଧନର ଶେଷ ସୁଯୋଗ ବୋଲି ସିବିଏସ୍‌ଇ ସ୍ପଷ୍ଟ କରିଛି। ଧାର୍ଯ୍ୟ ସମୟସୀମା ପରେ ଆଉ କୌଣସି ସଂଶୋଧନକୁ ଅନୁମତି ଦିଆଯିବ ନାହିଁ। ତେଣୁ ସମସ୍ତ ତଥ୍ୟକୁ ଭଲ ଭାବେ ଯାଞ୍ଚ କରିବାକୁ ସ୍କୁଲ ଓ ଅଭିଭାବକଙ୍କୁ ବୋର୍ଡ ପରାମର୍ଶ ଦେଇଛି। ଏ ସମ୍ପର୍କରେ ଜାରି ଏକ ସର୍କୁଲାରରେ ସିବିଏସ୍‌ଇ କହିଛି ଯେ, ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଏଲ୍‌ଓସିରେ ସଠିକ୍ ତଥ୍ୟ ରହିବା ଅତ୍ୟନ୍ତ ଜରୁରୀ। ଏନେଇ ବୋର୍ଡ ପୂର୍ବରୁ ୧୭ ସେପ୍ଟେମ୍ବର ୨୦୨୬ରେ ଏକ ନୋଟିସ୍ ଜାରି କରିଥିଲା। ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ, ଏଲ୍‌ଓସି ଦାଖଲ କରିବା ପରେ ସ୍କୁଲଗୁଡ଼ିକ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଡାଟା ଭେରିଫିକେସନ୍ ସ୍ଲିପ୍ ପ୍ରସ୍ତୁତ କରିବେ। ଏହି ସ୍ଲିପ୍‌ରେ ଥିବା ତଥ୍ୟକୁ ଛାତ୍ରଛାତ୍ରୀ ଓ ଅଭିଭାବକ ଯାଞ୍ଚ କରିପାରିବେ। ଯଦି କୌଣସି ତ୍ରୁଟି ଥିବା ଜଣାପଡ଼େ, ତେବେ ଧାର୍ଯ୍ୟ ସମୟ ମଧ୍ୟରେ ନିଜ ନିଜ ସ୍କୁଲ ଜରିଆରେ ଏହାକୁ ସଂଶୋଧନ କରାଇପାରିବେ। ବ୍ୟକ୍ତିଗତ ତଥ୍ୟ ଯାଞ୍ଚ ଉପରେ ବୋର୍ଡ ବିଶେଷ ଗୁରୁତ୍ୱ ଦେଇଛି। ଜନ୍ମ ତାରିଖରେ ଥିବା ତ୍ରୁଟି ମଧ୍ୟ ସଂଶୋଧନ କରାଯାଇପାରିବ। ଅଭିଭାବକମାନେ ସମସ୍ତ ବ୍ୟକ୍ତିଗତ ତଥ୍ୟକୁ ଭଲ ଭାବେ ଯାଞ୍ଚ କରିବା ସହ ନାମର ବନାନ ଏବଂ ଅନ୍ୟାନ୍ୟ ସୂଚନାକୁ ସମ୍ପୃକ୍ତ ଦସ୍ତାବିଜ ସହ ମେଳ କରିବାକୁ ସିବିଏସ୍‌ଇ ପରାମର୍ଶ ଦେଇଛି। ଏହାଦ୍ୱାରା ଭବିଷ୍ୟତରେ ମାର୍କସିଟ୍ କିମ୍ବା ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରସ୍ତୁତି ସମୟରେ ସମସ୍ୟା ହେବ ନାହିଁ। ଛାତ୍ରଛାତ୍ରୀଙ୍କ ନାମ ଲେଖିବା ନେଇ ମଧ୍ୟ ବୋର୍ଡ କିଛି ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିଛି। ଏଲ୍‌ଓସିରେ ନାମର ସଂକ୍ଷିପ୍ତ ରୂପ ବ୍ୟବହାର ନକରି ପୂରା ନାମ ଲେଖିବାକୁ ସ୍କୁଲଗୁଡ଼ିକୁ କୁହାଯାଇଛି। ଭବିଷ୍ୟତରେ ବିଦେଶ ଯାତ୍ରା କରିବାକୁ ଯୋଜନା ରଖିଥିବା ଛାତ୍ରଛାତ୍ରୀମାନେ ନିଜ ନାମ ସହ ସରନେମ୍ ବା ଉପନାମ ଠିକ୍ ଭାବେ ଉଲ୍ଲେଖ କରିବା ଉଚିତ ବୋଲି ସିବିଏସ୍‌ଇ ପରାମର୍ଶ ଦେଇଛି। କାରଣ ଅନେକ ଦେଶରେ ସରକାରୀ ଦସ୍ତାବିଜ ପାଇଁ ସରନେମ୍ ଆବଶ୍ୟକ ହୋଇଥାଏ। ଯେଉଁ ଛାତ୍ରଛାତ୍ରୀଙ୍କ ପାସପୋର୍ଟ ପ୍ରସ୍ତୁତ ହୋଇସାରିଛି, ସେମାନଙ୍କ ଅଭିଭାବକମାନେ ଏଲ୍‌ଓସିରେ ଉଲ୍ଲେଖ ହୋଇଥିବା ତଥ୍ୟକୁ ପାସପୋର୍ଟରେ ଥିବା ତଥ୍ୟ ସହ ମେଳ କରି ଯାଞ୍ଚ କରିବାକୁ ବୋର୍ଡ କହିଛି। ଏହାଦ୍ୱାରା ସମସ୍ତ ସରକାରୀ ଦସ୍ତାବିଜରେ ତଥ୍ୟର ସମାନତା ରହିପାରିବ। ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜେ ଚୟନ କରିଥିବା ବିଷୟଗୁଡ଼ିକୁ ମଧ୍ୟ ଯତ୍ନର ସହ ଯାଞ୍ଚ କରିବାକୁ କୁହାଯାଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଜଣ୍ଡିସ୍ ଆତଙ୍କ

ଭୁବନେଶ୍ୱର, ୩/୧୧ ନ୍ୟୁଜ ବ୍ୟୁରୋ

ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରେ ଜଣ୍ଡିସ୍ ଚିନ୍ତା। ୭ ନମ୍ବର ଛାତ୍ରୀନିବାସର ଦୁଇ ଜଣ ଛାତ୍ରୀଙ୍କ ରକ୍ତ ନମୁନା ପରୀକ୍ଷାରୁ ଜଣ୍ଡିସ୍ ପଜିଟିଭ୍ ଆସିବା ପରେ ତତ୍ପର ହୋଇଛି ବିଶ୍ୱବିଦ୍ୟାଳୟ ପ୍ରଶାସନ। ସବୁ ହଷ୍ଟେଲ୍‌ରେ ଯାଞ୍ଚ ହେବା ସହ ପାଣିର ନମୁନା ସଂଗ୍ରହ କରାଯାଇଛି। ଏପରିକି ଗୁପଚୁପ୍, ଚାଟ୍ ଓ ଫାଷ୍ଟଫୁଡ୍ ଭଳି ବାହାର ଖାଦ୍ୟ ଉପରେ ଲାଗିଛି କଟକଣା। ଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ମିଡ୍ ଟର୍ମ ପରୀକ୍ଷା ମଧ୍ୟ ଦୁଇ ଦିନ ଘୁଞ୍ଚାଇ ଦିଆଯାଇଛି।



ବିଚାରାଧୀନ କଏଦୀଙ୍କୁ ବ୍ରାଉନସୁଗାର ମାମଲାରେ ଫସାଇବାକୁ ଚାପ !



କଟକ, ୦୩/୧୧ ନ୍ୟୁଜ ବ୍ୟୁରୋ

ଜେଲ୍ ବିଭାଗକୁ ନେଇ ପୁଣି ଏକ ନୂଆ ବିବାଦ ସାମ୍ନାକୁ ଆସିଛି। ଜଣେ ବିଚାରାଧୀନ କଏଦୀଙ୍କୁ ବ୍ରାଉନସୁଗାର ମାମଲାରେ ଫସାଇବା ପାଇଁ ଚାପ ପକାଯାଇଥିବା ଅଭିଯୋଗ ଆଣିଛନ୍ତି ନିଲମ୍ବିତ ବାଲେଶ୍ୱର ଜେଲର ପ୍ରଦୀପ୍ତ କୁମାର ମହାଳିକ। ଏହି ବେଆଇନ ନିର୍ଦ୍ଦେଶ ପାଳନ କରିବାକୁ ମନା କରିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ସେ ଦାବି କରିଛନ୍ତି। ଏହି ଅଭିଯୋଗରେ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ନାମ ଆସିବା ପରେ ଘଟଣାଟି ନୂଆ ମୋଡ଼ ନେଇଛି। ପ୍ରଦୀପ୍ତ ମହାଳିକଙ୍କ ଅଭିଯୋଗ ଅନୁସାରେ, ବାଲେଶ୍ୱର ଜେଲରେ ଥିବା ବିଚାରାଧୀନ ବନ୍ଦୀ ରାଜୀବ ଲୋଚନ ସାହୁଙ୍କୁ ବ୍ରାଉନସୁଗାର ମାମଲାରେ ଫସାଇବା ପାଇଁ ତତ୍କାଳୀନ ଜେଲ୍ ଡିଜି ସୁଶାନ୍ତ ନାଥ ଚାପ ପକାଇଥିଲେ। ଏଥିପାଇଁ ଭୁବନେଶ୍ୱରର ତତ୍କାଳୀନ ଜେଲ୍ ଅଧୀକ୍ଷକ ସର୍ବେଶ୍ୱର ସାହୁଙ୍କ ମାଧ୍ୟମରେ ତାଙ୍କ ନିକଟକୁ ନିର୍ଦ୍ଦେଶ ପଠାଯାଇଥିବା ସେ ନିଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେବେ ଏଭଳି ନିୟମବିରୋଧୀ କାର୍ଯ୍ୟ କରିବାକୁ ସେ ରାଜି ହୋଇନଥିଲେ। ଜେଲ୍ ଡିଜିଙ୍କ ପକ୍ଷରୁ ଚାପ ଓ ପ୍ରଲୋଭନ ଦିଆଯାଇଥିଲେ ମଧ୍ୟ ଆଇନ ବିରୋଧୀ କାର୍ଯ୍ୟ କରିବାକୁ ସେ ମନା କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ସମ୍ପର୍କରେ ନଭେମ୍ବର ୨ ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ସମଗ୍ର ଘଟଣା ଜଣାଇଛନ୍ତି ପ୍ରଦୀପ୍ତ ମହାଳିକ। ଏଥିସହ ଅକ୍ଟୋବର ୧୩ ତାରିଖରେ ଜାରି ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ସେ ଗୃହ ବିଭାଗ ନିକଟରେ ନିବେଦନ କରିଛନ୍ତି। ତେବେ ଜଣେ ବିଚାରାଧୀନ ବନ୍ଦୀଙ୍କୁ ମିଥ୍ୟା ମାମଲାରେ ଫସାଇବା ପାଇଁ ପ୍ରକୃତରେ କୌଣସି ଚାପ ପ୍ରୟୋଗ କରାଯାଇଥିଲା କି ନାହିଁ ଏବଂ ଏହି ଅଭିଯୋଗର ସତ୍ୟତା କେତେ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।



୪୦ କୋଟିର ପାଠାଗାର ଉଦ୍‌ଘାଟନ ପରେ ବି ଝୁଲୁଛି ତାଲା

କଟକ, ୦୩/୧୧ ନ୍ୟୁଜ ବ୍ୟୁରୋ

କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ, ଆଧୁନିକ ସୁବିଧାର ପ୍ରତିଶ୍ରୁତି ଏବଂ ଆଡ଼ମ୍ବରପୂର୍ଣ୍ଣ ଉଦ୍‌ଘାଟନ। ହେଲେ ଏତେସବୁ ପରେ ବି ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିପାରୁନି ପାଠାଗାରର ଦ୍ୱାର। ଫଳରେ ଜନସାଧାରଣଙ୍କ ଟିକସ ଅର୍ଥରେ ନିର୍ମିତ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଭିତ୍ତିକ ପ୍ରକଳ୍ପ ଏବେ ଅବ୍ୟବହୃତ ହୋଇ ପଡ଼ିରହିଛି। ଏହା ହେଉଛି କଟକ ବାଦାମବାଡ଼ିସ୍ଥିତ ଅନୁଗୁଳ-ପୁରୀ ବସ୍‌ଷ୍ଟାଣ୍ଡ ପରିସରରେ ୪୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ରାଜ୍ୟର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଓ ଗବେଷଣା କେନ୍ଦ୍ର। ଗତ ଜୁଲାଇ ୧୪ ତାରିଖରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ପାଠାଗାରର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ଏହାକୁ ଛାତ୍ରଛାତ୍ରୀ, ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ ଓ ଗବେଷକଙ୍କ ପାଇଁ ଏକ ଉତ୍କୃଷ୍ଟ ଅଧ୍ୟୟନ କେନ୍ଦ୍ର ଭାବେ ଦେଖାଯାଇଥିଲା। କିନ୍ତୁ ଉଦ୍‌ଘାଟନର ତିନି ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପାଠାଗାରଟି ସାଧାରଣ ବ୍ୟବହାର ପାଇଁ ଖୋଲାଯାଇନାହିଁ। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, ଏହି ଅତ୍ୟାଧୁନିକ ପାଠାଗାରରେ ଏକକାଳୀନ ୧୭୦୦ରୁ ଅଧିକ ଛାତ୍ରଛାତ୍ରୀ ବସି ଅଧ୍ୟୟନ କରିବାର ସୁବିଧା ରହିଛି। ପ୍ରଶାସନିକ ସେବା, ବ୍ୟାଙ୍କିଂ, ରେଳବାଇ ସମେତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ପାଇଁ ଏହା ଛାତ୍ରଛାତ୍ରୀଙ୍କୁ ଏକ ଉନ୍ନତ ପରିବେଶ ଯୋଗାଇଦେଇପାରିଥାନ୍ତା। ବିଶେଷକରି ଆର୍ଥିକ ଅନଟନ ଯୋଗୁଁ ଘରେ ଉପଯୁକ୍ତ ପଢ଼ିବା ପରିବେଶ ପାଇପାରୁନଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏହା ବେଶ୍ ସହାୟକ ହୋଇଥାନ୍ତା। କିନ୍ତୁ ପାଠାଗାର ଖୋଲିବାରେ ବିଳମ୍ବ ଯୋଗୁଁ ଏହି ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି। ପ୍ରଶ୍ନ ଉଠୁଛି, ଯେତେବେଳେ ପାଠାଗାର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଉଦ୍‌ଘାଟନ କରାଗଲା, ସେତେବେଳେ ଏହାର ପରିଚାଳନା ପାଇଁ ଆବଶ୍ୟକ ପ୍ରସ୍ତୁତି କାହିଁକି ଶେଷ ହୋଇନଥିଲା। ପାଠାଗାର ପାଇଁ କର୍ମଚାରୀ ନିଯୁକ୍ତି, ପୁସ୍ତକ ସଂଗ୍ରହ, ପରିଚାଳନା ବ୍ୟବସ୍ଥା, ପାଠକଙ୍କ ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କାହିଁକି ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରାଗଲା ନାହିଁ? ଏହି ସବୁ ପ୍ରସଙ୍ଗ ଏବେ ପ୍ରଶାସନିକ ପ୍ରସ୍ତୁତି ଓ ଦୂରଦୃଷ୍ଟିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ କୋଠା ନିର୍ମାଣ ଓ ଉଦ୍‌ଘାଟନ କରିଦେଲେ କୌଣସି ଜନହିତକର ପ୍ରକଳ୍ପର ଉଦ୍ଦେଶ୍ୟ ସାଧିତ ହୁଏନାହିଁ। ଏହାର ସଠିକ୍ ପରିଚାଳନା ଓ ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧତା ହିଁ ପ୍ରକଳ୍ପର ସଫଳତାର ପ୍ରକୃତ ମାପକାଠି। ତେଣୁ ୪୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପାଠାଗାର ଯଦି ଛାତ୍ରଛାତ୍ରୀଙ୍କ କାମରେ ନ ଆସେ, ତେବେ ଏତେ ବିପୁଳ ଅର୍ଥ ବ୍ୟୟର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏବେ ସମସ୍ତଙ୍କ ନଜର ନଗର ଉନ୍ନୟନ ବିଭାଗ ଓ ସମ୍ପୃକ୍ତ ପ୍ରଶାସନ ଉପରେ। ପାଠାଗାର ଖୋଲିବାରେ ପ୍ରକୃତ ବାଧା କେଉଁଠି? ଏଥିପାଇଁ କିଏ ଦାୟୀ? ଆଉ କେତେଦିନ ଏହା ବନ୍ଦ ରହିବ? ପ୍ରଶାସନ କେବେ ଏହାର ଉତ୍ତର ରଖିବ ଏବଂ ଛାତ୍ରଛାତ୍ରୀ କେବେଠାରୁ ଏହାର ସୁବିଧା ପାଇବେ ଏହି ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ସହ ତୁରନ୍ତ ପାଠାଗାର ଖୋଲିବାକୁ ଜନସାଧାରଣରେ ଦାବି ଜୋର ଧରିଛି।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com